EKAMAATRA

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୪ ସଂଖ୍ୟା-୪୯ ୨୧ - ୨୭ ଡିସେମ୍ବର, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-49 21st - 27th DECEMBER, 2020 BHUBANESWAR ₹ 5/- (8 Pages)

### ରାଜ୍ୟ ସରକାରଙ୍କୁ ଏନ୍‌ସିପିସିଆରଙ୍କ ସୁପାରିସ

## କେନ୍ଦ୍ରୀୟ ସଂସ୍ଥାକୁ ତଦନ୍ତ ଦାୟିତ୍ୱ ଦିଅ

**ଭୁବନେଶ୍ୱର :** କ୍ରାଇମ୍‌ବ୍ରାଞ୍ଚର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ପରୀ ଅପହରଣ ଓ ହତ୍ୟାକାଣ୍ଡର ତଦନ୍ତ କରୁଛନ୍ତି। ତଦନ୍ତକୁ ନେଇ ଆଶଙ୍କା ଓ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ବାସ୍ତବରେ ପରୀକୁ ନ୍ୟାୟ ମିଳିବ କି ନାହିଁ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କଲାଣି। ପରୀ ହତ୍ୟା ମାମଲାର ତଦନ୍ତ ଲାଗି ଓଡ଼ିଶା ପୁଲିସ ଗ୍ରହଣ କରିଥିବା ପଦକ୍ଷେପକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଏନସିପିସିଆର)। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବା ବେଳେ ଏହାର ତଦନ୍ତ ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ଢଙ୍ଗରେ ଏବଂ ଖାମଖିଆଲ ଭାବେ କରାଯାଇଛି ବୋଲି ଏନସିପିଆର କହିଛନ୍ତି। ଏବେସୁଦ୍ଧା ଦୋଷୀକୁ ଧରାନଯିବା ଦୁର୍ଭାଗ୍ୟଜନକ ବୋଲି ଦର୍ଶାଇ ତୁରନ୍ତ ରାଜ୍ୟ ସରକାର କେନ୍ଦ୍ରୀୟ ସଂସ୍ଥାକୁ ମାମଲାର ତଦନ୍ତ ଲାଗି ସୁପାରିସ କରନ୍ତୁ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି ଏନ୍‌ସିପିସିଆର। ଏଥିରେ ଏନ୍‌ସିପିସିଆର ଦର୍ଶାଇଛନ୍ତି ଯେ ନଭେମ୍ବର ୩୦ ତାରିଖରେ ବିଜେପି ଜାତୀୟ ମୁଖପାତ୍ର ସମ୍ବିତ୍ ପାତ୍ରଙ୍କ ନିକଟରୁ ଏନେଇ ଅଭିଯୋଗ ପାଇଥିଲୁ। ସେହିଦିନ ହିଁ ପୀଡ଼ିତାଙ୍କ ବୟସ ପ୍ରମାଣପତ୍ର, ଏତଲା କପି, ଶବ ବ୍ୟବଚ୍ଛେଦ ରିପୋର୍ଟ ସହ ଅନ୍ୟାନ୍ୟ ଦସ୍ତାବିଜ ଦାଖଲ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ୍ କରାଯାଇଥିଲା। ଡିସେମ୍ବର ୪ ତାରିଖରେ ନୟାଗଡ଼ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ବ୍ୟକ୍ତିଗତ ହାଜିରା ଲାଗି ସମନ ଜାରି କରାଯାଇଥିଲା। ଡିସେମ୍ବର ୯ ତାରିଖରେ ଜେରା ପରେ ଆୟୋଗ ଜାଣିବାକୁ ପାଇଥିଲେ ଯେ ତଦନ୍ତରେ ଅବହେଳା ସହ ଏହାକୁ ଭୁଲ୍ ବାଟରେ କରାଯାଇଛି। ଯେଉଁଥିପାଇଁ ଘଟଣାକୁ ୪ ମାସ ବିଳମ୍ବ ହୋଇଥିଲେହେଁ ଦୋଷୀଙ୍କୁ ଧରାଯାଇପାରିନାହିଁ। ଏପରିକି ହାଜିରାବେଳେ ଏନ୍‌ସିପିସିଆରଙ୍କୁ ନୟାଗଡ଼ ଜିଲ୍ଲାପାଳ ଏବଂ ଏସ୍‌ପି ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରିଥିବା ଚିଠିରେ ଲେଖାହୋଇଛି। ସନ୍ଦିଗ୍ଧଙ୍କୁ ଦୋଷୀ ପ୍ରମାଣିତ କରିବା ଲାଗି ଆବଶ୍ୟକୀୟ ପ୍ରମାଣ ସେମାନେ ଦେଇପାରିନଥିଲେ। କିନ୍ତୁ, ସନ୍ଦିଗ୍ଧ ଜଣକ କୋର୍ଟଙ୍କ ଆଗରେ ନିଜର ଦୋଷ ମାନିଥିବା ଏନ୍‌ସିପିସିଆରଙ୍କୁ ଜଣାଇଥିଲେ। ଏଭଳି ମିଥ୍ୟା ତଥ୍ୟ କିଭଳି ଭାବେ କୁହାଗଲା ଏନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ଏନ୍‌ସିପିସିଆର। ଏଣୁ ତଦନ୍ତରେ ଢିଲାପଣ ଏବଂ ଅବହେଳା ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ରାଜ୍ୟ ସରକାରଙ୍କୁ ଲେଖିଛନ୍ତି ଏନ୍‌ସିପିସିଆର। ଏଥିସହ ମାମଲାର ସ୍ୱଚ୍ଛ ଏବଂ ନିରପେକ୍ଷ ତଦନ୍ତ ଲାଗି କେନ୍ଦ୍ରୀୟ ସଂସ୍ଥାକୁ ସୁପାରିସ କରିବା ଲାଗି ଜଣାଇଛନ୍ତି। ଏହି ଚିଠିର ନକଲ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସମେତ ଗୃହସଚିବ ଏବଂ ଗୃହ ମନ୍ତ୍ରଣାଳୟକୁ ପ୍ରଦାନ କରାଯାଇଛି।

ଉଲ୍ଲେଖଯୋଗ୍ୟ, ପରୀ ହତ୍ୟାକାଣ୍ଡ ମାମଲାରେ ସନ୍ଦିଗ୍ଧ କଲେଜ ଛାତ୍ର ସରୋଜ ସେଠୀଙ୍କୁ ଶନିବାର ସକାଳେ ଏସ୍‌ଆଇଟି ଯଦୁପୁର ଗାଁ ସ୍ଥିତ ଘରୁ ଉଠାଇ ନେଇଛି। ➤ ପୃ-୬

ପରୀ ହତ୍ୟା ମାମଲା



### ସମ୍ପ୍ରଦାୟ ଭିତ୍ତିରେ ସଂରକ୍ଷଣ ପ୍ରସଙ୍ଗ

## 'ଦକ୍ଷତାକୁ ଅସ୍ୱୀକାର କରାଯାଇ ପାରିବନାହିଁ'



**ନୂଆଦିଲ୍ଲୀ :** ସମ୍ପ୍ରଦାୟ ଭିତ୍ତିରେ ସଂରକ୍ଷଣ ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରୁଲିଂ ଦେଇଛନ୍ତି। ବିଚାରପତି ଜଷ୍ଟିସ ଉଦୟ ଲଳିତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରି କହିଛନ୍ତି, ଚାକିରି କ୍ଷେତ୍ରରେ ସଂରକ୍ଷଣ ନୀତି ଆଳରେ ପ୍ରାର୍ଥୀ ସଂରକ୍ଷଣ ବର୍ଗର ହୋଇଥିଲେ ମଧ୍ୟ ତାଙ୍କର ଦକ୍ଷତାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଖାଲି ଥିବା ପଦବୀ ଯେ କୌଣସି ଉପାୟରେ ପୂରଣ କରାଗଲେ ମଧ୍ୟ ଯୋଗ୍ୟତାକୁ ପ୍ରାଥମିକତା ଦିଆଯିବା ଉଚିତ୍। ଉତ୍ତରପ୍ରଦେଶରେ ମହିଳା କନେଷ୍ଟବଳ ନିଯୁକ୍ତି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ ଏହା ଉଲ୍ଲେଖ କରିଛନ୍ତି। ଜଷ୍ଟିସ୍ ଲଳିତ ତାଙ୍କ ରାୟରେ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ବର୍ଗ ପାଇଁ ଖାଲି ରହିଥିବା ପଦବୀ ପୂରଣ କରିବା ପାଇଁ କମ୍ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀଙ୍କୁ ଅନୁମତି ଦିଆଯାଇପାରିବ ନାହିଁ। ମାମଲା ଅନୁଯାୟୀ ଉତ୍ତରପ୍ରଦେଶରେ ମହିଳା କନେଷ୍ଟବଳ ନିଯୁକ୍ତିରେ ସ୍ୱାଧୀନତା ସଂଗ୍ରାମୀ ଅଥବା ପୂର୍ବତନ ସାମରିକ କର୍ମଚାରୀଙ୍କ ସନ୍ତାନଙ୍କ ନିମନ୍ତେ ଉଦ୍ଦିଷ୍ଟ ପଦବୀ ପୂରଣକୁ ନେଇ ବିବାଦ ଉପୁଜିଥିଲା। ରାଜ୍ୟ ସରକାରଙ୍କ ନିଯୁକ୍ତି ନୀତି ଅନୁଯାୟୀ ସାଧାରଣ ବର୍ଗର ସମସ୍ତ ପୁରୁଷ ପ୍ରାର୍ଥୀ କଟ୍‌ଅପ୍ ମାର୍କରୁ ଅଧିକ ନମ୍ବର ରଖିଲେ ମନୋନୀତ ହେବେ। ମାତ୍ର ମହିଳା ପ୍ରାର୍ଥୀଙ୍କ ➤ ପୃ-୬

### ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଦୋହରାଇଲେ ନବୀନ

## 'ଓଡ଼ିଶାବାସୀ ଆମର ମାଲିକ'

**ଭୁବନେଶ୍ୱର :** ଦୀର୍ଘଦିନ ପରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରକୁ ଟାର୍ଗେଟ୍ କରିଛନ୍ତି। ଯୁବ ଓ ଛାତ୍ର ବିଜେଡି କାର୍ଯ୍ୟକାରିଣୀରେ ମୁଖ୍ୟମନ୍ତ୍ରୀ ଓଡ଼ିଆ କାର୍ଡ ଖେଳିବା ସହ ଜାତୀୟ ଦଳଗୁଡ଼ିକ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ଆଉ ଚଳିବ ନାହିଁ, ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ମିଳିବା ଦରକାର। କେନ୍ଦ୍ର ସରକାର ତାହା ଦିଅନ୍ତୁ ବୋଲି ନବୀନ ନିଜର ପୂର୍ବ ଦାବିକୁ ଦୋହରାଇଛନ୍ତି। ସେ କହିଛନ୍ତି, ଜାତୀୟଦଳଙ୍କ ରିମୋଟ୍ ଏଠିନାହିଁ। ରହିଛି ଦିଲ୍ଲୀରେ। ସେଠି ତାଙ୍କର ବସ୍ ରହିଛନ୍ତି। କିନ୍ତୁ ବିଜେଡିର ଅସଲ ବସ୍ ହେଉଛନ୍ତି ଓଡ଼ିଶାବାସୀ। ଶୁକ୍ରବାର ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ହୋଇଥିଲା ଯୁବ ଓ ଛାତ୍ର ବିଜେଡି କାର୍ଯ୍ୟକାରିଣୀ। ନବୀନ ନିବାସରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ➤ ପୃ-୬




## ୫ବର୍ଷରୁ କମ ପିଲାଙ୍କ ମଧ୍ୟରେ ପୃଷ୍ଟିହୀନତା ବୃଦ୍ଧି

### ୫ମ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ

**ଭୁବନେଶ୍ୱର :** ନିକଟରେ ପ୍ରକାଶ ପାଇଥିବା ଏକ ସର୍ବେକ୍ଷଣ ରିପୋର୍ଟରେ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ୧୬ଟି ରାଜ୍ୟରେ ୫ ବର୍ଷରୁ କମ ପିଲାମାନଙ୍କ ମଧ୍ୟରେ ପୁଷ୍ଟିହୀନତା ବୃଦ୍ଧି ପାଇଥିବା ଜଣାପଡିଛି। ସ୍ୱାଭାବିକ ଠାରୁ କମ ଓଜନ ରହିଥିବା ପିଲାଙ୍କ ଶରୀରରେ ଅଧିକ ପୁଷ୍ଟିହୀନତା ପରିଲକ୍ଷିତ ହୋଇଥିବା ଏଥିରେ ଦର୍ଶାଯାଇଛି। ପଞ୍ଚମ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁଯାୟୀ ଦେଶରେ ୬ ରୁ ୨୩ ମାସ ମଧ୍ୟରେ କେବଳ ୯.୬% ପିଲା ସର୍ବନିମ୍ନ ମାନଦଣ୍ଡ ଅନୁଯାୟୀ ପୁଷ୍ଟିକର ଖାଦ୍ୟ ପାଉଛନ୍ତି। ଭାରତର ଜନସଂଖ୍ୟାର ୧୫.୨% ପୁଷ୍ଟିହୀନ। ୩୮.୫ % ପିଲା ଖରାପ ପୋଷଣ ଯୋଗୁଁ ଅଭିବୃଦ୍ଧିରେ ଅଟକି ରହିଛନ୍ତି। ହଜାର ହଜାର ପିଲାଙ୍କଠାରେ ଲୌହସାର ଅଭାବ ହେତୁ ସେମାନେ ରକ୍ତହୀନତାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଦେଶରେ ➤ ପୃ-୬



### ବକ୍ରବାଣୀ



କୁଆଡୁ ଏମିତି ବୁଦ୍ଧି ଆଉଚି
ମନ୍ଦିର ସଜାରେ ବେଳ ଯାଉଚି
ପାଠୁଆ ପିଲାଏ ଦାଦନ ଯାଇ
ଗୋଲାମୀ କରନ୍ତି ବଞ୍ଚିବା ପାଇଁ
ମାଗଣା ଯୋଜନା ମାଲକୁ ମାଲ
ବେକାରୀଙ୍କ ପାଇଁ ନଥାଏ ଥାଳ
କାହାକୁ କହିବା ଶୁଣିବ କିଏ
ରାଗିଲେ ଆମକୁ ବାନ୍ଧିବ ସିଏ
ସବୁଥିରେ ଛାମୁଁ ନମ୍ବର ୱାନ୍
ମାଗିଖିଆ ଯେତେ ତାଙ୍କର ଫ୍ୟାନ୍।

—— ଟୁଟୁ

## ନିର୍ମାଣ ହେବ ବହୁତଳ ଧର୍ମଶାଳା, ଶସ୍ତାରେ ରହିବେ ଭକ୍ତ

**ପୁରୀ :** ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡକ୍ଟର କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ବଲୱନ୍ତ ସିଂ, ଉପଜିଲ୍ଲାପାଳ ଭବତାରଣ ସାହୁ ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଅବଢ଼ା ଯୋଜନାରେ ଶ୍ରୀକ୍ଷେତ୍ରରେ ବିଶ୍ୱଐତିହ୍ୟ କରିଡ଼ର ପ୍ରତିଷ୍ଠା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଡ଼କ୍ଟର କ୍ରିଷନ କୁମାର ପ୍ରକାଶ କରିଥିଲେ ଯେ ଯାତ୍ରୀମାନେ ଯେପରି ସ୍ୱଳ୍ପ ବ୍ୟୟରେ ଅବସ୍ଥାନ କରିପାରିବେ ସେଥିପାଇଁ ଧର୍ମଶାଳା ପ୍ରତିଷ୍ଠା କରିବା ନିମନ୍ତେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ସ୍ୱଳ୍ପ ବ୍ୟୟରେ ରହଣୀ ପାଇଁ ଭକ୍ତନିବାସ ପ୍ରତିଷ୍ଠା କରାଯିବ। ଏଥିପାଇଁ ବାସେଳୀ ସାହି ଥାନା ସମ୍ମୁଖରେ ଜମି ଚିହ୍ନଟ କରାଯାଇଛି। ୧୦ଏକର ଜମି ଉପରେ ଏହି ଯାତ୍ରୀ ନିବାସ ପ୍ରତିଷ୍ଠିତ ହେବ। ଏଥିରେ ୪ହଜାରରୁ ୫ହଜାର ଭକ୍ତ ସ୍ୱଳ୍ପ ଦେୟ ଦେଇ ରହିପାରିବେ। ମୁଖ୍ୟ ପ୍ରଶାସକ ପ୍ରକାଶ କରିଥିଲେ ଯେ ଐତିହ୍ୟ କରିଡ଼ର ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ୭୫ମିଟର ଉଚ୍ଛେଦ କରାଯାଇଛି। ସେଥିମଧ୍ୟରୁ ୫୫ମିଟରର ସୌନ୍ଦର୍ଯ୍ୟକରଣ କରାଯିବ। ନିର୍ମିତ ହେବ ସିକ୍ୟୁରିଟି ୱାଲ। ଅବଶିଷ୍ଟ ୨୦ମିଟରରେ ବଫର ରୋଡ଼ ନିର୍ମିତ ହେବ ବୋଲି ସେ ପ୍ରକାଶ କରିଥିଲେ। ଶ୍ରୀକ୍ଷେତ୍ରକୁ ଐତିହ୍ୟ ସହର ଭାବେ ଗଢ଼ି ତୋଳିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ଉନ୍ନୟନ କାର୍ଯ୍ୟ ହାତକୁ ନେଇଛନ୍ତି। ବହୁତଳ ପାର୍କିଂ ସାଙ୍ଗକୁ ମାର୍କେଟିଂ ବିଲ୍ଡିଂ ଆଦିର ପରିକଳ୍ପନା କରାଯାଇଛି। ସ୍ୱର୍ଗଦ୍ୱାର ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଇଛି। ଏସବୁ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଛି। ଉନ୍ନୟନ କମିଶନର ସୁରେଶ ମହାପାତ୍ରଙ୍କ ସହ ୫-ଟି ସଚିବ ଭିକେ ପାଣ୍ଡିଆନ ପୁରୀରେ ପହଞ୍ଚିବା ପରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲିଥିଲେ। ୭୫ ମିଟର ଐତିହ୍ୟ କରିଡର ଉପରେ ମୁଖ୍ୟ ପ୍ରଶାସନ ଶ୍ରୀ କୁମାର, ଜିଲ୍ଲାପାଳ ବଲୱନ୍ତ ସିଂ, ଏସ୍‌ପି ଡି. କେ. ବିଶାଲ ସିଂଙ୍କ ସହ ଆଲୋଚନା କରିଥିଲେ। ଉଚ୍ଛେଦ ହୋଇଥିବା ମଠ ଓ ମନ୍ଦିର ଆଦିର ଥଇଥାନ ସମ୍ପର୍କରେ ଆଲୋଚନା କରିଥିଲେ। ଉନ୍ନୟନ କାର୍ଯ୍ୟ ସହ ଥଇଥାନ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ➤ ପୃ-୬






## ଏମଏସଏମଇ ପାଇଁ ୨୮୯.୪୨ କୋଟି

### ସୁବିଧା ପାଇପାରିବେ ୧.୭୦ ଲକ୍ଷ ଉଦ୍ୟୋଗୀ
### ଏସଏଚ୍‌ଜିକୁ ୧୦୦ କୋଟି ଟଙ୍କା ଦେବାର ବ୍ୟବସ୍ଥା
### ୧୭୫ଟି ଉଦ୍ୟୋଗ ରାଜ୍ୟ ଜିଏସ୍‌ଟି ଫେରି ପାଇବେ
### ୫ ହଜାର ଶିଳ୍ପକୁ ଇଡ୍‌କୋ ଦେବ ୫.୮୩ କୋଟି

**ଭୁବନେଶ୍ୱର :** ମହାମାରୀ କରୋନାର ପ୍ରକୋପ ହ୍ରାସ ପାଇଥିଲେ ହେଁ ରାଜ୍ୟର ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିର ସେତେଟା ସୁଧାର ଆସିନାହିଁ। ବିଶେଷକରି ଲକ୍‌ଡାଉନ ସମୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଓ ଏଥିରେ ଜଡ଼ିତ ଲୋକଙ୍କ ଅବସ୍ଥା ସାଂଘାତିକ ହୋଇଥିଲା। ଉଜୁଡ଼ି ଯାଇଥିବା ଆର୍ଥିକ ଦୂରବସ୍ଥାକୁ ସଜାଡ଼ିବା ନିମନ୍ତେ ରାଜ୍ୟ ସରକାର ଜରୁରି ନିଷ୍ପତ୍ତି ନେଇଛନ୍ତି ଏବଂ ଏମ୍‌ଏସ୍‌ଏମ୍‌ଇ ପାଇଁ 'ସ୍ୱତନ୍ତ୍ର ପ୍ୟାକେଜ' ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କ୍ଷେତ୍ରକୁ ୨୮୯.୪୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାଦ୍ୱାରା ରାଜ୍ୟର ପ୍ରାୟ ୧.୭୦ ଲକ୍ଷ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ସୁବିଧା ପାଇପାରିବେ। ଭିଡିଓ କନଫରେନସିଂ ଜରିଆରେ ରାଜ୍ୟର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର ସ୍ଥିତି ଉପରେ ସମୀକ୍ଷା କରିଥିଲେ। ଏହି କ୍ଷେତ୍ର ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟ ନାୟକ ୨୮୯.୪୨ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି । ଏଥିରେ ମହିଳା ଉଦ୍ୟୋଗୀଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏମାନଙ୍କ ସହ ଦୁର୍ବଳ ଶ୍ରେଣୀର ଏମଏସ୍‌ଏମ୍‌ଇ କ୍ଷେତ୍ର କୋଭିଡ୍ ଯୋଗୁଁ ଉପୁଜିଥିବା ଚାଲେଞ୍ଜକୁ ମୁକାବିଲା ପାଇଁ ସକ୍ଷମ ହେବେ। ସେମାନଙ୍କୁ ଆର୍ଥିକ ସ୍ୱଚ୍ଛଳ କରିବା ନିମନ୍ତେ ସୁଧ ପାଇଁ ଅନୁଦାନ, ସବସିଡି ଉପରେ ସବସିଡି, ରାଜ୍ୟ ଜିଏସ୍‌ଟି ଫେରସ୍ତ ଓ ସଂସ୍ଥାର ବାର୍ଷିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ଛାଡ଼ ଆଦି ସୁବିଧା ଦିଆଯାଇଛି। ମହିଳାଙ୍କ ଦ୍ୱାରା ପରିଚାଳିତ ୪୦ ପ୍ରତିଶତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଲାଗି ୧୦୮.୨୯ କୋଟି ଟଙ୍କା ଦିଆଯାଇଛି। ୧ ଲକ୍ଷ ୭୦ ହଜାର ଏମଏସ୍‌ଏମ୍‌ଇକୁ ସୁଧ ପାଇଁ ଅନୁଦାନ ସହୟତା ମିଳିବ। ଏପରିକି ସୁଧ ଉପରେ ଅନୁଦାନ ଏମ୍‌ଏସ୍‌ଏମ୍‌ଇକୁ ଜରୁରିକାଳୀନ କ୍ରେଡିଟ୍ ଲାଇନ୍ ଗ୍ୟାରେଣ୍ଟି ସ୍କିମରେ ଗୋଟିଏ ବର୍ଷ ମୋରାଟୋରିୟମ୍ ଭାବେ ମିଳିବ। ରାଜ୍ୟର ୫ ହଜାର ଶିଳ୍ପାନୁଷ୍ଠାନଙ୍କ ବାର୍ଷିକ ରକ୍ଷଣବେକ୍ଷଣ ଖର୍ଚ୍ଚ ବାବଦରେ ସମୁଦାୟ ୫.୮୩ କୋଟି ଟଙ୍କା ଇଡକୋ ଦେବ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବି କୋଭିଡ୍ ସହାୟତା ପ୍ୟାକେଜ ମିଳିବ। ଅଣୁ ଓ କ୍ଷୁଦ୍ର ଉଦ୍ୟୋଗୀମାନେ ଏହି ସହାୟତା ପାଇବେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚ୍‌ଜି) ଜରିଆରେ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ପରିବାର ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ହେବ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**ବୃଷ** ନୂତନ ବନ୍ଧୁଙ୍କ ଠାରୁ ସାହାଯ୍ୟ ପାଇବେ। କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**ମିଥୁନ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।

**କର୍କଟ** ମହତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭସଙ୍କେତ ମିଳିପାରେ। ରାଜନୈତିକ ବ୍ୟକ୍ତି କିଛିମାତ୍ରାରେ ଶୁଭଫଳ ପାଇବେ।

**ସିଂହ** ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଶାରୀରିକ ପୀଡା ଅନୁଭବ କରିପାରନ୍ତି।

**କନ୍ୟା** ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ।

**ତୁଳା** ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି କୃତିତ୍ୱ ହାସଲ କରିବେ।

**ବିଛା** ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଖେଳିଯିବ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ।

**ମକର** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।

**କୁମ୍ଭ** ଆର୍ଥିକ ଚିନ୍ତା ଦୂର ହେବ। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**ମୀନ** ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ପିଏଲଏ ଉପରେ ଭାରତର ତୀକ୍ଷ୍ଣ ନଜର

**ନୂଆଦିଲ୍ଲୀ :** ଭାରତ ସଂଲଗ୍ନ ପ୍ରାୟ ୩୪୮୮ କିମି ଲମ୍ବ ନିୟନ୍ତ୍ରଣ ରେଖାର ଅପରପାର୍ଶ୍ୱରେ ଚୀନ ନିଜର ଭିତ୍ତିଭୂମିକୁ ଅଧିକ ସକ୍ରିୟ କରୁଥିବାବେଳେ ଭାରତ କିନ୍ତୁ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି। ଉପଗ୍ରହରୁ ଉପଲବ୍ଧ ଚିତ୍ର ଅନୁଯାୟୀ ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ ଅଞ୍ଚଳରେ ଚୀନର ପିପୁଲ୍ସ ଲିବରେସନ ଆର୍ମି (ପିଏଲଏ) ସଡକ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଥିବାବେଳେ ଅସ୍ତ୍ରାଗାର ଓ ସୈନିକଙ୍କ ନିମନ୍ତେ ସଂଖ୍ୟାଧିକ ବଙ୍କର ମଧ ନିର୍ମାଣ କରିଥିବା ଜଣାପଡିଛି। ଭବିଷ୍ୟତରେ ଭାରତ ବିରୋଧରେ ଯଦି ଯୁଦ୍ଧ ହୁଏ, ତେବେ ଏହି ସଡକପଥ ଦେଇ ଚୀନ ତାହାର ସେନା ଓ ଯୁଦ୍ଧାସ୍ତ୍ରକୁ ଅନାୟାସରେ ଭାରତର ପଶ୍ଚିମ ସୀମାନ୍ତ ପର୍ଯ୍ୟନ୍ତ ନେଇପାରିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। କାରାକୋରମ ପାସ୍ ଓ ଅକ୍ସାଇ ଚୀନ ସହ ସଡକପଥକୁ ସଂଯୋଗ କରାଯାଇଥିବାରୁ ଏହି ଅଞ୍ଚଳ ଆଉ ଚୀନ ସେନା ପାଇଁ ଦୁର୍ଗମ ସାବ୍ୟସ୍ତ ହେବ ନାହିଁ ବୋଲି ଅନୁମାନ କରାଯାଉଛି। ଚଳିତବର୍ଷ ଏପ୍ରିଲରୁ ଲଦାଖସ୍ଥିତ ପୋଙ୍ଗଗଙ୍ଗ୍ ହ୍ରଦ ନିକଟରେ ଚୀନ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଉଦ୍ୟମ କରିଥିବାବେଳେ ଭାରତୀୟ ସେନା ଏହାର କଡା ଜବାବ ଦେଇ ସେମାନଙ୍କୁ ପଛଘୁଞ୍ଚା ଦେବାକୁ ଏକପ୍ରକାର ବାଧ୍ୟ କରିଛି। ଜୁନ ୧୪ରେ ସେଠାରେ ସଂଗଠିତ ହାତାହାତିରେ ଉଭୟପକ୍ଷର ସଂଖ୍ୟାଧିକ ଯବାନ ପ୍ରାଣ ହରାଇଥିଲେ। ଲଦାଖରୁ ସେନା ଅପସାରଣ ନିମନ୍ତେ ଦୁଇ ଦେଶ ମଧ୍ୟରେ ଏକାଧିକ ଥର କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇସାରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ଲଦାଖସ୍ଥିତ ୫୯୭ କିମି ଲମ୍ବ ନିୟନ୍ତ୍ରଣ ରେଖାରେ ଚୀନ ସେନାର ଶକ୍ତି ଦିନକୁ



ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଭାରତ ସହ ଦୀର୍ଘ ସମୟ ଧରି ମୁହାଁମୁହିଁ ହେବାକୁ ଚୀନ ଲକ୍ଷ୍ୟ ରଖିଥିବା ଆଶଙ୍କା କରାଯାଉଛି। ଭାରତୀୟ ସେନାର ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ କାରାକୋରମ ପାସ୍‌କୁ ପହଞ୍ଚିବା ନିମନ୍ତେ ଚୀନ ପକ୍ଷରୁ ୮ରୁ ୧୦ ମିଟର ଚଉଡା ସଡକପଥ ନିର୍ମିତ ହୋଇଛି। ଫଳରେ ଦୌଲତ-ବେଗ୍-ଓଲଡି ସେକ୍ଟରକୁ ପହଞ୍ଚିବାକୁ ଚୀନ ସେନାକୁ ଦୁଇ ଘଣ୍ଟା କମ ସମୟ ଲାଗିବ। ପୂର୍ବରୁ ଏହି ଅଞ୍ଚଳରେ ଚୀନ ମାଟିରାସ୍ତା ନିର୍ମାଣ କରିଥିବାବେଳେ ବର୍ତ୍ତମାନ ସେଗୁଡିକୁ କଂକ୍ରିଟ ରାସ୍ତାରେ ପରିଣତ କରିଛି। ଏପରିକି ଏହି ସ୍ଥାନରେ ବଡ ବଡ ଗୋଲେଇ ଛକ ନିର୍ମାଣ କରାଯାଇଛି, ଯାହାଫଳରେ ଭାରୀ ଯୁଦ୍ଧାସ୍ତ୍ର ବହନ କରୁଥିବା ସାମରିକ ଯାନଗୁଡିକ ସହଜରେ ଦିଗ ପରିବର୍ତ୍ତନ କରିପାରିବ। ପୁନଶ୍ଚ ଚୀନ ପକ୍ଷରୁ ଏହି ଅଞ୍ଚଳରେ ଭୂତଳ ପେଟ୍ରୋଲିୟମ ଟାଙ୍କି ଓ ତୈଳ ମହଜୁଦ କେନ୍ଦ୍ର ମଧ ନିର୍ମାଣ କରାଯାଇଛି। ତିବ୍ବତ୍‌ର ରାଜଧାନୀ ଲାସା ସହ କାରାକୋରମ ପାସ୍ ସଂଯୋଗ ହୋଇଥିବାରୁ କୌଣସି ପ୍ରତିକୂଳ ପରିସ୍ଥିତିରେ ଚୀନ ସେନା ଅସୁବିଧାର ସମ୍ମୁଖୀନ ହେବ ନାହିଁ ବୋଲି କୁହାଯାଇଛି। ଏହାବ୍ୟତୀତ ପୂର୍ବ ସେକ୍ଟରରେ ଚୀନ ଅରୁଣାଚଳ ପ୍ରଦେଶ ସୀମା ସଂଲଗ୍ନ ପାଙ୍ଗ୍-ତା ଅଞ୍ଚଳରେ ନୂଆ ବିମାନଘାଟି ନିର୍ମାଣ କରିଛି। ତେବେ ଏହି ବିମାନଘାଟୀ ଅପେକ୍ଷା ପାହାଡ ସୁଡଙ୍ଗରେ ଲଢୁଆ ବିମାନ ଲୁଚାଇ ରଖିବାକୁ ଚୀନ ଯୋଜନା କରୁଥିବା ଜଣାପଡିଛି।

# କରୋନା ଭୂତାଣୁର ନୂଆ ପ୍ରଜାତି ଚିହ୍ନଟ

**ଲଣ୍ଡନ :** ପ୍ରାୟ ଏକ ବର୍ଷ ଧରି କରୋନା ମହାମାରୀ ବିଶ୍ୱର ଅଧିକାଂଶ ରାଷ୍ଟ୍ରକୁ ଗ୍ରାସ କରିଥିବାବେଳେ ଏହାର କୁପ୍ରଭାବ ଏବେ ମଧ ହ୍ରାସ ପାଉନାହିଁ। ଆମେରିକା ଓ ବ୍ରିଟେନ ଭଳି ବିକଶିତ ରାଷ୍ଟ୍ରରେ ବର୍ତ୍ତମାନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଏହି ପରିପ୍ରେକ୍ଷୀରେ ଲଣ୍ଡନରେ କରୋନା ଭୂତାଣୁର ନୂଆ ପ୍ରଜାତିକୁ ଚିହ୍ନଟ କରାଯାଇଛି। ତେବେ ମୂଳ ଭୂତାଣୁ ତୁଳନାରେ ଏହା ଅଧିକ ମାରାତ୍ମକ କିମ୍ବା ଅଧିକ ସଂକ୍ରମିତ, ସେ ସମ୍ପର୍କରେ ଏପର୍ଯ୍ୟନ୍ତ ବିଜ୍ଞାନ ସମ୍ମତ ପ୍ରମାଣ ମିଳିପାରିନାହିଁ। ଏହି ନୂତନ ଭୂତାଣୁ ଦ୍ୱାରା ଦେଶରେ ପୁଣି ଥରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଇଂଲଣ୍ଡର ମୁଖ୍ୟ ମେଡିକାଲ ଅଫିସର କ୍ରିସ୍ ହ୍ୱିଟି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। କରୋନା ରୋଗୀଙ୍କ ଶରୀରରେ ଏହି ମାରାତ୍ମକ ଫଙ୍ଗାଲ (କବକ ଜନିତ) ସଂକ୍ରମଣକୁ ଡାକ୍ତରମାନେ ଲକ୍ଷ୍ୟ କରୁଛନ୍ତି। କରୋନା ଭୂତାଣୁର ଏହି ନୂଆ ପ୍ରଜାତିକୁ ମଧ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ସ୍ୱୀକାର କରିଛି। ବ୍ରିଟେନରେ ପ୍ରାୟ ୧୦୦୦ ବ୍ୟକ୍ତିଙ୍କଠାରେ ଏହି ନୂଆ ପ୍ରଜାତିର ଲକ୍ଷଣ ଦେଖିବାକୁ ମିଳୁଛି ବୋଲି ହୁ ପକ୍ଷରୁ ସ୍ପଷ୍ଟ କରାଯାଇଛି। କରୋନାରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନେ ଏଭଳି ବିରଳ ଫଙ୍ଗାଲ ସଂକ୍ରମଣ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ବୋଲି ଦିଲ୍ଲୀର ଜଣେ ଡାକ୍ତର ମଧ ମତବ୍ୟକ୍ତ କରିଛନ୍ତି। ଏହି ସଂକ୍ରମଣ ଯୋଗୁଁ ସଂପୃକ୍ତ ରୋଗୀ ଦୃଷ୍ଟିଶକ୍ତି ହରାଉଛନ୍ତି। ଏଭଳି ବିରଳ ମ୍ୟୁକୋର୍ମିକୋସିସ୍ (ବ୍ଲାକ୍ ଫଙ୍ଗସ)ରେ ୧୩ ଜଣ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି ବୋଲି ଦିଲ୍ଲୀର ଗଙ୍ଗାରାମ ହାସପାତାଳର ଜଣେ ଇଏନ୍‌ଟି ସ୍ପେଶାଲିଷ୍ଟ ସୂଚନା ଦେଇଛନ୍ତି। ଠିକଣା ସମୟରେ ଚିକିତ୍ସିତ ନ ହେଲେ, ଏମାନଙ୍କ ମଧ୍ୟରୁ ଅଧା ରୋଗୀ ପ୍ରାଣ ହରାଇବାର ଆଶଙ୍କା ରହିଛି ବୋଲି ସେ ଚେତାଇ ଦେଇଛନ୍ତି।

# ଜହ୍ନରୁ ମାଟି ଧରି ଆସିଲା ମହାକାଶ ଯାନ

**ବେଜିଂ :** ଆମେରିକା, ସୋଭିଏତ ସଂଘ ପରେ ଚାଇନାକୁ ବଡ଼ ସଫଳତା। ଚନ୍ଦ୍ରରୁ ନମୁନା ଧରି ପୃଥିବୀକୁ ଫେରିଛି ଚାଇନାର 'ଚାଙ୍ଗ ଇ-୫'। ପଥର ଏବଂ ଆବର୍ଜନା ନମୁନା ଧରି ଏହି ଯାନ ପୃଥିବୀକୁ ଫେରିଛି। ଗୁରୁବାର ମୋଙ୍ଗୋଲିଆ ଅଞ୍ଚଳର ସିଜିଓ୍ୱାଙ୍ଗ ଜିଲ୍ଲାରେ ଅବତରଣ କରିଛି 'ଚାଙ୍ଗ ଇ-୫'। ଅବତରଣ କରିବା ପୂର୍ବରୁ କ୍ୟାପସୁଲଟି ପ୍ରଥମେ ଏହାର ଅର୍ବିଟାଲ୍ ମଡ୍ୟୁଲ୍ ଠାରୁ ଅଲଗା ହୋଇ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ପାଇଁ ଏକ ଲମ୍ବା ଡିଆଁ ମାରିଥିଲା। 'ଚାଙ୍ଗ୍ ଇ -୫'ର ଚାରୋଟି ମଡ୍ୟୁଲ୍ ମଧ୍ୟରୁ ଦୁଇଟି ମଡ୍ୟୁଲ୍ ଡିସେମ୍ବର ୧ ରେ ଚନ୍ଦ୍ର ପୃଷ୍ଠରେ ପହଞ୍ଚିଥିଲା। ସେଠାରେ ଥିବା ଭୂପୃଷ୍ଠରେ ଖନନ କରି ପ୍ରାୟ ଦୁଇ କିଲୋଗ୍ରାମ ନମୁନା ସଂଗ୍ରହ କରିଥିଲା ଏହି କ୍ୟାପସୁଲ୍। ଏହି ନମୁନା ଗୁଡିକ ଏକ



ପାତ୍ରରେ ରଖାଯାଇଥିଲା ଏବଂ ମଡ୍ୟୁଲକୁ ସ୍ଥାନାନ୍ତର କରାଯାଇଥିଲା। 'ଚାଙ୍ଗ ଇ -୫' ହେଉଛି ଚାଇନାର ତୃତୀୟ ଯାନ ଯାହା ଚନ୍ଦ୍ର ପୃଷ୍ଠରେ ପହଞ୍ଚିଛି। ଚାଇନାର ଏହି ମିଶନ ଚନ୍ଦ୍ରର ଅନେକ ରହସ୍ୟ ଖୋଲିପାରେ ବୋଲି ବିଶ୍ୱାସ କରାଯାଏ। ଚାଇନାର ଏହି ଚନ୍ଦ୍ର ମିଶନ ଆଗ୍ନେୟଗିରି କେବେ ସକ୍ରିୟ ଥିଲା ଏବଂ ଚନ୍ଦ୍ରର ଚୁମ୍ବକୀୟ କ୍ଷେତ୍ର କେବେ ନଷ୍ଟ ହୋଇଥିଲା ତାହା ଜାଣିବାରେ ସାହାଯ୍ୟ କରିବ। ଚାଇନାର ଏହି ଅଭିଯାନର ଏକ ଅଂଶ ହେଉଛି 'ଚାଙ୍ଗ ଇ -୪'। ଯେଉଁ ଯାନ ଚନ୍ଦ୍ରରେ ପହଞ୍ଚିଥିଲା। ସୂଚନାଯୋଗ୍ୟ ୨୪ ନଭେମ୍ବରରେ ଚାଇନା ଦକ୍ଷିଣ ହାନନ ପ୍ରଦେଶର ଓ୍ୱେଞ୍ଚାଙ୍ଗ ମହାକାଶଯାନ ଉତକ୍ଷେପଣ ସ୍ଥାନରୁ 'ଚାଙ୍ଗ ଏ -୫'କୁ ଲଞ୍ଚ କରିଥିଲା। ଚାଇନାର ଏହି ମିଶନ ୪୦ ବର୍ଷ ପୂର୍ବରୟ ଚନ୍ଦ୍ରରୁ ନମୁନା ସଂଗ୍ରହ କରିବାରେ ବିଶ୍ୱର ଏହା ହେଉଛି ପ୍ରଥମ ଅଭିଯାନ। ଏହାପୂର୍ବରୁ ପୂର୍ବତନ ସୋଭିଏତ ୟୁନିଅନ୍ ରୋବୋଟିକ୍ ଲୁନା ୨୪ କୁ ମହାକାଶଯାନ ମାଧ୍ୟମରେ ମହାକାଶକୁ ପଠାଇଥିଲା। ଯେଉଁଠାରୁ ବୈଜ୍ଞାନିକମାନେ ଚନ୍ଦ୍ରରୁ ଆଣିଥିବା ନମୁନା ସଂଗ୍ରହ କରିଥିଲେ। ଚନ୍ଦ୍ରକୁ ପ୍ରଥମ ମିଶନ ଆମେରିକାର ଥିଲା, ଯାହାର ନାମ ଥିଲା 'ଆପୋଲୋ ମିଶନ'। ଏହା ଅଧୀନରେ ୧୯୬୯ ରୁ ୧୯୭୨ ପର୍ଯ୍ୟନ୍ତ ଛଅଟି ବିମାନ ଚନ୍ଦ୍ରକୁ ପଠାଯାଇଥିଲା ଏବଂ ୧୨ ଜଣ ମହାକାଶଚାରୀ ଚନ୍ଦ୍ରରେ ଅବତରଣ କରିଥିଲେ।

# ଜାନୁଆରୀ ୨୬ରେ ଅଯୋଧ୍ୟା ମସ୍‌ଜିଦର ଶିଳାନ୍ୟାସ

**ଅଯୋଧ୍ୟା :** ଆସନ୍ତା ଜାନୁଆରୀ ୨୬ରେ ଅଯୋଧ୍ୟାଠାରେ ପ୍ରସ୍ତାବିତ ମସ୍‌ଜିଦର ଶିଳାନ୍ୟାସ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଆଜକୁ ସାତ ଦଶନ୍ଧି ପୂର୍ବେ ଏହି ଦିନ ଭାରତର ସମ୍ବିଧାନ କାର୍ଯ୍ୟକ୍ଷମ ହୋଇଥିବାରୁ ସେହିଦିନ ମସଜିଦର ଶିଳାନ୍ୟାସ କରାଯିବ ବୋଲି ଇଣ୍ଡୋ-ଇସ୍‌ଲାମିକ୍ କଲଚରାଲ ଫାଉଣ୍ଡେସନ (ଆଇଆଇସିଏଫ୍) ସଚିବ ଅତ୍‌ହର ହୁସେନ କହିଛନ୍ତି। ଉକ୍ତ ମସଜିଦ ନିର୍ମାଣ ନିମନ୍ତେ ଆଜକୁ ଛଅମାସ ପୂର୍ବେ ସୁନ୍ନି ଓ୍ୱାକଫ୍ ବୋର୍ଡ ପକ୍ଷରୁ ଆଇଆଇସିଏଫ୍ ଗଠିତ ହୋଇଥିଲା। ବାବ୍ରୀ ମସଜିଦ-ରାମ ଜନ୍ମଭୂମି ବିବାଦ ପ୍ରସଙ୍ଗ ନେଇ ୨୦୧୯ ନଭେମ୍ବର ୯ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଘୋଷିତ ଐତିହାସିକ ରାୟ ଫଳରେ ଅଯୋଧ୍ୟାସ୍ଥିତ ବାବ୍ରୀ ମସଜିଦ ଥିବା ସ୍ଥାନରେ ରାମମନ୍ଦିର ନିର୍ମିତ ହେବ। ଅପରପକ୍ଷରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମସଜିଦ ନିର୍ମାଣ ପାଇଁ ଉତ୍ତର



ପ୍ରଦେଶ ସରକାରଙ୍କ ପକ୍ଷରୁ ସୁନ୍ନି ଓ୍ୱାକଫ୍ ବୋର୍ଡକୁ ଅନ୍ୟତ୍ର ୫ ଏକର ଜାଗା ଯୋଗାଇ ଦିଆଯାଇଛି। ଇତିମଧ୍ୟରେ ମସଜିଦ ନିର୍ମାଣ ପାଇଁ ନକ୍ସା ପ୍ରସ୍ତୁତ ହୋଇସାରିଛି। ତଦନୁଯାୟୀ ମସଜିଦ ପରିସରରେ ମଲ୍‌ଟି-ସ୍ପେଶାଲିଟି ହାସପାତାଳ, କମ୍ୟୁନିଟି କିଚେନ (ଗୋଷ୍ଠୀ ରୋଷେଇଶାଳ), ଲାଇବ୍ରେରୀ ନିର୍ମିତ ହେବ। ଡିସେମ୍ବର ୧୯ରେ ଏହାକୁ ସାର୍ବଜନୀନ କରାଯିବ ବୋଲି ମୁଖ୍ୟ ସ୍ଥପତି ପ୍ରଫେସର ଏମ.ଏମ.ଅଖତର ସୂଚନା ଦେଇଛନ୍ତି। ଉକ୍ତ ମସଜିଦରେ ଏକାସାଙ୍ଗରେ ୨୦୦୦ ଲୋକ ନମାଜ ପାଠ କରିପାରିବେ। ବାବ୍ରୀ ମସଜିଦଠାରୁ ନୂଆ ମସଜିଦର ଆକାର ବଡ ହେବ। ତେବେ ବାବ୍ରୀ ମସ୍‌ଜିଦ ଢାଞ୍ଚାରେ ଏହା ନିର୍ମିତ ହେବ ନାହିଁ ବୋଲି ଅଖତର ସ୍ପଷ୍ଟ କରିଛନ୍ତି। ମସଜିଦ ପରିସରରେ ଉକ୍ତ ହାସପାତାଳଟି କଂକ୍ରିଟରେ ନୁହେଁ, ବରଂ ଗୋଲାକାର ଗମ୍ବୁଜ ଶୈଳୀରେ ନିର୍ମିତ ହେବ। ଏଥିରେ ୩୦୦ ଶଯ୍ୟାବିଶିଷ୍ଟ ସ୍ପେଶାଲିଟି ୟୁନିଟ ରହିବ। ଡାକ୍ତର ଓ ବିଶେଷଜ୍ଞମାନେ ମାଗଣାରେ ରୋଗୀଙ୍କୁ ଚିକିତ୍ସା କରିବେ। ପୁନଶ୍ଚ ଆଖପାଖ ଅଞ୍ଚଳର ଗରିବ ଲୋକଙ୍କୁ ଉତ୍ତମ ମାନର ସୁସ୍ୱାଦୁ ଖାଦ୍ୟ ଯୋଗାଇବାକୁ କମ୍ୟୁନିଟି କିଚେନ୍ ନିର୍ମିତ ହେବ। ମସଜିଦ ନିର୍ମାଣ ପାଇଁ ସରକାରୀ ବ୍ୟବସ୍ଥା। ମଧ୍ୟରେ ବିଦେଶରେ ବସବାସ କରୁଥିବା ପ୍ରବାସୀ ମୁସଲମାନ ଭାଇଭଉଣୀଙ୍କଠାରୁ ଅନୁଦାନ ଗ୍ରହଣ କରାଯିବାର ଯୋଜନା ରହିଛି ବୋଲି ହୁସେନ କହିଛନ୍ତି।

# ବର୍ଷକୁ ୪ଥର ଜେଇଇ ମେନ୍

**ନୂଆଦିଲ୍ଲୀ :** ଆସନ୍ତା ବର୍ଷ ଫେବୃଆରୀ ୨୩ ତାରିଖରୁ ୨୬ ତାରିଖ ମଧ୍ୟରେ ହେବ ପ୍ରଥମ ପର୍ଯ୍ୟାୟ ଜେଇଇ (ଆଇଆଇଟି ଜେଇଇ ମେନ୍ ୨୦୨୧) ମୁଖ୍ୟ ପରୀକ୍ଷା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହାସହିତ ଫେବୃଆରୀ ପରେ ମାର୍ଚ୍ଚ, ଏପ୍ରିଲ ଓ ମେ' ମାସରେ ପର୍ଯ୍ୟାୟକ୍ରମେ ପରୀକ୍ଷା ହେବ ଓ ଛାତ୍ରଛାତ୍ରୀମାନେ ନିଜ ସୁବିଧା ଅନୁସାରେ କୌଣସି ପରୀକ୍ଷାରେ ସାମିଲ ହୋଇପାରିବେ। ଶ୍ରୀ ନିଶଙ୍କଙ୍କ ସୂଚନା ଅନୁସାରେ ଛାତ୍ରମାନେ ସେମାନଙ୍କ ସୁବିଧା ଅନୁଯାୟୀ ଚାରିଟି ଅଧିବେଶନର ପରୀକ୍ଷା ଦେଇପାରିବେ। ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ସେ କହିଛନ୍ତି ଯେ, ଏକ ବଡ କ୍ଷେତ୍ର ଆପଣଙ୍କ ପାଇଁ ଖାଲି ଅଛି। ଆପଣଙ୍କ ପାଇଁ ଅନେକ ସୁଯୋଗ ଅଛି। ମାର୍କ ଗୁଡିକର ଉନ୍ନତି ପାଇଁ ଆପଣ ଏକ ଭଲ ସୁଯୋଗ ପାଇବେ। ପ୍ରଥମ ପ୍ରୟାସରେ ଯଦି ପ୍ରାର୍ଥୀମାନେ ପରୀକ୍ଷା ଦେବାର ସୁଯୋଗ ପାଆନ୍ତି ତେବେ ସେମାନେ ସେମାନଙ୍କର ଭୁଲ ଜାଣିବେ। ଦ୍ୱିତୀୟ ପ୍ରୟାସରେ ତୁମର ଆତ୍ମବିଶ୍ୱାସ ବୃଦ୍ଧି ପାଇବ, ତ୍ରୁଟି କମ୍ ହେବ। ଯଦି ଜଣେ ଛାତ୍ରଛାତ୍ରୀ ଗୋଟିଏ ପରୀକ୍ଷାରୁ ବଞ୍ଚିତ ହେବେ ତେବେ ସେ ଦ୍ୱିତୀୟ ପରୀକ୍ଷାରେ ଭାଗ ନେଇପାରିବେ। ପ୍ରଥମଥର ପାଇଁ ଜେଇଇ ପ୍ରବେଶିକା ୧୩ଟି ଭାଷାରେ କରାଯିବ। ଇଂରାଜୀ, ହିନ୍ଦୀ, ଆସାମୀ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ, ମରାଠୀ, ମାଲାୟାଲମ, ଓଡ଼ିଆ, ପଞ୍ଜାବୀ, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁ ଭାଷାରେ ହେବ। ପ୍ରଶ୍ନପତ୍ରରେ ୯୦ଟି ପ୍ରଶ୍ନ ରହିବ। ଯେଉଁଥିରେ କେବଳ ୭୫ଟି ପ୍ରଶ୍ନର ସମାଧାନ କରିବାକୁ ପଡିବ। ୧୫ଟି ବୈକଳ୍ପିକ ପ୍ରଶ୍ନ ରହିବ। ବିକଳ୍ପ ପ୍ରଶ୍ନ ଗୁଡିକରେ ନକାରାତ୍ମକ ମାର୍କିଂ ରହିବ ନାହିଁ। ସମସ୍ତ ଚାରିଟି ପର୍ଯ୍ୟାୟରେ ଅନୁଷ୍ଠିତ ପରୀକ୍ଷାରେ ସର୍ବୋତ୍ତମ ସ୍କୋର ଆଧାରରେ ମେରିଟ୍ ତାଲିକା ପ୍ରସ୍ତୁତ କରାଯିବ।

# ଭାରତ-ବାଂଲାଦେଶ ମଧ୍ୟରେ ୭ ଚୁକ୍ତି ସ୍ୱାକ୍ଷରିତ

**ନୂଆଦିଲ୍ଲୀ :** ଭାରତ ଓ ପଡୋଶୀ ବାଂଲାଦେଶ ମଧ୍ୟରେ ଗୁରୁବାର ୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କର ବାଂଲାଦେଶ ପ୍ରତିପକ୍ଷ ଶେଖ୍ ହସିନାଙ୍କ ମଧ୍ୟରେ ଭର୍ଚୁଆଲ ପ୍ଲାଟଫର୍ମରେ ଏକ ବୈଠକ ଅନୁଷ୍ଠିତ ହେବା ଅବସରରେ ଏଭଳି ଚୁକ୍ତି ସମ୍ପାଦିତ ହୋଇଥିବା ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ଚୁକ୍ତି ମଧ୍ୟରେ କୃଷି, ହାଇଡ୍ରୋକାର୍ବନ ସେକ୍ଟର ଠାରୁ ଆରମ୍ଭ କରି ରେଳ ଯୋଗାଯୋଗ ପ୍ରସଙ୍ଗ ଅନ୍ତର୍ଭୁକ୍ତ। ଦୁଇ ରାଷ୍ଟ୍ରମୁଖ୍ୟ ଦ୍ୱିପାକ୍ଷିକ ରେଳସେବାର ପୁନଃ ପ୍ରଚଳନ ଘୋଷଣା କରିବା ସହ ବଙ୍ଗବନ୍ଧୁ ତଥା ହସିନାଙ୍କ ପିତା ଶେଖ୍ ମୁଜିବୁର ରେହମାନଙ୍କ ଉପରେ ପ୍ରକାଶିତ ଡାକଟିକଟକୁ ଉନ୍ମୋଚନ କରିଥିଲେ। ଏହାବ୍ୟତୀତ ଦୁଇ ଦେଶର ସ୍ୱାଧୀନତା ସଂଗ୍ରାମରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମହାତ୍ମାଗାନ୍ଧୀ ଓ ମୁଜିବୁରଙ୍କ ଜୀବନୀ ଉପରେ ଆଧାରିତ ଡିଜିଟାଲ ପ୍ରଦର୍ଶନୀକୁ ମଧ ଉଦ୍‌ଘାଟନ କରିଥିଲେ। ବୈଠକ ଶେଷରେ ଜାରି କରାଯାଇଥିବା ମିଳିତ ଘୋଷଣାନାମା ଅନୁଯାୟୀ ମୁଜିବଙ୍କ ଜୀବନୀ ଉପରେ ଆସନ୍ତା ଜାନୁଆରୀରୁ ନିର୍ମିତ ହେବାକୁ ଥିବା ପ୍ରାମାଣିକ ଚଳଚ୍ଚିତ୍ରକୁ ଶ୍ୟାମ ବେନିଗାଲ ନିର୍ଦ୍ଦେଶନା ଦେବେ ବୋଲି ନିଷ୍ପତ୍ତି ନିଆଯାଇଛି। ୧୯୬୫ ଭାରତ-ପାକ୍ ଯୁଦ୍ଧ ଯୋଗୁଁ ବାତିଲ ହୋଇଥିବା ରେଳସେବାର ପୁନଃ ପ୍ରଚଳନ ହେଲେ ଏହା ପଶ୍ଚିମବଙ୍ଗ ଭାୟା ଆସାମ-ବାଂଲାଦେଶକୁ ସଂଯୋଗ କରିବ ବୋଲି କୁହାଯାଇଛି। ବୈଠକ ପ୍ରାରମ୍ଭରେ ମୋଦୀ ଭାରତର 'ପଡୋଶୀ ପ୍ରଥମ' ନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ବାଂଲାଦେଶ ଭାରତର ପୁରାତନ ବନ୍ଧୁ ରାଷ୍ଟ୍ର ହୋଇଥିବାବେଳେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ କରିବାରେ ସହଯୋଗର ଆବଶ୍ୟକତା ରହିଛି ବୋଲି ମୋଦୀ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରରେ କ୍ଷମତାକୁ ଆସିବା ପରଠାରୁ ବାଂଲାଦେଶ ସହ ସମ୍ପର୍କକୁ ଅଧିକ ମଜଭୁତ କରିବା ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି ବୋଲି ସେ କହିଥିଲେ। କୋଭିଡ୍ ସମୟରେ ମଧ ଏହି ସମ୍ପର୍କ ଅତୁଟ ରହିଥିବା ଖୁସିର କଥା ଏବଂ ଭାରତରେ କୋଭିଡ୍ ଟିକା ପ୍ରସ୍ତୁତ ହେଲେ, ବାଂଲାଦେଶକୁ ପ୍ରଥମେ ଯୋଗାଇ ଦିଆଯିବ ବୋଲି ମୋଦୀ ପ୍ରତିଶ୍ରୁତି




ଦେଇଛନ୍ତି। ଅନ୍ୟ ବୁଝମଣା ମଧ୍ୟରେ ହାଇଡ୍ରୋକାର୍ବନ ସେକ୍ଟର, କୃଷି, ବୟନଶିଳ୍ପ, ସୀମାରେ ହାତୀ ସଂରକ୍ଷଣ ପ୍ରକଳ୍ପ, ସିଇଓ ଫୋରମ ଗଠନ ଇତ୍ୟାଦି ଅନ୍ତର୍ଭୁକ୍ତ। ଅପରପକ୍ଷରେ ବଙ୍ଗଳା ଭାଷାରେ ବକ୍ତବ୍ୟ ରଖିଥିବା ହସିନା ଭାରତ-ବାଂଲାଦେଶ ସମ୍ପର୍କ ଅତି ପୁରୁଣା ବୋଲି ଅଭିହିତ କରିଛନ୍ତି। ବୈଠକରେ ହସିନା ଦୁଇଟି ପ୍ରସଙ୍ଗ ଯଥା ତିସ୍ତା ନଦୀଜଳ ବଣ୍ଟନ ଓ ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ପୁଣି ମିଆଁମାର ପଠାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୧୧ରେ ତିସ୍ତା ନଦୀଜଳ ବଣ୍ଟନକୁ ନେଇ ଚୂଡାନ୍ତ ଆଲୋଚନା ହୋଇଥିଲେ ସୁଦ୍ଧା ରାଜିନାମା ସ୍ୱାକ୍ଷରିତ ହେବା ଜରୁରୀ ବୋଲି କହିଛନ୍ତି। ସୂଚନାଯୋଗ୍ୟ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧ ଯୋଗୁଁ ଏହି ପ୍ରସଙ୍ଗ ଏବେମଧ ଶୀତଳ ଭଣ୍ଡାରରେ ରହିଥିବା ମୋଦୀ ଉଲ୍ଲେଖ କରିଛନ୍ତି। ପୁନଶ୍ଚ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଅନୁପ୍ରବେଶ ଯୋଗୁଁ ବାଂଲାଦେଶ ଅର୍ଥନୀତି ଉପରେ ବିରାଟ ବୋଝ ପଡୁଥିବାରୁ ଏହାର ସମାଧାନ ପାଇଁ ହସିନା ଭାରତର ସହାୟତା ଲୋଡିଛନ୍ତି। ତେବେ ଖୁବଶୀଘ୍ର ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ଶାନ୍ତିପୂର୍ଣ୍ଣ ଉପାୟରେ ସେମାନଙ୍କ ଦେଶକୁ ପଠାଯିବ ବୋଲି ଉଭୟ ନେତା ସମ୍ମତି ପ୍ରକାଶ କରିଛନ୍ତି। ଡିସେମ୍ବର ୧୭ ସବୁବେଳେ ତାଙ୍କ ପରିବାର ପାଇଁ ସ୍ୱତନ୍ତ୍ର ମାନ୍ୟତା ରଖିବ ବୋଲି କହିବା ସହ ହସିନା ୧୯୭୧ ମସିହାର ସେହି ଦିନକୁ ସ୍ମୃତିଚାରଣ କରିଥିଲେ। ପାକିସ୍ତାନକୁ ଯୁଦ୍ଧରେ ପରାସ୍ତ କରି ଭାରତ କେବଳ ବାଂଲାଦେଶକୁ ସ୍ୱାଧୀନ କରିନଥିଲା, ବରଂ ସେଠାରେ ପାକିସ୍ତାନୀ ସୈନ୍ୟଙ୍କ ଦ୍ୱାରା ଦୀର୍ଘଦିନ ଧରି ଚାଲିଥିବା ଅମାନବୀୟ ବର୍ବରତାରେ ପୂର୍ଣ୍ଣଚ୍ଛେଦ ଟାଣିଥିଲା ବୋଲି ସେ ଉଲ୍ଲେଖ କରିଥିଲେ। ବାଂଲା ମୁକ୍ତି ବାହିନୀର ପ୍ରତିଷ୍ଠାତା ଶେଖ୍ ମୁଜିବୁର ରେହମାନଙ୍କ ପରିବାରକୁ ପାକ୍ ସୈନ୍ୟ ଗୃହବନ୍ଦୀ ରଖିଥିଲେ। ଡିସେମ୍ବର ୧୭ରେ ଭାରତୀୟ ସ୍ଥଳସେନାର ମେଜର ଅଶୋକ ତାରା ଯେତେବେଳେ ଢାକାସ୍ଥିତ ସେହି ଅନ୍ଧ କଠୋରୀରୁ ହସିନାଙ୍କ ସମେତ ତାଙ୍କ ମାଆ, ଭାଇ ଓ ଭଉଣୀଙ୍କୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କଲେ, ତାହା ସବୁଦିନ ମନେ ରହିବ ବୋଲି ହସିନା କୋହଭରା କଣ୍ଠରେ କହିଥିଲେ।

# ଆତ୍ମନିର୍ଭର ଭାରତ ପାଇଁ ଆତ୍ମନିର୍ଭର ଉର୍ଜା ରୋଡମ୍ୟାପ୍ ବିକଶିତ ହେଉଛି : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର :** ଉର୍ଜା କ୍ଷେତ୍ରରେ ଆତ୍ମନିର୍ଭର ଭାରତ ପାଇଁ ଆତ୍ମନିର୍ଭର ଉର୍ଜାର ଏକ ସ୍ୱଚ୍ଛ ରୋଡମ୍ୟାପକୁ ବିକଶିତ କରାଯାଉଛି ବୋଲି ଗୁରୁବାର ଆସୋସିଏଟେଡ୍ ଚାମ୍ବରସ୍ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ(ଆସୋଚାମ୍)ର ପ୍ରତିଷ୍ଠା ସପ୍ତାହ -୨୦୨୦ ଅବସରରେ ଆୟୋଜିତ "ଭାରତର ବିକାଶ ପଥରେ ଇନ୍ଧନକୁ ଉର୍ଜାର ରୂପାନ୍ତରଣ" ଶୀର୍ଷକ ଆଲୋଚନା କାର୍ଯ୍ୟକ୍ରମରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଉର୍ଜା କ୍ଷେତ୍ରକୁ ବୃହତ ଆତ୍ମନିର୍ଭର କରିବା ପାଇଁ ଆରମ୍ଭ ହୋଇଥିବା ଆତ୍ମନିର୍ଭର ଉର୍ଜା ପଦକ୍ଷେପରେ ସାମିଲ ହେବା ପାଇଁ ଭାରତର ସମସ୍ତ ସରକାରୀ ଓ ବେସରକାରୀ କମ୍ପାନୀ(ଇଣ୍ଡିଆନ ଆଇଏନସି)କୁ ନିମନ୍ତ୍ରଣ କରିବା ସହ ଦେଶରେ ଉର୍ଜା ନ୍ୟାୟ ସୁନିଶ୍ଚିତ କରିବା ସଙ୍ଗେସଙ୍ଗେ ଉର୍ଜା ଦାରିଦ୍ର୍ୟକୁ ସମାପ୍ତ କରିବାକୁ ହେବ ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟଙ୍କ




ଜୀବନରେ ଅଧିକ ଉନ୍ନତି ଆଣିବା ପାଇଁ ଅଧିକ ଉର୍ଜାର ଆବଶ୍ୟକତା ରହିଛି। ଆମର ଉର୍ଜା କ୍ଷେତ୍ର ଅଭିବୃଦ୍ଧି କେନ୍ଦ୍ରିକ, ଶିଳ୍ପ ଅନୁକୂଳ ଏବଂ ପରିବେଶ ସନ୍ତୁଳିତ। ଆମର ଜାତୀୟ ବିକାଶ ଏବଂ ଆଗାମୀ ବର୍ଷରେ ୫ ଟ୍ରିଲିୟନ ଆମେରିକୀୟ ଡ଼ଲାର ଅର୍ଥନୀତି ଲକ୍ଷ୍ୟକୁ ହାସଲ କରିବାରେ ଉର୍ଜା ଏକ ପ୍ରମୁଖ କ୍ଷେତ୍ରର ମାଧ୍ୟମ ହେବ। ବିଗତ ୬ ବର୍ଷରେ ଭାରତର ଉର୍ଜା ସ୍ଥାପତ୍ୟରେ ଏକ ବଡ଼ ପରିବର୍ତ୍ତନ ହୋଇଛି। ଯଦ୍ୱାରା ଦେଶରେ ଉର୍ଜା ଦାରିଦ୍ୟକୁ ଶେଷ କରିବା ଦିଗରେ ଏକ ବୃହତ ଆମର ଇଚ୍ଛାଶକ୍ତି ଦୃଢ ହୋଇଛି । କୋଭିଡ୍-୧୯ର ସଂକଟକୁ ଉର୍ଜା କ୍ଷେତ୍ର ସୁଯୋଗରେ ପରିଣତ କରିଛି। କୋଭିଡ-୧୯ର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନିରନ୍ତର ସଂସ୍କାର ଏବଂ ସଠିକ୍ ଦୂରଦୃଷ୍ଟି ଭାରତକୁ ଅଧିକ ଆତ୍ମନିର୍ଭର କରିବା ପାଇଁ ବଡ ଖୋରାକ୍ ଯୋଗାଇଛି। ଶିଳ୍ପ ସମୂହଙ୍କ ଅଂଶଗ୍ରହଣ ଏବଂ ପୁଞ୍ଜିନିବେଶ ସହ ଦେଶର ଉର୍ଜା କ୍ଷେତ୍ର ଅନେକ ସୁଯୋଗ ଆଣିଦେଇଛି। ଉର୍ଜା କ୍ଷେତ୍ର ତଥା ଅନ୍ୱେଷଣ ଏବଂ ଉତ୍ପାଦନ (ଇ ଏବଂ ପି), ବିଶୋଧନାଗାର, ଜୈବଇନ୍ଧନ, ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ଭଣ୍ଡାର, ଏଲଏନଜି କ୍ଷମତା ବୃଦ୍ଧି, ଗବେଷଣା ଏବଂ ବିକାଶ(ଆର ଏବଂ ଡ଼ି) କ୍ଷେତ୍ରର ବିକାଶ ପାଇଁ ସବୁପ୍ରକାର ଉଦ୍ୟମ ଜାରୀ ରହିଛି । ଏହି ଆଧାରରେ ସ୍ୱଚ୍ଛ ମାର୍ଗକୁ ଗ୍ରହଣ ଆଣିବା,ଆର୍ଥିକ ବିକାଶ, ଦେଶବାସୀଙ୍କ ପାଇଁ ନୂଆ ସୁଯୋଗ ପ୍ରଦାନ କରିବା ଦିଗରେ ଦୃଷ୍ଟି ଦିଆଯାଉଛି। ଦେଶରେ ପାଇପଲାଇନ, ସିଟି ଗ୍ୟାସ ବିତରଣ, ଏଲଏନଜି, ରି-ଗ୍ୟାସିଫିକେସନ ଟର୍ମିନାଲ ସହ ଗ୍ୟାସ ଭିତିଭୂମିର ବିକାଶ ପାଇଁ ୬୦ ବିଲିୟନ ଆମେରିକୀୟ ଡଲାର ପୁଞ୍ଜିନିବେଶ କରାଯାଉଛି । ସେହିପରି ୨୦ ବିଲିୟନ ଆମେରିକୀୟ ଡଲାର ନିବେଶରେ ଆଗାମୀ ଦିନରେ ଭାରତ ସରକାର ୫ ହଜାର ସିବିଜି ପ୍ଲାଂଟ୍ ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛନ୍ତି । ଏହି ସିବିଜି ପ୍ଲାଂଟରେ ବାର୍ଷିକ ୧୫ ମିଲିୟନ ମେଟ୍ରିକ ଟନ ସିବିଜି ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ଦେଶର ବିଭିନ୍ନ ସ୍ଥାନରେ ୧୫୦୦ ସିବିଜି ପ୍ଲାଂଟର କାର୍ଯ୍ୟକ୍ଷମ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

# ଜାନୁଆରୀରେ ୧୪ ଖଣି ନିଲାମ !

**ଭୁବନେଶ୍ୱର :** କରୋନା ମହାମାରୀ ପାଇଁ ବନ୍ଦ୍ ରହିଥିବା ଖଣି ନିଲାମ ପ୍ରକ୍ରିୟା ଆସନ୍ତା ଜାନୁଆରୀ ଶେଷ ସୁଦ୍ଧା ଶେଷ କରିବାକୁ ରାଜ୍ୟ ସରକାର ଆପାତତଃ ନିଷ୍ପତ୍ତି ନେଇଛନ୍ତି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ତାହା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ ରାଜ୍ୟ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା 'ଏମ୍ପାୱାର୍ଡ କମିଟି' ଆଗାମୀ ସପ୍ତାହ ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଯେଉଁ ୧୪ ଖଣି ବ୍ଲକଗୁଡ଼ିକ ଚିହ୍ନଟ ହୋଇଛି, ସେଗୁଡ଼ିକ ମଧ୍ୟରେ ଲୁହା, ମାଙ୍ଗାନିଜ, ଲାଇମ୍‌ଷ୍ଟୋନ, ଡୋଲମାଇଟ୍ ଓ ଗ୍ରାଫାଇଟ୍ ଭଳି ଖଣି ବ୍ଲକ୍ ରହିଛି। ଉକ୍ତ ବ୍ଲକ୍‌ଗୁଡ଼ିକ ରାଜ୍ୟର ଗରମୁରା, ବେହେରା-ଭଞ୍ଜିପାଲ୍ଲୀ, ପିପଲମୁଣ୍ଡା, ନରିଙ୍ଗପଙ୍ଗା, ଉସକଲଭାଗୁ, ପୁରେଇବାହାଲ, ଚଣ୍ଡିପୋଷୀ, ଝୁମୁକା ପାର୍ଥିରିପୋଷୀ, ଧୋଲଟାପାହାଡ଼, ନେତ୍ରାବନ୍ଧ ପାହାଡ(ପଶ୍ଚିମ), ଗନ୍ଧଲପଡ଼ା, କାଶିଆ, ଉଞ୍ଚବାଲି ଓ କାଳିମାଟି ଇଲାକାରେ ରହିଛି। ତେବେ 'ଏମ୍ପାୱାର୍ଡ କମିଟି' ଏହି ଖଣି ବ୍ଲକ୍ ମଧ୍ୟରୁ ଦୁଇଟି ବ୍ଲକ୍ କେବଳ ରାଜ୍ୟ ପିଏସ୍‌ୟୁକୁ ପାଇଁ ସଂରକ୍ଷିତ ରଖିବାର ସମ୍ଭାବନା ରହିଛି। ରାଜ୍ୟ ଖଣି ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, କରୋନା ମହାମାରୀ ପୂର୍ବରୁ ଅର୍ଥାତ ଚଳିତ ବର୍ଷ ଜାନୁଆରୀ-ଫେବୃଆରୀ ମାସରେ ରାଜ୍ୟ ସରକାର ସଫଳତାର ସହ ୨୦ ଖଣି ବ୍ଲକ୍ ନିଲାମ କରିପାରିଥିଲେ। ଏବେ କୋଭିଡ ଯୋଗୁଁ ସମସ୍ୟା ସୃଷ୍ଟି ହୋଇଛି। ଖଣି ନିଲାମ ବିଳମ୍ବ ଯୋଗୁଁ ଖଣି ଖନନ ସମ୍ଭବ ହୋଇପାରୁନାହିଁ। ରାଜ୍ୟର ଶିଳ୍ପ କାରଖାନାଗୁଡ଼ିକ ପାଇଁ କଞ୍ଚାମାଲର ଅଭାବ ପରିଲକ୍ଷିତ ହୋଇଛି। ଖୋଲା ବଜାରରେ ବି ଦର ଅଧିକ ରହିଛି। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁମତି ଥିବା ଚିହ୍ନଟ ଖଣି ବ୍ଲକ୍ ଗୁଡ଼ିକରେ ନିଲାମ ପ୍ରକ୍ରିୟା ଆଗୁଆ ଆରମ୍ଭ ହେବ। ସେହିପରି କେନ୍ଦ୍ର ମାର୍ଗଦର୍ଶିକା ଓ ପରାମର୍ଶକ୍ରମେ ରାଜ୍ୟ ସରକାର ଖଣି ନିଲାମ ପ୍ରକ୍ରିୟା ଆରମ୍ଭ କରିବେ। ଏହାଦ୍ୱାରା ଖଣି କାରବାର ସଠିକ୍‌ଭାବେ ଚାଲୁହେବା ସହ ଶିଳ୍ପ ପାଇଁ କଞ୍ଚାମାଲର ସମସ୍ୟା ଆଉ ରହିବ ନାହିଁ। ସେଥିପାଇଁ ଆନୁଷଙ୍ଗିକ ଅନୁମତି ଥିବା ଖଣି ବ୍ଲକ୍‌ଗୁଡ଼ିକ ନିଲାମ ପ୍ରକ୍ରିୟାରେ ସାମିଲ ହେବେ ବୋଲି ସଂପୃକ୍ତ ଖଣି ଅଧିକାରୀ ସୂଚନା ଦେଇଥିଲେ।

# ବଦଳିବ ମାଟ୍ରିକ୍ ପ୍ରଶ୍ନପତ୍ର ଢାଞ୍ଚା

**ଭୁବନେଶ୍ୱର :** ୨୦୨୧-୨୨ ମାଟ୍ରିକ୍ ପରୀକ୍ଷାରେ ବଦଳିବ ପ୍ରଶ୍ନପତ୍ର ଢ଼ାଞ୍ଚା। ପୂର୍ବପରି ୫୦୦ ମାର୍କ ନୁହେଁ, କେବଳ ୪୦୦ମାର୍କର ପରୀକ୍ଷା ଦେବେ ପରୀକ୍ଷାର୍ଥୀ। ସେହିପରି ପ୍ରତି ବିଷୟରେ ପୂର୍ବରୁ ୧୦୦ମାର୍କ ରହୁଥିବା ବେଳେ ଏଣିକି ଏହା ୮୦ମାର୍କକୁ ହ୍ରାସ କରାଯାଇଛି। ଫଳରେ ମୋଟ ୪୦୦ମାର୍କର ପରୀକ୍ଷା ହେବ। ୨୦୨୧ ପରୀକ୍ଷାର କୋଶ୍ଚିନ୍ ପାଟର୍ଣ୍ଣ ସୋସିଆଲ ମିଡିଆରେ ଘୁରିବୁଲୁଛି। ତେବେ ଏହି କୋଶ୍ଚିନ ପାଟର୍ଣ୍ଣ ପକୃତ ପକ୍ଷେ କେତେଦୂର ଗ୍ରହଣୀୟ ତାକୁ ନେଇ ଅଭିଭାବକଙ୍କ ମହଲରେ ଚର୍ଚ୍ଚାହେଉଛି। କରୋନା ଲାଗି ରାଜ୍ୟରେ ମାର୍ଚ୍ଚ୨୧ରୁ ସମସ୍ତ ସ୍କୁଲ ବନ୍ଦ ରହିଥିବା ବେଳେ ଶ୍ରେଣୀ ପାଠପଢ଼ା ମଧ୍ୟ ଠପ୍ ହୋଇଯାଇଛି। ଡିସେମ୍ବର ପରେ ସ୍କୁଲ ଖୋଲିବା ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଯୋଜନା ରହିଥିବା ବେଳେ ଏହା ପକୃତପକ୍ଷେ ସ୍ପଷ୍ଟ ହୋଇପାରିନି। ସ୍କୁଲ କେବେ ଖୋଲିବ, ପାଠପଢ଼ା କିପରି ହେବ ସେ ସମ୍ପର୍କରେ ସରକାର ବିଚାର ବିମର୍ଷ କରୁଛନ୍ତି। ସ୍କୁଲ ଖୋଲିବା ପରେ ପାଠପଢ଼ା ହେବ। ପାଠ୍ୟଖସଡ଼ାକୁ ହ୍ରାସ କରାଯାଇଥିବା ବେଳେ ଯେତିକି ପାଠ ପଢ଼ିବାକୁ ଧାର୍ଯ୍ୟ ହୋଇଛି ତାହା ଶେଷ ହେବା ପରେ ମାଟ୍ରିକ୍ ପରୀକ୍ଷା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ମାତ୍ର ବିଳମ୍ବରେ ସ୍କୁଲ ଖୋଲାଯାଉଥିବାରୁ ପ୍ରତି ଶିକ୍ଷାବର୍ଷରେ ଯେତିକି ପାଠପଢ଼ା ହୋଇଥାଏ ତାହା ଠାରୁ ୩୦ରୁ ୩୫% କମ୍ ରହିବ ବୋଲି ମଧ୍ୟ ପୂର୍ବରୁ ନିଷ୍ପତ୍ତି ହୋଇଛି। ଅପରପକ୍ଷେ ମିଳିଥିବା ସୂଚନା ଅନୁଯାୟୀ, ୫ଟି ବିଷୟ ମଧ୍ୟରୁ ଗଣିତ ବିଷୟ ପରୀକ୍ଷା ସର୍ବାଧିକ ୨ଘଣ୍ଟା ୧୫ମିନିଟ୍‌ର ରହିବ। ଅବଶିଷ୍ଟ ସଂସ୍କୃତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଇଂରାଜୀ ବିଷୟ ପରୀକ୍ଷାର ସମୟ ୨ଘଣ୍ଟା ରହିବ। ସଂସ୍କୃତ, ଇଂରାଜୀ ଏବଂ ଗଣିତରେ ୧ମାର୍କ ବିଶିଷ୍ଟ ୫୦ଟି ଏମ୍‌ସିକ୍ୟୁ ବା ମଲଟିପୁଲ ଚଏସ୍ କୋଶ୍ଚିନ୍ ରହିବ। ସେହିପରି ଅବଶିଷ୍ଟ ୩୦ମାର୍କ ଲାଗି ୬ଟି ପ୍ରଶ୍ନ ରହିବ। ଯାହାର ପ୍ରତି ପ୍ରଶ୍ନ ଲାଗି ୫ମାର୍କ ଲେଖାଏଁ ଥିବା ଜଣାପଡ଼ିଛି। ସାଧାରଣ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନରେ ୨୫ ମାର୍କ ଲେଖାଏଁ ୨ଟି ଅବଜେକ୍ଟିଭ ପ୍ରଶ୍ନରହିବ। ୨ଟି ସବ୍‌ଜେକ୍ଟିଭ ପ୍ରଶ୍ନ ରଖାଯିବ। ପାଠପଢ଼ାରେ ବିଳମ୍ବ ହୋଇଥିବାରୁ ଆସନ୍ତା ପରୀକ୍ଷାରେ ଏପରି ପ୍ରଶ୍ନପତ୍ର ରହିବ ବୋଲି ଜଣାପଡ଼ିଛି। ମାତ୍ର ଏହି ସାମ୍ପଲ ପ୍ରଶ୍ନପତ୍ର ସମ୍ପର୍କରେ ଅନେକ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଜଣାନାହିଁ। ଏପରି ସାମ୍ପଲ ପ୍ରଶ୍ନପତ୍ର ପ୍ରସ୍ତୁତ ହୋଇଥିବା ସମ୍ପର୍କରେ ସେମାନଙ୍କୁ ବିଭାଗ ପକ୍ଷରୁ ଅବଗତ କରାଯାଇନଥିବା ଅଭିଯୋଗ ହୋଇଛି। ତେବେ ଏହି ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ମେକାପଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ତାଙ୍କ ସ୍କୁଲରେ ପାଠପଢ଼ା ପ୍ରାୟ ୮୦%ରୁ ଅଧିକ ଶେଷ ହୋଇଯାଇଛି। ଜାନୁଆରୀ ଶେଷ ସୁଦ୍ଧା ରିଭିଜନ କରାଯିବ। ଅନ୍‌ଲାଇନ୍ ଗୁଗୁଲ ମିଟ୍ ଏବଂ ଶିକ୍ଷା ସଂଯୋଗ ବ୍ୟବସ୍ଥାରେ ପିଲାଙ୍କୁ ପାଠପଢ଼ା ଯାଇଛି। ତେଣୁ ପରୀକ୍ଷା ଲାଗି ପିଲାଙ୍କର କୌଣସି ଭୟ ନାହିଁ। ୮୦ମାର୍କ ବିଶିଷ୍ଟ ପ୍ରଶ୍ନପତ୍ର ସାମ୍ପଲ କପି ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ, ୨୦୨୧ ବର୍ଷ ଲାଗି ମାଟ୍ରିକ୍ ପରୀକ୍ଷା ଲାଗି ପାଟର୍ଣ୍ଣ କୋଶ୍ଚିନ୍ ସମ୍ପର୍କରେ ସମସ୍ତେ ଜାଣିସାରିଛନ୍ତି। ଚଳିତବର୍ଷ ୮୦ମାର୍କର ପ୍ରଶ୍ନ ରହିବ ବୋଲି ସମ୍ପୃକ୍ତ ପ୍ରଶ୍ନପତ୍ରରେ ଦର୍ଶାଯାଇଛି। ମାତ୍ର ଏ ସମ୍ପର୍କରେ କୌଣସି ଲିଖିତ ନିର୍ଦ୍ଦେଶନାମା ହସ୍ତଗତ ହୋଇନାହିଁ। ଯାହାକୁ ନେଇ ମଧ୍ୟ ଅନେକ ପରୀକ୍ଷାର୍ଥୀ ଏବଂ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି।

# ରୋଗ ଶଯ୍ୟାରେ ଚାରୁଚନ୍ଦ୍ର

## ଚିକିତ୍ସା ପାଇଁ ଅର୍ଥ ବାଧକ



**ଉଦଳା, (ନିରୁପମା ରଣା) :** ଚିକିତ୍ସା ପାଇଁ ଅର୍ଥ ବାଧକ। ଅର୍ଥ ଅଭାବ ଯୋଗୁ ୪ ବର୍ଷ ହେବ ବିଛଣାରେ କଟୁଛି ଜୀବନ। ଗୋଟିଏ ପଟେ ନିଜର ଚିକିତ୍ସା ଓ ଅନ୍ୟପଟେ ପରିବାର ପ୍ରତିପୋଷଣ ଦୁଃଖ ପରିବାରକୁ ଘାରିଛି। କେବଳ ଅପେକ୍ଷା ସରକାର ଓ ବଦାନ୍ୟବ୍ୟକ୍ତିଙ୍କ ସହାୟତାକୁ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ନୂଆଗାଁ ଗ୍ରାମର ଚାରୁଚନ୍ଦ୍ର ବେହେରାଙ୍କ ଘର। ପରିବାର କହିଲେ ସ୍ତ୍ରୀ ଜୟନ୍ତୀ ଓ ତିନି ଝିଅ। ପୂର୍ବରୁ ଚାରୁଚନ୍ଦ୍ରଙ୍କ ପରିବାର ବେଶ ହସଖୁସିରେ ରହୁଥିଲେ। ଚାରୁଚନ୍ଦ୍ର ଜେସିପି ଡ୍ରାଇଭର କାମ କରି ଯାହାକିଛି ରୋଜଗାର କରୁଥିଲେ ଚଳି ଯାଉଥିଲେ। ହେଲେ ଏବେ ଚାରୁଙ୍କ ଅବସ୍ଥା ପାଇଁ ପରିବାର ଚିନ୍ତାରେ। କେମିତି ଚାରୁଚନ୍ଦ୍ର ଭଲ ହେବେ ଓ ବଢ଼ିଲା ତିନି ଝିଅ ଭବିଷ୍ୟତକୁ ନେଇ ଚିନ୍ତାରେ ଜୟନ୍ତୀ। ଜୟନ୍ତୀ ପର ଘରେ କାମ କଲେ ପରିବାର ଚଳେ। ସବୁକିଛି ଠିକ୍‌ଠାକ ଚାଲିଥିଲା ଚାରୁଚନ୍ଦ୍ରଙ୍କ ପରିବାରର। ହଠାତ୍ ତାଙ୍କର ଗୋଡ ହାତ କାମ କଲାନି। ଧୀରେ ଧୀରେ ତାଙ୍କର ଅବସ୍ଥା ଖରାପ ହେବାରେ ଲାଗିଲା। ୪ ବର୍ଷ ହେବ ସେ ବିଛଣାରେ ପଡି ରହିଛନ୍ତି। ଚାରୁଙ୍କ ଅସୁସ୍ଥ ପରେ ପରିବାର ଉପରେ କଳାବାଦଲ ମାଡିଆସିଲା। କେମିତି ଚାରୁଙ୍କ ଚିକିତ୍ସା ହେବ ଓ ପରିବାର କେମିତି ଚଳିବ ତାହା ଜୟନ୍ତୀ ନିରୁପାୟ ହୋଇଯାଇଛନ୍ତି। ପୁଣି ବଢ଼ିଲା ଝିଅଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ଚାରୁଙ୍କ ସ୍ତ୍ରୀ ଜୟନ୍ତୀ। ସେଥିପାଇଁ ଝିଅ ବାପାଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତାର ନିବେଦନ କରିଛନ୍ତି। ତେବେ ଗ୍ରାମବାସୀ ମାନଙ୍କର ଉଦ୍ୟମରେ ଚାରୁଚନ୍ଦ୍ରଙ୍କୁ ବାରିପଦା ଓ କଟକ ମେଡିକାଲ ନେଇ ଚିକିତ୍ସା କରାଇଥିଲେ। ହେଲେ ଅଧିକ ଚିକିତ୍ସା ପାଇଁ ଅର୍ଥ ଆବଶ୍ୟକ ହେବାରୁ ଚାରୁ ଘରକୁ ଫେରି ଆସିଥିଲେ। ଏବେ ଚିକିତ୍ସା ଅଭାବରୁ ନା ଚାଲି ପାରୁଛନ୍ତି ନା କଥା କହିପାରୁଛନ୍ତି। ତେବେ ସରକାରୀ ସହାୟତା ଓ କୌଣସି ବଦାନ୍ୟ ବ୍ୟକ୍ତି ସହଯୋଗ ପାଇଁ ଚାହିଁ ରହିଛନ୍ତି ଚାରୁଙ୍କ ପରିବାର।

# କ୍ଲାସ୍‌ରେ ମୋବାଇଲ୍ ବ୍ୟବହାର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର :** ଖୁବଶୀଘ୍ର ସ୍କୁଲ୍ ଏବଂ ଜୁନିୟର କଲେଜଗୁଡିକରେ ମୋବାଇଲ ବ୍ୟବହାର ଉପରେ ଲାଗିବ କଟକଣା। ଶିକ୍ଷାଦାନ ସମୟରେ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ମୋବାଇଲ ବ୍ୟବହାର କରିପାରିବେ ନାହିଁ। ବ୍ୟବହାର କଲେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସର୍ଭେ ରିପୋର୍ଟରୁ ଜଣାପଡିଛି ଯେ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲଗୁଡିକରେ ପ୍ରାୟ ୯୨ପ୍ରତିଶତ ପିଲା ବର୍ତ୍ତମାନ ମୋବାଇଲ ଆଣି ସ୍କୁଲ ଆସୁଥିବା ବେଳେ ୬୫ପ୍ରତିଶତ ପିଲା ସରକାରୀ ସ୍କୁଲରେ



ମୋବାଇଲ ବ୍ୟବହାର କରୁଛନ୍ତି। ମୋବାଇଲ ଦ୍ୱାରା ପିଲାମାନେ ଡିଷ୍ଟର୍ବ ହେଉଥିବା ବେଳେ ପାଠପଢ଼ାଉଥିବା ବେଳେ ମୋବାଇଲ ଦ୍ୱାରା କିଛି ଶିକ୍ଷକମାନେ ସମୟ ନଷ୍ଟ କରିଥାନ୍ତି। ପୂର୍ବରୁ କ୍ୟାମ୍ପସ୍‌ରେ ଶିକ୍ଷକଙ୍କ ଲାଗି ମୋବାଇଲ ବ୍ୟବହାର ଉପରେ କଟକଣା ଜାରି କରାଯାଇଥିଲା। ଏପରିକି ଶ୍ରେଣୀକକ୍ଷରୁ କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ମୋବାଇଲ ନନେବା ଉପରେ ମଧ୍ୟ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ମାତ୍ର ଅନେକ ସ୍କୁଲରେ ଏହି ନିୟମକୁ ଅବମାନନା କରାଯାଉଛି ବୋଲି ଅଭିଯୋଗ ହୋଇଥିଲା। ଆସନ୍ତା ବର୍ଷରୁ ସ୍କୁଲ ଖୋଲିବା ପରେ ସ୍କୁଲରେ ମୋବାଇଲ ବ୍ୟବହାର ଉପରେ କଟକଣାକୁ ଜୋରଦାର ପାଳନ କରାଯିବ। ଏପରିକି ଶିକ୍ଷକ, ଶିକ୍ଷୟିତ୍ରୀ ମୋବାଇଲ କ୍ୟାମ୍ପସରେ ବ୍ୟବହାର କରିବା ଉପରେ ମଧ୍ୟ କଟକଣା ଜାରି କରାଯିବ। ଶ୍ରେଣୀକକ୍ଷରୁ ମୋବାଇଲ ପ୍ରବେଶ ଉପରେ ଯାଞ୍ଚ କରାଯିବ।

# ଚାଷୀଙ୍କୁ ସଚେତନ କରିବାର ଆବଶ୍ୟକତା ଜରୁରୀ: ମନ୍ତ୍ରୀ

**ଭୁବନେଶ୍ୱର :** ବିଗତ ୨୦ ବର୍ଷ ମଧ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ରାଜ୍ୟ ଅନେକ ସଫଳତା ହାସଲ କରିଛି। କୃଷି ଉତ୍ପାଦନକୁ ଅଧିକ ବୃଦ୍ଧି କରିବାର ଭରପୂର ସମ୍ଭାବନା ରହିଛି। ରାଜ୍ୟ ସରକାର କୃଷିକୁ ପ୍ରାଥମିକତା ପ୍ରଦାନ କରି କୃଷକମାନଙ୍କ ଆୟକୁ ବହୁଗୁଣିତ କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ମୃତ୍ତିକା ପରୀକ୍ଷଣ, ଉନ୍ନତ ମାନର ବିହନ ଓ ଜ୍ଞାନକୌଶଳ ବ୍ୟବହାର ତଥା ଫସଲର ବିବିଧିକରଣ ଚାଷୀମାନଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିବ। ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର କରି ଉତ୍ପାଦନ ଖର୍ଚ୍ଚ କମ୍ କରାଯାଇପାରିବ। ସେହିପରି ବିଭନ୍ନ ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ଦିଗରେ ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ଗ୍ରାମ୍ୟ କୃଷିକର୍ମୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଉତ୍ତରାଞ୍ଚଳ ରାଜସ୍ୱ ଜୋନ୍ ଅନ୍ତର୍ଗତ ଜିଲ୍ଲାଗୁଡ଼ିକରେ କାର୍ଯ୍ୟରତ ଗ୍ରାମ୍ୟ କୃଷିକର୍ମୀମାନଙ୍କର ଦକ୍ଷତା ବିକାଶ ନିମନ୍ତେ ଆୟୋଜିତ ଭର୍ଚୁଆଲ୍ ବୈଠକରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ଯେ ପ୍ରତ୍ୟେକ ସୋମବାର ଦିନ ଗ୍ରାମ ପଞ୍ଚାୟତ ସ୍ତରରେ ଅନୁଷ୍ଠିତ ବୈଠକରେ ଚାଷୀମାନଙ୍କର ସମସ୍ୟା ସମ୍ପର୍କରେ ଗ୍ରାମ୍ୟ କୃଷିକର୍ମୀମାନେ ଅଧିକ ତତ୍ପରତା ପ୍ରକାଶ କରନ୍ତୁ। ଫସଲରେ ରୋଗପୋକ ଲାଗିଲେ ତୁରନ୍ତ କୀଟଦମନ ନିମନ୍ତେ ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ଦେବା ଦରକାର। ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣ ଯୋଜନା ନିମନ୍ତେ ହିତାଧିକାରୀଙ୍କ ଚୟନ ସମୟରେ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ନହୁଅନ୍ତି ସେଥି ନିମନ୍ତେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବା ଉପରେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱାରୋପ କରିଥିଲେ। ଉପଲବ୍ଧ ଜମିରୁ ସର୍ବାଧିକ ଉତ୍ପାଦନ ପାଇବା ନିମନ୍ତେ ସମନ୍ୱିତ କୃଷି କାର୍ଯ୍ୟ ଆପଣେଇବା, ମୃତ୍ତିକାର ସ୍ୱାସ୍ଥ୍ୟ ନିମନ୍ତେ ଅଧିକରୁ ଅଧିକ ବାୟୋ- ଫର୍ଟିଲାଇଜର ବ୍ୟବହାର ସହ କୃଷିଜାତ ଦ୍ରବ୍ୟର ବିପଣନ ନିମନ୍ତେ କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ ଦିଗରେ ଚାଷୀମାନଙ୍କୁ ସଚେତନ କରିବାର ଆବଶ୍ୟକତା ଉପରେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱାରୋପ କରିଥିଲେ। ଆମ କୃଷି ଟୋଲ୍ ଫ୍ରି ମୋବାଇଲ୍ ସେବା ଓ ହ୍ୱାଟସ୍‌ଆପ୍ ଭିଡିଓ ଓ ବାର୍ତ୍ତାର ବହୁଳ ପ୍ରସାର କରି ଚାଷୀଙ୍କୁ କୃଷି ସମ୍ବନ୍ଧୀୟ ଆବଶ୍ୟକ ସୂଚନା ଦେବା ଦିଗରେ ଗ୍ରାମ୍ୟ କୃଷିକର୍ମୀମାନେ ସକ୍ରିୟ ଭୂମିକା ଗ୍ରହଣ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ୫-ଟି ଅନୁପାଳନପୂର୍ବକ କୃଷି କାର୍ଯ୍ୟକୁ ଆଗେଇ ନେବା ପାଇଁ ଗ୍ରାମ୍ୟ କୃଷିକର୍ମୀଙ୍କୁ ମନ୍ତ୍ରୀ ଡ. ସାହୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଡ. ସାହୁ ଗ୍ରାମ୍ୟ କୃଷିକର୍ମୀମାନଙ୍କର ଅନ୍ୟ ରାଜ୍ୟର କୃଷି କ୍ଷେତ୍ର ପରିଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ କହିଲେ ଯେ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ଦକ୍ଷତା କାର୍ଯ୍ୟକ୍ରମ ଗ୍ରାମ୍ୟ କୃଷିକର୍ମୀମାନଙ୍କର ଦକ୍ଷତା ବିକାଶରେ ସହାୟକ ହୋଇପାରିବ।

# ଜାନୁଆରୀରୁ ପ୍ରତି ଜିଲ୍ଲାରେ 'ମୋ ସରକାର' ସେଲ୍

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସବୁ ଜିଲ୍ଲାରେ ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ରୋଜଗାର ଯୋଜନା ଏବଂ ସହରାଞ୍ଚଳ ରୋଜଗାର ଯୋଜନା ଆଦିର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୋଭିଡ୍ ମହାମାରୀ ଗତ ମାର୍ଚ୍ଚରୁ ଆମ ସମସ୍ତଙ୍କ ପାଇଁ ଏକ ଅଭୂତପୂର୍ବ ଆହ୍ୱାନ ସୃଷ୍ଟି କରିଛି। ବିଶ୍ୱର ଆର୍ଥିକ ଅଭିବୃଦ୍ଧି ନିମ୍ନଗାମୀ ହୋଇଛି ଏବଂ ଏହାଦ୍ୱାରା ଗରିବ ଲୋକମାନେ ହିଁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଗରିବ ଲୋକଙ୍କ ପାଇଁ ଏହି ଦୁଃସମୟରେ ରୋଜଗାର ସୁନିଶ୍ଚିତ କରିବା ସରକାରଙ୍କର ପ୍ରାଥମିକତା। ରୋଜଗାର ଅଭାବରୁ ଯେପରି ଗୋଟିଏ ବି ପରିବାର କଷ୍ଟ ନ ପାଏ, ସେଥିପ୍ରତି ଧ୍ୟାନ ଦେବା ପାଇଁ ଜିଲ୍ଲାପାଳ ମାନଙ୍କୁ ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ଏମ୍‌ଜିଏନ୍‌ଆରଇଜିଏ ସହିତ ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା ସହରାଞ୍ଚଳ ରୋଜଗାର ଯୋଜନା ଜରିଆରେ ଗରିବ ଲୋକଙ୍କୁ ବ୍ୟାପକ ନିଯୁକ୍ତି ସୁଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦିଆଯାଇଥିବା ସୂଚନା ଅନୁସାରେ ଏହି ଦୁଇ କାର୍ଯ୍ୟକ୍ରମ ଜରିଆରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୦ କୋଟି ମାନବ ଦିବସ ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଦୁଇ ଯୋଜନା ଜରିଆରେ ଜୀବିକା ଅର୍ଜନ କରୁଥିବା ଗରିବ ଲୋକମାନଙ୍କ ମଜୁରୀ ପାଇବାରେ ବିଳମ୍ବ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ମାନଙ୍କୁ ସତର୍କ କରାଇ ଦେଇଛନ୍ତି। ହିତାଧିକାରୀମାନେ ଯେଉଁଳି ଠିକ୍ ସମୟରେ ସେମାନଙ୍କ ମଜୁରୀ ପାଇପାରିବେ, ତା ଉପରେ ଗୁରୁତ୍ୱ ଦେବା ସହିତ ମୋ ସରକାର ପ୍ଲାଟଫର୍ମ ଜରିଆରେ ହିତାଧିକାରୀ ମାନଙ୍କୁ ନିୟମିତ ଫୋନ୍ କରି ମଜୁରୀ ବିଷୟ ତଦାରଖ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ମୁଖ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। କେତେକ ଜିଲ୍ଲାରେ ହିତାଧିକାରୀମାନଙ୍କୁ ଠିକ୍ ସମୟରେ ମଜୁରୀ ଲୋକଙ୍କୁ ମିଳୁଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ଆଗାମୀ ଜାନୁଆରୀ ପହିଲା ୨୦୨୧ରୁ ପ୍ରତି ଜିଲ୍ଲାରେ ଏହି ରୋଜଗାର ଯୋଜନା ସମ୍ପର୍କର ଫିଡ୍‌ବ୍ୟାକ ପାଇଁ ସ୍ୱତନ୍ତ୍ର ଭାବରେ ମୋ ସରକାର ସେଲ୍ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏମ୍‌ଜିଏନ୍‌ଆରଇଜିଏ ଲକ୍ଷ୍ୟ ପୂରଣ ଦିଗରେ ଯାଜପୁର, କୋରାପୁଟ, ସୋନପୁର ଜିଲ୍ଲା ବହୁତ ଭଲ କାମ କରିଥିବାରୁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଯେଉଁ ଜିଲ୍ଲା ଗୁଡିକରେ ଲୋକମାନେ ଅନ୍ୟ ରାଜ୍ୟକୁ କାମ ପାଇଁ ଯାଉଛନ୍ତି, ସେହିସବୁ ଜିଲ୍ଲା ଉପରେ ସ୍ୱତନ୍ତ୍ର ଫୋକ୍‌ସ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହିସବୁ ଜିଲ୍ଲାରେ ପରିବାର ପିଛା ଅଧିକ ୧୦୦ ଦିନ ଓ ଅତିରିକ୍ତ ମଜୁରୀ ଦିଆଯିବା ବିଷୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେହିପରି




ଆଗାମୀ ମାର୍ଚ୍ଚ ପୂର୍ବରୁ ୧୦୦୦ ମିଶନ ଶକ୍ତି ଗୃହ ଏବଂ ଜାନୁଆରୀ ଶେଷ ସୁଦ୍ଧା ଗୋଟିଏ ଲେଖାଏ ପରିଚୟ ଗୃହର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଜିଲ୍ଲାରେ ଅଧିକ ମା ମାନଙ୍କୁ ଓ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କୁ ରୋଜଗାର ଯୋଜନା ତଦାରଖରେ ନିୟୋଜିତ କରାଯିବ, ସେହି ଜିଲ୍ଲା ମାନଙ୍କୁ ଉତ୍ସାହିତ କରାଯିବ। ସେହିପରି ସହରାଞ୍ଚଳ ରୋଜଗାର ଯୋଜନାରେ ଗରିବ ଲୋକମାନଙ୍କୁ ଗୋଷ୍ଠୀ ସଂଘ ଓ ମିଶନ ଶକ୍ତି ଜରିଆରେ କାମ ଦିଆଯାଉଅଛି। ଏହି ଦିଗରେ ଢେଙ୍କାନାଳ, ଜଗତସିଂହପୁର ଓ ମୟୂରଭଞ୍ଜ ଜିଲ୍ଲା ଭଲ କାମ କରିଥିବାରୁ ମୁଖ୍ୟମନ୍ତ୍ରୀ ସେହିସବୁ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଯୋଜନାରେ ଦିଆଯାଇଥିବା ଅର୍ଥକୁ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଥିଲେ ଯେ, ରାଜ୍ୟରେ ୨୦ କୋଟି ମାନବ ଦିବସ ସୃଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପ୍ରଶାସନ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। ଗ୍ରାମାଞ୍ଚଳରେ ୫୦ ଲକ୍ଷ ନାମମାତ୍ର ଚାଷୀ ଓ ଭୂମିହୀନ କୃଷକ ଶ୍ରମିକ ମାନଙ୍କ ପାଇଁ ଅଧିକ ଜୀବିକା ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ମହାତ୍ମାଗାନ୍ଧି ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ସମ୍ପର୍କରେ ଉପସ୍ଥାପନା ରଖି ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଦେଓରଞ୍ଜନ କୁମାର ସିଂହ କହିଲେ ଯେ, ଏହି କାର୍ଯ୍ୟକ୍ରମରେ ଗତବର୍ଷ ମାତ୍ର ୨.୯୬ ଲକ୍ଷ ଜବ୍ କାର୍ଡ ଦିଆଯାଇଥିବା ବେଳେ ଚଳିତ ବର୍ଷ ୭.୨୬ ଲକ୍ଷ ଜବ୍ କାର୍ଡ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୧୪.୫୦ କୋଟି ମାନବ ଦିବସ ସୃଷ୍ଟି କରାଯାଇସାରିଛି। ୩୧ଲକ୍ଷ ପରିବାର ଓ ୫୧ ଲକ୍ଷ ଲୋକଙ୍କୁ ରୋଜଗାର ଯୋଗାଇ ଦିଆଯାଇଛି। ଚଳିତ ବର୍ଷ ଦୈନିକ ହାରାହାରି ୧୦.୨୩ଲକ୍ଷ ଲୋକଙ୍କୁ ଶ୍ରମଭିତ୍ତିକ ରୋଜଗାର ଯୋଗାଇ ଦିଆଯାଉଛି ବୋଲି ସେ ସୂଚନା ଦେଇଥିଲେ। ସେହିପରି ସହରଞ୍ଚଳ ରୋଜଗାର ଯୋଜନା ସମ୍ପର୍କରେ ସୂଚନା ଦେଇ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି.ମାଥିଭାତନନ୍ କହିଲେ ଯେ, ୧୧୪ଟି ପୌରାଞ୍ଚଳରେ ୮୦୦୦ଟି ପ୍ରକଳ୍ପ ହାତକୁ ନିଆଯାଇଛି। ସେଥିମଧ୍ୟରୁ ୫୦୦୦ଟି ପ୍ରକଳ୍ପ ଶେଷ ହୋଇଛି ଏବଂ ବାକି ସମସ୍ତ ପ୍ରକଳ୍ପ ବିଭିନ୍ନ ସ୍ତରରେ ରହିଛି। ବର୍ତ୍ତମାନ ସୁଦ୍ଧା ୧୧.୬ଲକ୍ଷ ମାନବ ଦିବସ ଦୃଷ୍ଟି ହୋଇଛି ବୋଲି ସେ କହିଥିଲେ। ଏହାସହିତ ମହାନଗର ନିଗମ ଗୁଡ଼ିକରେ ୩.୩ଲକ୍ଷ ମାନବ ଦିବସ ସୃଷ୍ଟି କରାଯାଇ ପାରିଛି ବୋଲି ସେ ସୂଚନା ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କହିଥିଲେ ଯେ, ମିଶନ ଶକ୍ତିର ମା ମାନଙ୍କୁ ତଦାରଖ କାର୍ଯ୍ୟରେ ସକ୍ରିୟ ଭାବରେ ନିୟୋଜିତ କରାଯିବା ସହିତ ସେମାନଙ୍କ ତଦାରଖ ପ୍ରାପ୍ୟ ଅବିଳମ୍ବେ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୧ - ୨୭ ଡିସେମ୍ବର, ୨୦୨୦

# ଆହ୍ୱାନକୁ ସାମ୍ନା କରିବା ହିଁ ସାମର୍ଥ୍ୟ

ସମ୍ପାଦକୀୟ

ତାରକ ମହାନ୍ତି



ମଣିଷ ପ୍ରତି ମୁହୂର୍ତ୍ତରେ କିଛିନା କିଛି ନୂତନ ଆହ୍ୱାନର ସମ୍ମୁଖୀନ ହୋଇଥାଏ। ଯେଉଁଥିରେ ଅନେକ ବାଧା, ନିନ୍ଦା ଓ ସଫଳତାର ସୂତ୍ର ମୁଦା ଲଫାପାର ଚିଠି ଭଳି ବନ୍ଦ ପଡିଥାଏ। ଏପରିକି କିଛି ଆହ୍ୱାନ ଏଭଳି ଥାଏ, ଯାହାର ସାମ୍ନା କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପାରେ। ଖଡ୍‌ଗଧାରେ ଚଳିବା ଭଳି ଆହ୍ୱାନର ମୁକାବିଲା ପାଇଁ ମଣିଷର ଧୈର୍ଯ୍ୟ ବାରମ୍ବାର ପରୀକ୍ଷା ହୋଇ ଚାଲିଥାଏ। ତେଣୁ ଜୀବନ ଯେ, ସ୍ୱପ୍ନ ଅବା ସୁଖର ତୁଳତଳ୍ପ ଶଯ୍ୟା ଏହା ମାନିନେବା ଆଦୌ ସହଜ ହୋଇନପାରେ। ପରିବାର, ସମାଜ, ରାଜନୀତି, ବାଣିଜ୍ୟ ଓ ପ୍ରତିଷ୍ଠା ପାଇବା କ୍ଷେତ୍ରରେ ମଣିଷକୁ ଅନେକ କିଚି ସାମ୍ନା କରିବାକୁ ପଡେ। ତେଣୁ ବାସ୍ତବରେ ସଠିକ ବିଚାର ଓ ଉତ୍ତମ କର୍ମଯୁକ୍ତ ମଣିଷ ହିଁ ଏସବୁକୁ ସହଜରେ ସମାଧାନ କରିପାରିଥାଏ। ଜଣେ ମଣିଷ ବିଫଳ ହେବା ବା ସଫଳ ହେବା ପଛରେ କ୍ରିୟାଶୀଳତାରେ ପାର୍ଥକ୍ୟ, ଅନୁଶୀଳନ ଓ ପ୍ରଣାଳୀର ସୁବିନିଯୋଗ ମଧ୍ୟରେ କେଉଁଠି ନା କେଉଁଠି ତ୍ରୁଟି ରହିଛି। ଯେଉଁଥିପାଇଁ ସମାନ କର୍ମ କରି ଜଣେ ସଫଳ ହେଉଥିଲା ବେଳେ ଆଉଜଣେ ବିଫଳ ହେବାକୁ ବାଧ ହୋଇପଡୁଛି। ତେବେ ଏଭଳି ଘଟିବା ପଛରେ ଅନେକ ଗୁଡିଏ କାରଣ ଅନ୍ତର୍ନିହିତ ଭାବେ ରହିଥିଲେ ସୁଦ୍ଧା ସେଥିରେ ପରିବର୍ତ୍ତନ ନଆସିବାର କାରଣ ମଧ୍ୟ କିଛି କମ ନୁହେଁ। ପାରିପାର୍ଶ୍ୱିକ ପରିସ୍ଥିତି, ବ୍ୟକ୍ତିଗତ ପାରଙ୍ଗମତା, ଦୃଷ୍ଟିକୋଣ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ ବିଚାର ଆଲୋଚନା କଲେ ଜଣାପଡେ ଯେ, ବ୍ୟକ୍ତିର ପୃଷ୍ଠଭୂମି, ଅବସ୍ଥା ସମ୍ପର୍କ ଓ ସହଯୋଗ ଏକ ମୁଖ୍ୟ ଆଧାର। ତେଣୁ ଯେଉଁମାନେ ଆଜି ପ୍ରତିଷ୍ଠିତ ସେମାନଙ୍କ ପଛରେ କାହାର ନା କାହାର ସକ୍ରିୟ ଭୂମିକା, ସହଯୋଗ ଓ ପ୍ରଚ୍ଛନ୍ନ ହାତ ଅଛି। ଯେଉଁଥିପାଇଁ ସଫଳତାର ଶ୍ରେୟ ଜଣଙ୍କ ଆଡକୁ ଯାଇଥିଲେ ବି ପରଦା ପଛର କାହାଣୀ ପ୍ରତି କାହାରି ଧ୍ୟାନ ନଥାଏ। କିନ୍ତୁ ଏଭଳି ପ୍ରଚ୍ଛନ୍ନ ଭୂମିକାଧାରୀ ହିଁ ଅନେକ କ୍ଷେତ୍ରରେ ସହଯୋଗ ଦେଇ ଜଣଙ୍କୁ ବଡ କରିପାରନ୍ତି। ବେଳେ ବେଳେ ଏପରି ହୋଇଥାଏ ଯେ, ଜଣେ ବ୍ୟକ୍ତି ନିଜର କଠୋର ପରିଶ୍ରମ ଓ ନିଷ୍ଠା ଦ୍ୱାରା ଉପରକୁ ଉଠିଥାଏ। ସେଥିରେ ବ୍ୟକ୍ତିର ବ୍ୟବହାର, କର୍ତ୍ତବ୍ୟ ପ୍ରତି ଆନ୍ତରିକତା ଏବଂ ଅନ୍ୟକୁ ଉପଯୁକ୍ତ ସମ୍ମାନ ଦେଉଥିବା ଗୁଣ ମଧ୍ୟ ଚର୍ଚ୍ଚାକୁ ଆସିଥାଏ। କିଛି ଲୋକ ପରିବାର ଅର୍ଥରେ ପ୍ରତିଷ୍ଠା ଅର୍ଜନର ସୁଯୋଗ ପାଉଥିଲା ବେଳେ ଅନେକ ବ୍ୟକ୍ତି ନିଜର କର୍ମ ଦ୍ୱାରା ଏହାକୁ ହାସଲ କରିପାରୁଥିବା ବହୁତ ଉଦାହରଣ ରହିଛି। ତେବେ ସର୍ବୋପରି କର୍ତ୍ତବ୍ୟନିଷ୍ଠା ଓ ବ୍ୟକ୍ତିର ଆଚରଣ ହିଁ ନିଜ ଉତ୍ଥାନର ମାର୍ଗ ପରିଷ୍କାର ରଖୁଥିବା ପ୍ରସଙ୍ଗର ପ୍ରାସଙ୍ଗିକତା ରହିଛି। ଜୀବନରେ ଲକ୍ଷ୍ୟପଥରେ ଯିବା ଓ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯିଏ ଯେଉଁ କର୍ମ କଲେବି ଏହାକୁ ନିଷ୍ଠାର ସହ ସମ୍ପାଦନ କରିବା ହେଉଛି ମୂଳ କଥା। କିନ୍ତୁ ଯେଉଁମାନେ ଅପରର ଉନ୍ନତି ଦେଖି କେବଳ ଈର୍ଷା କରିଜାଣନ୍ତି, ସେମାନେ କେବେହେଲେ ନିଜର ଲକ୍ଷ୍ୟ ପଥ ସଠିକ୍ ଭାବେ ନିର୍ଦ୍ଧାରଣ କରିପାରନ୍ତି ନାହିଁ। କାରଣ ଅନ୍ୟକୁ ଈର୍ଷା କରିବାର ହୀନ ମାନସିକତା ତାଙ୍କୁ ଉପରକୁ ଯିବାର ସୁଯୋଗ ପ୍ରଦାନ କରିନଥାଏ। ସବୁ ପରିସ୍ଥିତିରେ ମଣିଷ ସ୍ଥିତପ୍ରଜ୍ଞ ରହିପାରିଲେ ଜୀବନର ସାର୍ଥକତା ଉପଲବ୍ଧି କରିହୁଏ। ଏହାକୁ ଗମ୍ଭୀରତାର ସହ ଜୀବନର ବ୍ରତ ଭାବେ ଗ୍ରହଣ କରି କର୍ତ୍ତବ୍ୟ ପଥରେ ଅଗ୍ରସର ହେବା ହିଁ ସଫଳତା। ଯେଉଁ ଆଧାରରେ ଆଗକୁ ନିଜେ ବଢ଼ିବା ସହ ଅନ୍ୟକୁ ସଠିକ ମାର୍ଗରେ ନେଇପାରିବାର କଳାକୌଶଳ ଶିକ୍ଷା ଲାଭ କରିବା, ସାମାଜିକ ଦାୟିତ୍ୱରେ ନିଜ ଭୂମିକା ପରଖିବା ଏକ ଆଦର୍ଶ ବ୍ୟକ୍ତିର ଲକ୍ଷଣ। ଜୀବନରେ ସଠିକ ଲକ୍ଷ୍ୟପଥ ନିର୍ଦ୍ଧାରଣ କରି ସତପଥରେ ବାଟ ଚାଲିବାର କଠୋର ନିଷ୍ପତ୍ତି ହିଁ ବିକ୍ଷୋନ୍ମୁଖୀ କରାଇଥାଏ। ଉଚ୍ଚ ଆକାଂକ୍ଷା ପରିପୂରଣ କରିବାର ଚିନ୍ତାଧାରାରେ ବ୍ୟତିକ୍ରମ ଦେଖାଗଲେ ଏହାର ପ୍ରତିଫଳନ ଭବିଷ୍ୟତ ଜୀବନ ଉପରେ ପଡିଥାଏ। ଅନେକ କ୍ଷେତ୍ରରେ ଦେଖାଯାଇଛି, କିଛି ବ୍ୟକ୍ତି ଆରମ୍ଭରୁ ସୁମାର୍ଗରେ ପରିଚାଳିତ ହେଉଥିଲା ବେଳେ ସମୟକ୍ରମେ ଏଥିରେ ପରିବର୍ତ୍ତନ ହେଉଥିବା ଦେଖାଯାଉଛି। ଯେଉଁ ପରିବର୍ତ୍ତନ କାରଣରୁ ଭଲ ମଣିଷ, ପ୍ରତିଷ୍ଠାନ, ବ୍ୟକ୍ତିତ୍ୱରେ ପ୍ରଶ୍ନଚିହ୍ନ ସୃଷ୍ଟି ହେଉଛି। ଯେଉଁ ପ୍ରଶ୍ନର ସମାଧାନ ପାଇଁ ଯେତିକି ସମୟ ଅବଧି ଆବଶ୍ୟକ ତାହାରି ଭିତରେ କେତେକ ଘଟଣାରେ ନିଷ୍ପତ୍ତି ଦୃଢ଼ ନଥିବାରୁ କ୍ଷତି ଓ କ୍ଷତ ଅଧିକ ପରିଲକ୍ଷିତ ହେବା ଫଳରେ ଅର୍ଥହାନୀ, ନିନ୍ଦା ଓ ଭୟଙ୍କର ସାମାଜିକ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିପାରେ। ସେହିସବୁ ପ୍ରତିବନ୍ଧକ ସାମ୍ନା କରିବା ଓ ତାହାର ସମାଧାନ କରି ସମସ୍ୟାମୁକ୍ତ ହେବା ବହୁତ କଷ୍ଟସାଧ୍ୟ। ତଥାପି କେହି କେହି ଜୀବନଚର୍ଯ୍ୟାରେ ପରିବର୍ତ୍ତନ ଆଣି ସଂଶୋଧିତ ହୋଇପାରୁଥିବା ବେଳେ ଆଉ କେହି ତମାମ ଜୀବନ ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି। ଅତ୍ୟଧିକ ମୋହ, ମାୟାରେ ଘାରିହେବା ଓ ବସ୍ତୁବାଦର ଆକର୍ଷଣ ମଣିଷକୁ ବିପଥଗାମୀ କରାଉଥିବାର ଯଥେଷ୍ଟ ନଜିର ରହିଛି। କ୍ଷଣିକ ସୁଖ ଆଶାରେ ଜୀବନକୁ ତଳିତଳାନ୍ତ କରିବାର ଯନ୍ତ୍ରଣା ଅନୁଭବ କରିଥିବା ବ୍ୟକ୍ତିର ଜୀବନ ଅନ୍ଧକାରମୟ। ତଥାପି ଏହା ଜାଣିନପାରି ଯେଉଁମାନେ ନୀତି ବିରୋଧ କର୍ମ କରି ଦୁଃଖ ଭୋଗ କରୁଛନ୍ତି, ସେମାନେ ଆରମ୍ଭରୁ ନିଜର ଗନ୍ତବ୍ୟ ପଥ ବାଛିବାରେ ତ୍ରୁଟି କରିଥିବା ହେତୁ ଏଭଳି ଅସୁବିଧା ଭୋଗ କରିଥାନ୍ତି। ତେଣୁ ସମୟର ଆହ୍ୱାନ ଅନୁଯାୟୀ ଯେଉଁ ବ୍ୟକ୍ତି ସଠିକ୍ ନିଷ୍ପତ୍ତି ନେଇପାରନ୍ତି ସେମାନେ ବିପଦରେ ପଡିଲେ ସୁଦ୍ଧା ବିପଦମୁକ୍ତ ହେବାକୁ ଖୁବ୍ କମ ସମୟ ଲାଗିଥାଏ। ଜୀବନରେ ଏଭଳି ଅନେକ କିଛି ଆଶା କରି ନଥିବା ସମସ୍ୟା ଆସିଥାଏ ଏବଂ ଏ ସବୁକୁ ଠିକ୍ ଢଙ୍ଗରେ ମୁକାବିଲା କରିପାରିଲେ ବ୍ୟକ୍ତି ସମସ୍ୟାକୁ ଦୂର କରି ଯନ୍ତ୍ରଣା ପାଇବାରୁ ରକ୍ଷା ପାଇଥାନ୍ତି। ଅନେକାନକ ଘଟଣାରେ ଦେଖାଯାଇଛି ଯେ, ସମସ୍ୟାକୁ ଜାଣିଶୁଣି ଆମନ୍ତ୍ରଣ କରି ପରେ ଅନ୍ୟ ଉପରେ ସମସ୍ୟାଜନିତ ଦୋଷ ଲଦିବା ଏବଂ ଏଥିରୁ ମୁକ୍ତି ପାଇବାର ବାଟ ନ ଜାଣି ଅନ୍ୟକୁ ଦଣ୍ଡିତ କରିଲା ଭଳି ମାନସିକତା ହିଁ ଦୁଃଖର କାରଣ ହୋଇପାରେ। ବ୍ୟକ୍ତିସତ୍ତା ଯେତେ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିର ହୋଇଥାଏ ତାଙ୍କର ଜୀବନଶୈଳୀ ସେହିଭଳି ଆଗକୁ ବଢ଼ିବାରେ ସହାୟକ ହୋଇଥାଏ। ଅଧିକ କାଦୁଅରେ ପଶି ସହଜରେ ଗୋଡ ଧୋଇବାର ଚିନ୍ତା କରୁଥିବା ବ୍ୟକ୍ତି ଅକ୍ଲେଶରେ ବିପଦ ମୁଣ୍ଡାଇଥାନ୍ତି। କାରଣ ଅନ୍ୟାୟ, ଅନୀତି କଲା ବେଳେ ଚିନ୍ତା କରିବାକୁ ଯେଉଁ ଶକ୍ତି ରହିବା ଦରକାର ସେ ଶକ୍ତି ଠିକ ସମୟରେ ଉପଯୁକ୍ତ ଭାବରେ କାର୍ଯ୍ୟରେ ନ ଲାଗିଲେ ଦୁଃଖକ୍ଲେଶ ସହଜରେ ଲାଘବ ହୋଇନଥାଏ। ପ୍ରତ୍ୟେକ କ୍ଷେତ୍ରରେ ମଣିଷ ନିଜର କର୍ତ୍ତବ୍ୟ ସମ୍ପର୍କରେ ସଚେତନ ରହି ନିଜର ଭବିଷ୍ୟତ ଗଢ଼ିବା ସହିତ ସମାଜର ଭବିଷ୍ୟତ ଗଢ଼ିବା ଦିଗରେ ବ୍ରତୀ ହୋଇପାରିଲେ ସବୁଠି ପ୍ରଶଂସାଭାଜନ ହେବା ସହିତ ନିଜ ପରିସର ବାହାରେ ମଧ୍ୟ ପ୍ରଶଂସିତ ହୋଇଥାନ୍ତି। ଅତ୍ୟଧିକ ଲୋଭ, ଅହଂକାର ଓ ଗର୍ବ ଯୋଗୁ ବ୍ୟକ୍ତିର ବିନାଶ ହୁଏ ବୋଲି ଯେଉଁମାନେ ବୁଝିପାରନ୍ତି ନାହିଁ ସେମାନଙ୍କ କ୍ଷେତ୍ରରେ ଭବିଷ୍ୟତର ପଥ ଏତେମାତ୍ରାରେ କଣ୍ଟକିତ ହୁଏ ଯେ, ହୁଏତ ସେମାନଙ୍କ ଆଗାମୀ ଦିନ ଅନ୍ଧକାରାଚ୍ଛନ୍ନ ହୋଇଯାଏ।

# ଅନ୍ନଦାତାଙ୍କ ଆତ୍ମହତ୍ୟାର କାରଣ ଓ ନିରାକରଣ



ପ୍ରଦୀପ୍ତ ଆଚାର୍ଯ୍ୟ

ଭାରତ ଏକ କୃଷି ପ୍ରଧାନ ଦେଶ। ଜୀବିକାର୍ଜନ ପାଇଁ, ଏହି ଦେଶର ହାରାହାରି ୭୦ ଭାଗ ଲୋକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ କୃଷି କାର୍ଯ୍ୟରେ ଜଡିତ। ସିଧା ସଳଖ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥବା ବ୍ୟକ୍ତିଙ୍କ ଅପେକ୍ଷା,କୃଷିଜାତ ଦ୍ରବ୍ୟର ବ୍ୟବସାୟ କରୁଥିବା ଏବଂ କୃଷି ସଂପର୍କିତ ଶିଳ୍ପ ଯଥା କୃଷି ଯନ୍ତ୍ରପାତି,ରାସାୟନିକ ସାର,ପୋକମରା ଔଷଧ ଶିଳ୍ପରେ କାର୍ଯ୍ୟ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବହୁତ ଅଧିକ। ଜଣେ ଲୋକ ଯେତେବେଳେ ନିଜକୁ ଅସହାୟ ବୋଧକରେ ଏବଂ ନୈରାଶ୍ୟ ର ଶିଖରରେ ଉପନୀତ ହୁଏ,ସେତେବେଳେ ଆତ୍ମହତ୍ୟା ପରି ଦୃଢ ଏବଂ ଚରମ ନିଷ୍ପତି ଗ୍ରହଣ କରିବାକୁ ବାଧ୍ୟ ହୁଏ। ଚାଷୀଟିର ଆତ୍ମହତ୍ୟା ନିମନ୍ତେ ଅନେକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ କାରଣ ଜଡିତ।ସର୍ବପ୍ରଥମେ ଯେତେବେଳେ ଚାଷୀଟି ଅନୁଭବ କରେ ତାର ପରିଶ୍ରମ ଏବଂ ବ୍ୟୟ ତୁଳନାରେ ଉତ୍ପାଦନ ହ୍ରାସ ପାଇଯାଉଛି,ଏବଂ କୃଷିକାର୍ଯ୍ୟ ନିମନ୍ତେ କରିଥିବା ଋଣ ସହଜରେ ପରିଶୋଧ କରିପାରିବ ନାହିଁ,ସେତେବେଳେ ସେ ଏପରି ପଦକ୍ଷେପ ଗ୍ରହଣ କରେ। ସରକାର କୃଷକ ମାନଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ,ତାହାର ସୁଫଳ ସେମାନଙ୍କ ପାଖରେ ଅପହଂଚ। ଏଥି ନିମନ୍ତେ କୃଷକ ମାନଙ୍କର ଅଜ୍ଞତା,ଦଲାଲୀ ମାନଙ୍କର ହସ୍ତକ୍ଷେପ ତଥା ସରକାରୀ କର୍ମଚାରୀଙ୍କ ଉଦାସୀନତା ଓ ଦୁର୍ନୀତି ଖୋର ମନୋଭାବ ହିଁ ମୁଖ୍ୟ କାରଣ।ଯଦି ସରକାରଙ୍କ ଦ୍ୱାରା ପ୍ରବର୍ତିତ ଯୋଜନାଗୁଡିକ ସଠିକ୍ କାର୍ଯ୍ୟକାରୀ ହୋଇପାରନ୍ତା,ତେବେ କୃଷକ ମାନଙ୍କର ଆର୍ଥିକ ମାନଦଣ୍ଡ ହୁଏତ ଅନେକାଂଶରେ ଉନ୍ନତ ହୋଇପାରନ୍ତା। ଚାଷୀ ଆତ୍ମହତ୍ୟାର ଅନେକ କାରଣ ମଧ୍ୟରୁ ,ନିମ୍ନ କୃଷି ଉତ୍ପାଦନ ଏବଂ ଋଣ ଶୁଝିବାର ଅସମର୍ଥତା ହିଁ ମୁଖ୍ୟ କାରଣ ରୂପେ ପରିଗଣିତ। ନିମ୍ନ କୃଷି ଉତ୍ପାଦନର କାରଣ ଗୁଡିକ ହେଲା ୧) ପରିବର୍ତିତ ପାଣିପାଗ ୨) ପ୍ରାକୃତିକ ବିପର୍ଯ୍ୟୟ ୩) ଆର୍ଥିକ ଦୁରାବସ୍ଥା ଯୋଗୁ ସଠିକ୍ ପରିମାଣର ସାର ଏବଂ କୀଟନାଶକ ପ୍ରୟୋଗ ନକରିବା।୪)ସଠିକ୍ ବିହନ ଚୟନ ନକରିବା ୫) ଚାଷଜମିର ଉର୍ବରତା ହ୍ରାସ ଏବଂ ୬)ଉନ୍ନତ ପ୍ରଣାଳୀରେ କୃଷିକାର୍ଯ୍ୟ ନିମନ୍ତେ କୃଷକ ନିକଟରେ ଆଧୁନିକ ଜ୍ଞାନ କୌଶଳର ଅଭାବ ଇତ୍ୟାଦି। ଯାହାକିଛି ଉତ୍ପାଦନ ହେଲା,ସେଗୁଡିକରୁ ମଧ୍ୟ କୃଷକ ଠିକ୍ ଭାବରେ ଅର୍ଥ ଆୟ କରିପାରନ୍ତି ନାହିଁ। ତାର କାରଣ ଗୁଡିକ ହେଲା, ୧)ଅନିୟନ୍ତ୍ରିତ ବଜାର ୨)ସଂରକ୍ଷଣର ସମସ୍ୟା ୩)ବ୍ୟବସାୟୀ ମାନଙ୍କର ଏକଚାଟିଆ ହସ୍ତକ୍ଷେପ ୪) କୃଷି ସହାୟକ ସାମଗ୍ରୀ ଯଥା ବିହନ,ସାର ଓ ଔଷଧର ଅହେତୁକ ମୂଲ୍ୟ ବୃଦ୍ଧି ୫) ମହାଜନ ଠାରୁ ଉଚ୍ଚ ସୁଧରେ ଆଣିଥିବା ଋଣର ପରିଶୋଧ ୬) ଜମି ମାଲିକ ଠାରୁ ଭାଗ ସୂତ୍ରରେ ଆଣିଥିବା ଜମିର ଦେୟ ପ୍ରଦାନ ଇତ୍ୟାଦି। ରୁଗଣ୍ ସରକାରୀ ଯୋଜନା,ସବସିଡ୍ ଅର୍ଥ ବାଟମାରଣା,ପାରିବାରିକ ସମସ୍ୟା,ଅତ୍ୟଧିକ ମାନସିକ ଚାପ ଇତ୍ୟାଦି ମଧ୍ୟ ଆତ୍ମହତ୍ୟାର ଅନ୍ୟତମ କାରଣ। ଉପରୋକ୍ତ ଆଲୋଚ୍ୟ ତଥ୍ୟ ଗୁଡିକ କୃଷକର ପ୍ରକୃତରେ ବାସ୍ତବ ସମସ୍ୟା। ଭାରତରେ କୀଟନାଶକ ପାନ ଜନୀତ ଚାଷୀ ଆତ୍ମହତ୍ୟା ଏକ ଜାତୀୟ ବିପତି ରୂପେ ପରିଗଣିତ ହେଉଅଛି।୨୦୧୪ରେ ଏକ ସର୍ବେକ୍ଷଣରୁ ଜଣା ପଡିଛି ଯେ ,କେବଳ ମହାରାଷ୍ଟ୍ରରେ ଦୈନିକ ହାରାହାରୀ ଦଶଜଣ ହିସାବରେ ସମୁଦାୟ ଷାଠିଏ ହଜାର କୃଷକ ଆତ୍ମହତ୍ୟାକରିଛନ୍ତି। ଭାରତର ନ୍ୟାସନାଲ କ୍ରାଇମ ରେକର୍ଡସ ବ୍ୟୁରୋର ତଥ୍ୟାନୁଯାୟୀ ୧୯୯୫ ରୁ ୨୦୧୩ ସୁଦ୍ଧା ଦେଶରେ ୨,୯୬.୪୩୮ ଜଣ କୃଷକ ଆତ୍ମହତ୍ୟାକରିଛନ୍ତି। ଭାରତରେ ସମୁଦାୟ ଆତ୍ମହତ୍ୟାର ୧୧.୨ ଭାଗ ହେଉଛି ଚାଷୀ ଆତ୍ମହତ୍ୟା। ଆମକୁ ଆହାର ଯୋଗାଉଥିବା ଚାଷୀ,ଆଜି ସରକାରଙ୍କ ପ୍ରବର୍ତିତ ନୂତନ କୃଷି ଆଇନ ବିରୁଦ୍ଧରେ ରାଜରାସ୍ତାରେ ଆନ୍ଦୋଳନରତ। ନୂତନ କୃଷି ଆଇନ କୃଷକ ମାନଙ୍କୁ କେତେ ସହାୟକ ହେବ ?ଏହାଦ୍ୱାରା ସେମାନେ ଲଭବାନ୍ ହେବେ କି ନାହିଁ ? ସରକାରଙ୍କ ପ୍ରତିନିଧି,କୃଷକ ମାନଙ୍କୁ ଏବାବଦରେ କେତେଦୂର ବୋଧଗମ୍ୟ କରାଇଛନ୍ତି ?ନିରୀହ କୃଷକ ମାନେ ପକୃତରେ ଏ ଆଇନର ହାନୀକାରକ ଦିଗକୁ ବୁଝିଛନ୍ତି ବା କାହାଦ୍ୱାରା ଭ୍ରମାତ୍ମକ ତଥ୍ୟ ପ୍ରାପ୍ତ ହୋଇ ବାଟବଣା ହେଉଛନ୍ତି ? ତାହା ଆଜିର ବିଚାର୍ଯ୍ୟ ବିଷୟ। ସରକାର ଏଯାବତ୍ କୃଷକ ମାନଙ୍କ ପାଇଁ କୌଣସି ଆଖିଦୃଷ୍ଟିଆ ଯୋଜନା ପ୍ରଣୟନ କରିପାରି ନାହାନ୍ତି କିମ୍ବା ପ୍ରଣୀତ ଯୋଜନାଗୁଡିକର ସୁଫଳ ସେମାନଙ୍କ ପାଖରେ ପହଂଚାଇ ପାରି ନାହାନ୍ତି ଏହା ନିରାଟ ସତ୍ୟ।ଯଦି ସରକାର ଚାଷୀ ମାନଙ୍କ ନିମନ୍ତେ ଆନ୍ତରିକତାର ସହିତ,କେତେଗୁଡିଏ ନ୍ୟୁନତମ ଆବଶ୍ୟକତା ପୁରଣ ପାଇଁ ପଦକ୍ଷେପ ଗ୍ରହଣ କରନ୍ତେ,ତେବେ ଚାଷୀ ଆତ୍ମହତ୍ୟାକୁ ଅନେକାଂଶରେ ରୋକା ଯାଇପାରନ୍ତା।

ସେଗୁଡିକ ହେଲା ୧) ବ୍ୟାପକ ଜଳସେଚନ ବ୍ୟବସ୍ଥାର ସୁବିଧା ପ୍ରଦାନ ୨) ସାଧାରଣତଃ ଚାଷୀଟିଏ ମୌସୁମୀ ବର୍ଷା ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥାଏ ,ଯେଉଁଥିପାଇଁ ତାକୁ ଶ୍ରମ କିମ୍ବା ଅର୍ଥ ବ୍ୟୟ କରିବାକୁ ପଡେ ନାହିଁ। କିନ୍ତୁ କୃତ୍ରିମ ଜଳସେଚନ ନିମନ୍ତେ ଶ୍ରମ ଓ ଅର୍ଥ ଉଭୟ ଆବଶ୍ୟକ। ତେଣୁ ସରକାର ଉଠାଜଳସେଚନ ପାଇଁ ନିଶୁଳ୍କ ବିଦ୍ୟୁତ ବ୍ୟବହାରର ବ୍ୟବସ୍ଥା କରାଇବା ଦରକାର। ୩)କୃଷି କାର୍ଯ୍ୟ ନିମନ୍ତେ ଆବଶ୍ୟକ ଅର୍ଥ କମ୍ ସୁଧରେ କିମ୍ବା ବିନା ସୁଧରେ ଯୋଗାଇଦେବା ଦରକାର। ୪) କୃଷି ନିମନ୍ତେ ବ୍ୟାଙ୍କ ଋଣପ୍ରଦାନରେ କୋହଳ ନିୟମ ପ୍ରଣୟନ ଆବଶ୍ୟକ ୫) ଫସଲହାନୀ ନିମନ୍ତେ ବାଧ୍ୟତାମୂଳକ କୃଷି ବୀମା କରାଇବା ଦରକାର ୬) ଶସ୍ୟ ସଂରକ୍ଷଣ ପାଇଁ ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ ୭)ଲାଭଖୋର ବ୍ୟବସାୟୀଙ୍କ କବଳରୁ ରକ୍ଷା ପାଇବା ପାଇଁ ନିୟନ୍ତ୍ରିତ ବଜାର ସୃଷ୍ଟି ୮)ପାରମ୍ପରିକ ଶସ୍ୟ ବ୍ୟତୀତ ଅନ୍ୟାନ ଅର୍ଥକାରୀ ଚାଷ ଯଥା- ପଶୁପାଳନ,ମତ୍ସଚାଷ,ଫୁଲଚାଷ,ମହୁଚାଷ,କୁକୁଡା ବତକ ଇତ୍ୟାଦି ପକ୍ଷୀ ପାଳନ,କୃଷି ସଂଲଗ୍ନ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ୯)ଆଧୁନିକ କୃଷି ପ୍ରଣାଳୀରେ ଚାଷ କରିବା ପାଇଁ ତାଲିମ ଇତ୍ୟାଦିକୁ ଅଗ୍ରାଧୀକାର ଦେବା ଉଚିତ୍।୧୦)ଯୁବକ ମାନଙ୍କୁ ଅଧିକରୁ ଅଧିକ ବୈଷୟିକ ଶିକ୍ଷା ପ୍ରଦାନର ସୁଯୋଗ ସୃଷ୍ଟିକରି,ସେମାନଙ୍କୁ ସରକାରୀ ନିଯୁକ୍ତି ପଛରେ ନଗୋଡାଇ ,କୃଷିକାର୍ଯ୍ୟ ଦ୍ୱାରା ସ୍ୱାବଲମ୍ବୀ ହେବାର ମାନସିକତାରେ ବ୍ରତୀ କରାଇବା ଉଚିତ।

ଯେଉଁ ଅନ୍ନଦାତା ମାନଙ୍କ ଶ୍ରମ ଫଳରେ ଆମେ କ୍ଷୁଧା ନିବାରଣ ପାଇଁ ସମର୍ଥ, ଯାହାଙ୍କର ନିଷ୍ଠା ଦ୍ୱାରା, ଆମେ ଖାଦ୍ୟଦ୍ରବ୍ୟରେ ସ୍ୱାବଲମ୍ବୀ, ସେମାନେ ଆଜି ଆର୍ଥିକ ଅନାଟନ ଯୋଗୁ ଆତ୍ମହତ୍ୟା ପ୍ରବଣ। ସରକାର ତଥା ଜନସାଧାରଣ ସମସ୍ୟାର ଗାମ୍ଭୀର୍ଯ୍ୟତାକୁ ହୃଦୟଙ୍ଗମ କରି ଯଦି ସେମାନଙ୍କର ଉନ୍ନତି କଳ୍ପେ କିଛି ବିକଳ୍ପ ଚିନ୍ତା ନକରିବା,ତେବେ ଭବିଷ୍ୟତରେ ପରିସ୍ଥିତିର ଭୟାବହତାକୁ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହେବା ଅବଶ୍ୟମ୍ଭାବୀ।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଈଶାଣୀବ୍ରହ୍ମପୁର, କଟକ*
*ଦୂରଭାଷ : ୬୩୭୧୫୯୩୨୨୦*

# ଅଭିନନ୍ଦନ ଶକ୍ତିକାନ୍ତ ଦାସ



ବାଦଲ ଭୂୟାଁ

କରୋନା ମହାମାରୀର ଖବର ଓ ଚାଷୀ ଆନ୍ଦୋଳନକୁ ନେଇ ଗଣମାଧ୍ୟମ ସେହି ଖବର ଉପରେ କେନ୍ଦ୍ରୀତ ଥିବାବେଳେ ଭାରତର କିଛି ପ୍ରମୁଖ ଖବରକାଗଜର ଏକ ରିପୋର୍ଟ କୋଟି କୋଟି ଓଡ଼ିଆଙ୍କୁ ଖୁସି ଆଣିଦେଇଛି। ଇତିମଧ୍ୟରେ ଓଡ଼ିଆ ପୁଅ ଶକ୍ତିକାନ୍ତ ଦାସ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଭାବେ ଦୁଇବର୍ଷ ବିତାଇ ସାରିଲେଣି। ଜଣେ ସରଳ, ବନ୍ଧୁବତ୍ସଳ, ପରିଶ୍ରମୀ ଓ ଶାନ୍ତସ୍ୱଭାବର ଏହି ବିଚକ୍ଷଣ ପ୍ରଶାସକଙ୍କ ନାମ ଯେତେବେଳେ ରିଜର୍ଭ ବ୍ୟାଙ୍କର ଏହି ସବୁଠାରୁ ବଡ଼ ପଦବୀରେ ଆସୀନ ହେବା ପାଇଁ ଖବର ପ୍ରକାଶ ପାଇଲା ପ୍ରଥମେ ପ୍ରଥମେ ଅନେକ ଏହାକୁ ସହଜରେ ଗ୍ରହଣ କରିପାରିଲେନି। ଅନେକ ହୁଏତ ଜାଣିନଥିବେ ଯେ ସେ ଜଣେ ଇତିହାସର ଛାତ୍ର ଓ ଅର୍ଥନୀତିର ପାଠ ପଢ଼ି ନାହାଁନ୍ତି। ସେ ଏପରି ଏକ ସମୟରେ ଭାରତର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଦାୟିତ୍ୱ ସମ୍ପନ୍ନ ପଦବୀରେ ରହିଲେ ତାହା ଗଣମାଧ୍ୟମ ଚର୍ଚ୍ଚିତ ଖବର ଥିଲା। କାରଣ କେନ୍ଦ୍ର ସରକାରଙ୍କ ସହ ମତ ନପଡ଼ିବାରୁ ନିଜ କାର୍ଯ୍ୟ ସମୟର ଅବଧି ପୂର୍ବରୁ ସେ ସମୟର ଗଭର୍ଣ୍ଣର ଉରଜିତ୍ ପଟେଲ ଇସ୍ତଫା ଦେଇଥାନ୍ତି। ଏବଂ ଏକ ଆହ୍ୱାନଭରା ସମସ୍ୟାର ପାହାଡ଼ ସାମ୍ନାରେ ତାଙ୍କ ନାମ ରହିଥିଲା। ଦେଶର ଅର୍ଥନୀତି ବିମୁଦ୍ରାକରଣର ପ୍ରଭାବ ଦେଇ ଗତି କରୁଥିଲା। କିନ୍ତୁ ବର୍ତ୍ତମାନର ସମୟକୁ ଦେଖିଲେ ଜଣାଯାଏ ନିଷ୍ଠାର ସହିତ ଅର୍ଥନୀତିକୁ ସଜାଡ଼ିବା ଲାଗି ସେ ଯେଉଁ ଉଦ୍ୟମ କରିଛନ୍ତି ତାହାକୁ ତମାମ ବିଶ୍ୱ ପ୍ରଶଂସା କରୁଛି। ସେ ୨୦୧୮ ଡିସେମ୍ବର ମାସରେ ଭାରତୀୟ ରିଜର୍ଭ ବ୍ୟାଙ୍କର ୨୫ତମ ଗଭର୍ଣ୍ଣର ଭାବେ ନିଯୁକ୍ତି ପାଇଥିଲେ। କଟକ ଜିଲ୍ଲା ଆଠଗଡ଼ ସନ୍ନିକଟ ଜେନାପଦା ଗ୍ରାମର କେଶବାନନ୍ଦ ଦାସ ଓ ମାତା ଶୋଭାମଞ୍ଜରୀଙ୍କ କୋଳମଣ୍ଡନ କରିଥିବା ଏହି ସୁଯୋଗ୍ୟ ସନ୍ତାନ ୧୯୫୭ ଫେବୃଆରୀ ୨୬ ତାରିଖରେ ଭୁବନେଶ୍ୱରରେ ଜନ୍ମ ହୋଇଥିଲେ। ତାଙ୍କର ପାଞ୍ଚ ଭାଇଙ୍କ ଭିତରେ ସେ ଥିଲେ ସବା ସାନଭାଇ। ପିଲାଟି ଦିନରୁ ସେ ଜଣେ ମେଧାବୀ ଛାତ୍ର ଥିଲେ। ଭୁବନେଶ୍ୱରର ଡିଏମ୍ ସ୍କୁଲରୁ ପାଠପଢି ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ସେଣ୍ଟଡିଫେନ୍ସ କଲେଜରେ ଉଭୟ ଇତିହାସରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ପାଇଥିଲେ। ୧୯୮୦ ବ୍ୟାଚ ତାମିଲନାଡୁ କ୍ୟାଡ଼ରର ଏହି ସୁଯୋଗ୍ୟ ପ୍ରଶାସକ ତାମିଲନାଡୁ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବାପରେ ଭାରତ ସରକାରଙ୍କ ଅର୍ଥମନ୍ତ୍ରଣାଳୟ, ଅର୍ଥନୈତିକ ବ୍ୟାପାର, ରାଜସ୍ୱ, ସାର ବିଭାଗ ଓ ଅନ୍ୟ ବିଭାଗରେ ତାଙ୍କ କାର୍ଯ୍ୟ ଦକ୍ଷତା ପ୍ରମାଣିତ କରିଛନ୍ତି।

ଲଣ୍ଡନର ବିଖ୍ୟାତ ପତ୍ରିକା 'ଦି ବ୍ୟାଙ୍କର୍ସ' ପକ୍ଷରୁ ଶକ୍ତିକାନ୍ତ ଦାସଙ୍କୁ ୨୦୨୦ ବର୍ଷରେ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ସବୁଠାରୁ ଶ୍ରେଷ୍ଠ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣର ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପତ୍ରିକା ତାଙ୍କ କାର୍ଯ୍ୟ ଦକ୍ଷତା ଉପରେ ସ୍ପଷ୍ଟ କରିଛି ଯେ ଭାରତରେ ଦୁର୍ବଳ ଆର୍ଥିକ ପରିସ୍ଥିତି ବେଳେ ଭାରତୀୟ ଅର୍ଥନୀତିର ସ୍ଥିତି ମଜଭୁତ୍ କରିବା ପାଇଁ ଗତବର୍ଷ କ୍ରମାଗତ ପାଞ୍ଚ ପାଞ୍ଚ ଥର ସୁଧ କମାଇଥିଲେ। ଏହା ତାଙ୍କ ପାଇଁ ଏକ ଦୁଃସାହାସିକ ଉଦ୍ୟମ ଥିଲା। ଦେଶର ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ସେ ଜଣେ ନିଷ୍ଠାପର ଗଭର୍ଣ୍ଣର ଭାବେ ତାଙ୍କ ଦାୟିତ୍ୱ ନିର୍ବାହ କରିଛନ୍ତି। ସେହିପରି କରୋନା ମହାମାରୀକୁ ଚମତ୍କାର ଭାବରେ ମୁକାବିଲା କରି ଲକ୍‌ଡାଉନ୍ ଦ୍ୱାରା କ୍ଷତି ସହିଥିବା ଗ୍ରାହକ ମାନଙ୍କୁ ଋଣକିସ୍ତି ସ୍ଥଗିତ ରଖିବାର ସୁଯୋଗ ଦେଇଥିଲେ। ଦୁଇଟି ପର୍ଯ୍ୟାୟରେ ଛଅମାସ ପାଇଁ ମୋରାଟୋରିୟମ ସୁବିଧା ଦେଇଥିଲେ। ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ଭାବେ କାର୍ଯ୍ୟ କରିବା ଭିତରେ ଅନେକ ସଫଳତା ପାଇଛନ୍ତି। ସରକାରଙ୍କୁ ଐତିହାସିକ ପାଣ୍ଠି ହସ୍ତାନ୍ତର କରିବା ଠାରୁ ଆରମ୍ଭ କରି ନନ୍ ପରଫର୍ମିଂ ଆସେଟ ଜାଲରେ ଛନ୍ଦି ହୋଇପଡ଼ିଥିବା ବ୍ୟାଙ୍କ ଗୁଡ଼ିକୁ ରିଜର୍ଭ ବ୍ୟାଙ୍କର କଠୋର ବ୍ୟବସ୍ଥାରୁ ବାହାର କରିବାରେ ସେ ସଫଳ ହୋଇଥିଲେ। ରିଜର୍ଭ ବ୍ୟାଙ୍କ ହ୍ରାସ କରୁଥିବା ସୁଧର ଲାଭ ଯେଭଳି ଗ୍ରାହକଙ୍କ ନିକଟରେ ପହଞ୍ଚି ତାହା ନିଶ୍ଚିନ୍ତ କରିବା ଲାଗି ସେ ଋଣ ସୁଧ ସହ ରେପୋ ହାରକୁ ଯୋଡ଼ିବା ଲାଗି ବ୍ୟାଙ୍କ ଗୁଡ଼ିକୁ ମନାଇବାରେ ସଫଳ ହୋଇଥିଲେ। ଡିଜିଟାଲ ପେମେଣ୍ଟକୁ ଲୋକାଦୃତ ସହ ଶକ୍ତିଶାଳୀ କରିବା ପାଇଁ ୨୦୨୦ ଜାନୁଆରୀରୁ ନ୍ୟାସନାଲ ଇଲେକ୍ଟ୍ରୋନିକ୍ସ ଫଣ୍ଡ ଟ୍ରାନ୍ସଫରକୁ ଚବିଶ ଘଣ୍ଟିଆ ଉପଲବ୍ଧ କରାଇଥିଲେ। ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ କରିଥିବା ଶକ୍ତିକାନ୍ତ ରିଜର୍ଭବ୍ୟାଙ୍କ ଇତିହାସ ପିଛିଲା ୨୮ ବର୍ଷ ଭିତରେ ପ୍ରଥମ ଅଣ ଅର୍ଥନୀତି ବିଶାରଦ ଗଭର୍ଣ୍ଣର। ଅନେକ ହୁଏତ ଜାଣିନଥିବେ ଇତିହାସ ବିଜ୍ଞାନ ଏହି କୃତିତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ଆଇଆଇଏମ୍ ବାଙ୍ଗାଲୋରରୁ ଫାଇନାନସିଆଲ ମ୍ୟାନେଜମେଣ୍ଟ କୋର୍ସ ମଧ୍ୟ କରିଛନ୍ତି। କିନ୍ତୁ ତାଙ୍କ ପ୍ରମୁଖ ସଫଳତା ଆଗତ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ସେ ଅଭିବୃଦ୍ଧି ହ୍ରାସ ପାଉଥିବା ଜାଣିବା ପରେ ଆଗୁଆ ସୁଧ ହ୍ରାସ କରିବା ଆରମ୍ଭ କରିବା ସହ ବଜାରରେ ନଗଦ ରାଶିର ଅଭାବ ଦୂର ପାଇଁ ଡଲାର କିଣାବିକା ବିନିମୟ ବ୍ୟବସ୍ଥା କରିଥିଲେ। ଅପରେସ ଟୁଇଷ୍ଟି ସରକାରୀ ପ୍ରତିଭୂତିକୁ ଉଭୟ କିଣିବା ଓ ବିକ୍ରି କରିବାର ବ୍ୟବସ୍ଥା କରିଥିଲେ। ବ୍ୟାଙ୍କ ଗୁଡ଼ିକ ପାଖରେ ଆବଶ୍ୟକ ପାଣ୍ଠି ପହଞ୍ଚାଇବା ଲାଗି ରେପୋ ହାରରେ ଏକରୁ ତିନିବର୍ଷିଆ ଋଣ ନେବା ଲାଗି ବ୍ୟାଙ୍କ ଗୁଡ଼ିକୁ ଅନୁମତି ଦେଇଥିଲେ। ଯାହାକୁ ଟାର୍ଗେଟେଡ ଲଙ୍ଗ ଟର୍ମ ରେପୋ ଅପରେସନ କୁହାଯାଏ। ବିଗତ ୩୦ମାସ ଭିତରେ ଦେଶର ପାଞ୍ଚଟି ଆର୍ଥିକ ସଂସ୍ଥାର ପ୍ରଗତି ଦୁଦୁଲ୍ୟମାନ ସ୍ଥିତିରେ ଥିଲା। ତାହା ହେଉଛି ଆଇଏଲ୍ ଆଣ୍ଡ ଏଫଏସ୍, ଡିଏଚ୍ଏଫ୍ଏଲ, ଏସ୍‌ବ୍ୟାଙ୍କ, ପିଏମ୍‌ସି ବ୍ୟାଙ୍କ ଓ ଲକ୍ଷ୍ମୀବିଳାସ ବ୍ୟାଙ୍କ ଏ ସମସ୍ତ ଆର୍ଥିକ ସଂସ୍ଥାକୁ ସେ ଏକ ପ୍ରକାର ଉଦ୍ଧାର କରିଛନ୍ତି। ଓଡ଼ିଶୀ ଗ୍ରାମୀଣ ଖାଦ୍ୟ ତାଙ୍କର ରୁଚି ଏବଂ ଭାରତର ବଡ଼ ବଡ଼ ସହରରେ ତାଙ୍କ କର୍ମଭୂମି ଥିବା ସତ୍ତ୍ୱେ ନିଜ ପିଲାଦିନର ଭୁବନେଶ୍ୱର ସହର ଓ ଗାଁ ମାଟିକୁ ସେ ଭୁଲି ନାହାଁନ୍ତି। ଶାସ୍ତ୍ରୀୟ ସଙ୍ଗୀତ ଶୁଣିବା ସହ ସମୟ ପାଇଲେ ପ୍ରଚୁର ବହି ପଢ଼ିବାକୁ ଭଲ ପାଆନ୍ତି। ଭାରତର ଚାରୋଟି ପ୍ରାଦେଶିକ ଭାଷାରେ ତାଙ୍କର ବେଶ ଦକ୍ଷତା ରହିଛି। ୨୦୧୭ ଜୁଲାଇରେ ହମ୍‌ବର୍ଗରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଜଣେ ଏପରି ଗରିମାମୟ ଓ କୋଟି କୋଟି ଓଡ଼ିଆଙ୍କ ସମ୍ମାନ ବଢ଼ାଇଥିବା ଏପରି ଜଣେ କୃତବିଦ୍ୟ ଓଡ଼ିଆ ପୁଅଙ୍କୁ ଓଡ଼ିଶାବାସୀଙ୍କ ତରଫରୁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ସଫଳତା କାମନା କରୁଛି।

*ପୁରୁଣା ସୋନାରୀ, ଜାମସେଦପୁର*
*ଦୂରଭାଷ : ୭୪୮୮୯୯୮୫୩୨*

**ଅଦ୍ରୋହ :-**

***(ପୂର୍ବପ୍ରକାଶ ଉତ୍ତାରୁ)***

ଏଭଳି ଦ୍ରୋହୀ ବ୍ୟକ୍ତି ବିଷୟରେ ଶ୍ରୀକୃଷ୍ଣ କହିଲେ, ଅଜ୍ଞାନ ମୋହ ଫାସରେ ବନ୍ଧା ଓ ବିଷୟ ବିଳାସରେ ଆସକ୍ତ ମଣିଷ ଶେଷରେ ଅତି ଅଧମ ଅବସ୍ଥାରେ ପହଞ୍ଚିଥାଏ। ତାହାକୁ ଆସୁରୀ ଅବସ୍ଥା ପ୍ରାପ୍ତ ହୋଇଥାଏ। ଅତଃ -

ଏତୈର୍ବିମୁକ୍ତଃ କୌନ୍ତେୟ ତମୋଦ୍ୱାରୈଃ ତ୍ରିଭିର୍ନରଃ।
ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ଯାତି ପରାଂଗତିମ୍।।

ଯିଏ କାମ, କ୍ରୋଧ, ଲୋଭ, ମୋହ, ମାତ୍ସର୍ଯ୍ୟ, ଛଳ, କପଟ, ଇର୍ଷା, ନିନ୍ଦା ଅସୂୟା ଆଦି ବୃତ୍ତିରୁ ମୁକ୍ତ ଅଟେ ସେ ଅଦ୍ରୋହୀ ଓ ଜୀବନମୁକ୍ତ ଅଟେ। ଶେଷରେ ସେ ମୋତେ ହିଁ ପ୍ରାପ୍ତ କରିଥାଏ। ଆମେ ସମସ୍ତେ ପ୍ରତ୍ୟେକ ଦିନ ପ୍ରାର୍ଥନାରେ କହିଥାଏ -ତ୍ୱମେବ ସର୍ବଂ ମମ ଦେବାଦେବ। ତୁହିଁ ମାତାପିତା ବନ୍ଧୁ ବାନ୍ଧବ ଅଟୁ। ଯାହାକିଛି ଅଛି ସବୁ ତୁ ଅଟୁ ତେବେ ଏହି ଦ୍ରୋହ କାହାପ୍ରତି ଓ କାହିଁକି ? ଅଥର୍ବ ବେଦୀୟ ପ୍ରଶ୍ନୋପନିଷଦ ଏବଂ ମୁଣ୍ଡକ ଉପନିଷଦରେ ଶାନ୍ତିପାଠ ଏହିଭଳି ରହିଛି-

ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା ଭଦ୍ରଂ ପଶ୍ୟେମାକ୍ଷଭିର୍ଯଜତ୍ରାଃ।
ସ୍ଥିରୈରଙ୍ଗୈ ସ୍ତୁଷ୍ଟୁବାଂସସ୍ତନୁଭିର୍ବ୍ୟସେଣ ଦେବହିତଂ ଯଦାୟୁଃ।
ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ ସ୍ୱସ୍ତି ନ ପୂଷା ବିଶ୍ୱବେଦାଃ।
ସ୍ୱସ୍ତିନସ୍ତାକ୍ଷୋ ଅରିଷ୍ଟନେମିଃ ସ୍ୱସ୍ତିନ ବୃହସ୍ପତି ଦଧାତୁ।।
ଓଁ ଶାନ୍ତି ଶାନ୍ତି ଶାନ୍ତିଃ

ଅର୍ଥାତ୍ ହେ ଦେବଗଣ ! ଆମେ ଆମର କାନଦ୍ୱାରା କଲ୍ୟାଣକାରୀ ବଚନ ଶୁଣି, ଆଖିରେ ଶୁଭ ଦେଖି, ସୁଦୃଢ଼ ଅଙ୍ଗ ରହିତ ଶରୀର ଦ୍ୱାରା ପରୋପକାର କରି ନିଜକୁ ସମାଜ ଉପଯୋଗୀ ଭାବେ ତିଆରି କରୁ। ଚତୁର୍ଦ୍ଦିଗ ବିସ୍ତାରୀ ଇନ୍ଦ୍ରଦେବ ଆମର ଏହି କଲ୍ୟାଣକାରୀ ଭାବନାର ରକ୍ଷା କରନ୍ତୁ। ସମାଜଦ୍ରୋହ ଦୂର କରିବାକୁ ଯେଉଁ ସତ୍‌ସଂକଳ୍ପ ତା'ର ରକ୍ଷା ସୁଦର୍ଶନ ଚକ୍ରପରି ଗରୁଡଦେବ ଆମକୁ ରକ୍ଷା କରନ୍ତୁ। ଆମକୁ ଶାରୀରିକ, ମାନସିକ ଓ ବୈଷୟିକ ଶାନ୍ତି ପ୍ରାପ୍ତ ହେଉ ଏହିପରି ଶାନ୍ତିପାଠ ଅଦ୍ରୋହୀ ହେବାର ସଂକଳ୍ପ ଅଟେ।

ଈଶାବାସ୍ୟ ଉପନିଷଦରେ କୁହାଯାଇଛି - ସେ ପୂର୍ଣ୍ଣ ଅଟେ। ସେ ପୂର୍ଣ୍ଣ ଅଟେ, ପୂର୍ଣ୍ଣରୁ ପୂର୍ଣ୍ଣକୁ ନେବା ପରେ ଯାହା ରୁହେ ତାହା ବି ପୂର୍ଣ୍ଣ ଅଟେ। ତେବେ ସମ୍ପୂର୍ଣ୍ଣ ଜଗତ ଈଶ୍ୱରଙ୍କ ଦ୍ୱାରା ଆଚ୍ଛାଦିତ। ତେଣୁ ଗୀତାରେ ଭଗବାନ କୁହନ୍ତି, ଅହଂ ସର୍ବସ୍ୟ ପ୍ରଭବଃମତ୍ତଃ ସର୍ବ ପ୍ରବର୍ତ୍ତତେ। ତଥାପି ତୁମେ ଦ୍ରୋହ କରୁଥାଅ ତେବେ କାହା ସାଥିରେ ? ଯଦି ଆମେ କାହାକୁ କଟାକ୍ଷ ଆଖିରେ ଦେଖୁଛେ ତେବେ ବୁଝିଯାଅ ଯେ ଈଶ୍ୱରଙ୍କ ପ୍ରତି କ୍ରୋଧ କରୁଛି।

(କ୍ରମଶଃ)




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

ଦୈବୀ ସମ୍ପଦ



ଅନୁବାଦ- ରୂପାଲୀ ଦାଶ

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।


କ୍ଷୀରୋଦ ଦାସ

ଭାଗ-୩୯

# ସମ୍ପର୍କର ସୂତା ଖିଅ

କ'ଣ ଏ ଶବ୍ଦ? - କାନ ଡେରିଲା ମମତା- କେଉଁଠୁ ଆସୁଛି? ଚାରିଆଡକୁ ଅନାଇଲା ଏବଂ ଜାଣିଲା ଯେ ଏ ଶବ୍ଦ ହେଉଛି ତା' ଛାତି ଭିତରର ଶବ୍ଦ। ନିଜ ହୃତ୍‌ପିଣ୍ଡର ସ୍ପନ୍ଦନକୁ ସେ ରୋକିବାକୁ ବୃଥା ପ୍ରୟାସ କରି ବିଫଳ ହେଲା। ତା' ତଣ୍ଟିରେ ମରୁଭୂମିର ଶୁଷ୍କତା, ତା ପାଦରେ ଅଥର୍ବର ପଙ୍ଗୁତ୍ୱ। ଛିଣ୍ଡିଯିବ କି ଶିରାପ୍ରଶିରା? ଛାତିକୁ ଫଟାଇ, ପିଞ୍ଜରା ହାଡକୁ ଗୁଣ୍ଡ କରି ପିଚ୍‌କି ଆସିବ କି ହୃତ୍‌ପିଣ୍ଡ?

"ମ୍ୟାଡାମ୍, ହୋଇଗଲା ଆପଣଙ୍କ ଷ୍ଟପେଜ୍। ଗା' ଭିତରକୁ ଅଟୋ ଯାଇପାରିବନି। ଆଣ୍ଠୁଏ କାଦୁଅ! -କୋଡିଏ ଏକୋଇଶି ବର୍ଷିଆ ଅଟୋ ଡ୍ରାଇଭର ଯୁବକଟି କହିଲା ଏବଂ ମମତା ହାତରୁ ଟଙ୍କା ନେଇ ଗଣୁଗଣୁ ଯୋଗଲା- "କେମିତି ଯିବେ ଗାଁ ଭିତରକୁ? ଏ କିଟ୍ କିଟ୍ ଅନ୍ଧାରରେ?

ଅନ୍ଧାର? ଅନ୍ଧାର କାଇଁ? ଏଠୁ ଗାଁ' ଶେଷମୁଣ୍ଡ ଯାଏ ତ ସଜା ହୋଇ ରହିଛି ମାଳ ମାଳ ଆଲୁଅ। ଦିନ ଭଳି ସବୁ ଦେଖାଯାଉଛି ମତେ ଜଳଜଳ। ଏତେ ଆଖି ଝଲସା ଆଲୁଅକୁ ତୁ କୁହୁଛୁ କିଟ୍ କିଟ୍ ଅନ୍ଧାର? ବୋକାଟା କିରେ!"

ମମତା ଭାବିଲା ଏବଂ ତା' ପ୍ରଶ୍ନର କିଛି ଉତ୍ତର ଦେଲା ନାହିଁ। କିମ୍ବା ଦେବାକୁ ଆବଶ୍ୟକ ମନେ କଲା ନାହିଁ କିମ୍ବା ସେ କିଛି ଶୁଣି ନାହିଁ, କିମ୍ବା ତାକୁ ମୂଳରୁ କିଛି ପଚରା ଯାଇନାହିଁ!!

ଲୁଗାକୁ ଆଣ୍ଠୁ ଉପରଯାଏ ଟେକିଦେଇ କାନିକୁ ଅଣ୍ଟାରେ ଭିଡ଼ିଲା। ଚପଲ ଦୁଇଟାକୁ ଗୋଡରୁ କାଢ଼ି ଫୋପାଡି ଦେଲା ଦୂରକୁ, ଏକଦମ ପାଣି ଭିତରକୁ। ପାଟପୁର ଗାଁ'ର କାଦୁଅ ପଚପଚ ରାସ୍ତା ଉପରେ ପାଦ ରଖିଲା ମମତା।

ଥମ୍ କରି ଅଟକିଗଲା ତା' ପାଦ। ପାଦ ତଳେ ଏକ ଅଜଣା ଶିହରଣ, ଏକ ଅନନୁଭୂତ ରୋମାଞ୍ଚ। ତା' ଦେହ ଶିତେଇ ଉଠିଲା। ଏପରି ପୁଲକଟିଏ ଆଗରୁ ପାଇଥିଲା କି ସେ ତା' ଜୀବନକାଳ ଭିତରେ? ମାଟିରୁ ଉଠୁଥିଲା ଏକ ଖାସ୍ ବାସ୍ନା, ଯାହା ଅପରିଚିତ ଲାଗୁଥିଲେ ମଧ ନାକକୁ ଭାରି ଭଲ ଲାଗୁଥିଲା। ଛାତିଭର୍ତ୍ତି ନିଶ୍ୱାସ ଶୋଷିନେବାକୁ ଇଚ୍ଛା ହେଉଥିଲା।

କୋଉଠି ପାଦେ ତ କୋଉଠି ଆଣ୍ଠୁଏ କାଦୁଅ। ତଥାପି ପଡି ଉଠି ଚାଲିଥିଲା ମମତା ତା' ଜୀବନର ଲକ୍ଷ୍ୟପଥରେ। ତା' ମୁହଁରେ ଫୁଟି ଉଠୁଥିଲା ମଞ୍ଜିଲ୍ ହାସଲ କରିବାର ଗୋଟେ ଦମ୍ଭ, ଏକ ଆତ୍ମବିଶ୍ୱାସ। ସେଇ ବିଶ୍ୱାସର ଆଲୁଅରେ ସେ ବାଟ ଚାଲୁଥିଲା। ଚାଲିଚାଲି ଯାଇ ପହଞ୍ଚି ଯାଇଥିଲା ଠିକ୍ ସ୍ଥାନରେ।

ନାଳବନ୍ଧକୁ ଜଣେ ଲୋକ ଆସିଥିଲା ନିତ୍ୟକର୍ମ କରିବା ପାଇଁ। ମମତା ପଚାରିଲା - ସୁରେନ୍ଦ୍ର ବାବୁଙ୍କ ଘର କେଉଁଟା?

ପାଟି ନଫିଟାଇ ଲୋକଟି ହାତ ଟେକି ଜଣାଇଦେଲା ଘରର ଅବସ୍ଥିତି ସମ୍ପର୍କରେ। ଅନ୍ଧାରରେ ମମତା ସ୍ପଷ୍ଟ ଦେଖି ପାରୁନଥିଲେ ମଧ ଅନୁମାନ କରିଦେଲା ଲୋକଟିର ଇଙ୍ଗିତ।

ପେଟେଇ ପଡିଥିବା ଗୋଟେ ମୂମୁର୍ଷୁ ଚାଳ ଘର। ଛୋଟିଆ ଝରକା ସେ ପାଖରୁ ଛିଟିକି ଆସୁଥିଲା ମଇଳା ଆଲୁଅ ଧାର। ବନ୍ଦ କବାଟ ବାହାର ପାଖରେ ମମତା ଠିଆ ହୋଇଥିଲା ନିଶ୍ୱାସ ପ୍ରଶ୍ୱାସ ସ୍ଥଗିତ ରଖି।

ହାତ ଉଠୁଥିଲା କବାଟରେ ଠକ୍‌ଠକ୍ କରି ନିଜର ଉପସ୍ଥିତି ସମ୍ପର୍କରେ ଘର ଭିତରର ଲୋକଙ୍କୁ ଅବଗତ କରାଇଦେବା ପାଇଁ, ପର ମୁହୂର୍ତ୍ତରେ ଆଶଙ୍କା ଓ ପରାଜୟର ଗ୍ଳାନିରେ ଜଡସଡ ହୋଇ ଫେରି ଆସୁଥିଲା।

କେଜାଣି ଛାତିଭର୍ତ୍ତି ଆଶା ଦୂରାଶାରେ ପରିଣତ ହେଇଯିବନି ତ!

ଛନଛନ ସ୍ୱପ୍ନ ଦୁଃସ୍ୱପ୍ନରେ ରୂପାନ୍ତରିତ ହୋଇଯିବନି ତ!!

ସେପରି ହେବାକୁ ବା କେତେ ସମୟ ଲାଗେ?

ମମତା ଆଶ୍ୱାସନା ଦେଲା ନିଜ ମନକୁ। ଦମ୍ଭ କଲା ଧଡ୍ ଧଡ୍ ହେଉଥିବା ଛାତିକୁ। ଲୁଗା କାନିରେ ପୋଛିଲା ମୁହଁ ଓ ବେକମୂଳେ ଜମିଥିବା ଝାଳ। ତା' ହାତ ପୁଣି ଥରେ ଉଠିଗଲା କବାଟ ପାଖକୁ।

ଠକ୍...ଠକ୍...

କବାଟ ଆଗପରି ବନ୍ଦ।

ଠକ୍...ଠକ୍...ଠକ୍...

'କିଏ?' -ଭିତରୁ ଶୁଭିଲା କୁନ୍ଥେଇବା ପରି ଗୋଟେ ଅସ୍ପଷ୍ଟ କଣ୍ଠସ୍ୱର। "ସୁର କିରେ? ମେଘ ଅନ୍ଧାର ରାତିରେ କୁଆଡେ ଏକୁଟିଆ ବୁଲୁଚୁ କିରେ ବାପ! ହଉ, ଆ! କବାଟ ଆଉଜା ହେଇଚି। ଠେଲି ଦେଇ ଆ, ଭିତରକୁ।"

ଠକ୍...ଠକ୍...ଠକ୍

ଘର ଭିତରେ ବାତାବରଣ ଚହଲି ଗଲା ସାମାନ୍ୟ। ଲଣ୍ଠନଟା ବାଁ ହାତରେ ଧରି ବୁଢ଼ୀ ମଣିଷଟେ ନଇଁ ନଇଁ ଆସି କବାଟ ଖୋଲୁ ଖୋଲୁ ପଚାରିଲା - କିଏ?

ଲଣ୍ଠନ ଆଲୁଅକୁ ଆଗନ୍ତୁକା ଆଡକୁ ଟେକି ଧରି ମୁହଁ ଉଠାଇ ତା' ଆଡକୁ ଅନାଇ କହିଲା- ତୁ କିଏ ଲୋ ମା?

'ମା! ଏ ପର୍ଯ୍ୟନ୍ତ ଥୟ ହୋଇ ରହିଥିବା କୋହଟିଏ ଅଣାୟତ୍ତ ହୋଇ ସମସ୍ତ ବନ୍ଧବାଡ ଭାଙ୍ଗି ଧସେଇ ଗଲା ଏଇ ଗୋଟିଏ ମାତ୍ର ଶବ୍ଦର ଉଚ୍ଚାରଣରେ।

ପ୍ରଥମେ ବୋଉ ମୁହଁର ଭୂଗୋଳ ବିପର୍ଯ୍ୟସ୍ତ ହେଲା। ଥରଥର ହୋଇ ଥରିଲା ଓଠ। ଆଖି ଉପରର ପରଦାକୁ ହଟାଇବାକୁ ଯାଇ ସେ ତା' ମଇଳା ଲୁଗା କାନିରେ ପୋଛି ପକାଇଲା ଆଖିଫ ସମେତ ମୁହଁକୁ। ମମତା ମୁହଁକୁ ଦୀର୍ଘ ସମୟ ଧରି ନିରୀକ୍ଷଣ କଲା ଏବଂ ଓଁକାର ମନ୍ତ୍ରଟିଏ ବାହାରି ଆସିଲା ତା ପାଟିରୁ - 'କିଏ ମମତା! ବୋହୂ!!

ଅଧୈର୍ଯ୍ୟ, ଉନ୍ମାଦ ହୋଇ କାନ୍ଦିଲା ମମତା। ସାରାଦୁନିଆ ସତେ ଅବା ଦୁଃଖୀ ହୋଇପଡିଲା ସେଇ ବିହ୍ୱଳିତ କାନ୍ଦଣାର ତୀବ୍ରତାରେ।

ବୋଉକୁ ନୟାନ୍ତ ହେବାକୁ ପଡିଲା ମମତାକୁ ତା' ପାଦ ପାଖରୁ ଛାତି ପାଖକୁ ଆଣିବାକୁ। ତାକୁ ଛାତିରେ ଜାକି ଧରିଲା ମୁଗ୍ଧ ପରିପୂର୍ଣ୍ଣତା ନେଇ। ତା' ହାଡୁଆ ଶିରଳା ହାତରେ ଅତି ଯତ୍ନରେ, ହେପାଜତରେ ଟେକି ଧରିଲା ମମତାର ଛୋଟିଆ ମୁହଁକୁ। ସୀମାତୀତ ଅଭିମାନରେ, ଆଞ୍ଜୁଳାଏ ଲୁହର ଆଖିରେ, ରୁଦ୍ଧକଣ୍ଠରେ ପଚାରିଲା- 'ଏତେ ଦିନ ଯାଏ କୋଉଠି ଥିଲୁ ଲୋ ବୋହୂ?"

ବୋଉର କଥା ଆଉ ଶୁଭିଲାନି। କୋହର ସୁଅରେ ଭାସିଗଲା କୁଆଡ଼େ ନାଇଁ କୁଆଡେ।

ମମତା ଆଖିରେ ଲୁହରେ ଭିଜୁଥିଲା ବୋଉର ହାଡୁଆ ଛାତି।

(କ୍ରମଶଃ)



# ଅକ୍ଷର

ଭାରତ ମାଝୀ

(୧)
ପାଁଶ ଘୁଷ୍ ଦେଲେ ଇନ୍ଦିରା
ଆୱାସ୍ ଥୁଆ
ଆଠଶ'ରେ ବିପିଏଲ୍ କାର୍ଡ
ଟଙ୍କିକିଆ ଚାଉଳ ଲାଗି ଟଙ୍କା
ହଜାରେ,
ଏତକ କରିଦେଲି ବୋଲି କ'ଣ
ଦେଶଟା ବୁଡିଚି ଦୁର୍ନୀତିରେ
ଦଶ ବର୍ଷର ପୁଅ ଯାଇଚି
ଧର୍ମଘଟକୁ
ଟାୟାର ଜାଳୁଚି
ବସ୍, କାର କାଚ ଭାଙ୍ଗୁଚି
ଠେଙ୍ଗାରେ,
ଚାରି ବର୍ଷର ପୁଅ ନାଁରେ
କେଶ୍ ଠୁକିଛି ପୁଲିସ୍,
ସେ କୁଆଡେ ନିଆଁ ନଗେଇଚି
ପ୍ରସ୍ତାବିତ କାର୍ଖାନାର ଗୋଦାମ ଘରେ,
ଏତକ କହିଦେଲି ବୋଲି କ'ଣ
ଦେଶ ସାରା ଲୋକ
ମାଓବାଦୀ ହେଇଗଲେ?
ଷ୍ଟେସନ୍ ଆଡକୁ ମୁହେଁଇଚନ୍ତି
ଦଳେ ଲୋକ
ମୁଣ୍ଡରେ ଖୋରିଗିନା,
ବସ୍ତାଭର୍ତ୍ତି ଅନାବନା,
ଟ୍ରାକ୍ଟର ଗୁଡାଙ୍କ ଭାଗ୍ୟରେ
ନିଶ୍ଚିତ କର୍ମନିଯୁକ୍ତି ଯୋଜନା।
ଏତକ କହିଦେଲି ବୋଲି କ'ଣ
ଦେଶସାରା ଲୋକଙ୍କ
ପେଟରେ ଓଦାକନା?
ଏମିତି ଅନେକ କିଛି ଦେଖିଚି,
ଅନେକ କିଛି ଭୋଗିଚି,
ତାକୁ ଖଞ୍ଜାଖଞ୍ଜି କରି କ'ଣ
କହିଦେବି
କବିତା ଫାନ୍ଦିଚି?



(୨)
ରୁହ, ଦଣ୍ଡେ ରୁହ
ମୁଁ କବିତା କରିପକାଏ କାହାକୁ
କାହାକୁ,
ପାରାଲିସିସ୍-ରେ ପଡିଥିବା
ପୁଅକୁ ଛାଡ଼ି
କନ୍ଧମାଳିଆ ମା' ଚାଲିଯାଇଚି
ଜଙ୍ଗଲକୁ,
ରଣାସାପ ଚାବି ଦେଇ
ଲୁଚିଗଲା କୋଉଠି
ଏକୋଇର ବଳା ବିଶିକେଶନ
ତମ କବିତାକୁ!
ରୁହ, ଦଣ୍ଡେ ରୁହ
କବିତାର ପ୍ରଥମ ଧାଡି
ପଚାରିଆସେ
ବମ୍ବୁର ଗଛ ତୀଖର ଶୁଖିଲା
ଡାଙ୍ଗକୁ,
କାହିଁକି ପତ୍ର ଆସିଲାନି
ନୂଆଁଖାଇରେ
ପଚାରିଆସେ କୁରେଗଛକୁ।
(୩)
କାହାକୁ ଭୁଲିବି?
କାହାକୁ କବିତା କରିବି?
କ୍ଷତ, କ୍ଷତ
ସାରା ଶରୀର,
ଆପଣଙ୍କ ଦେୟ ଅକ୍ଷର!

ଦୂରଭାଷ : ୭୦୦୮୭୧୭୦୪୬

# ସୃଷ୍ଟି ଓ ସ୍ରଷ୍ଟା

## ଏ ନୁହେଁ ମୋର ଦେଶ

**କବି : କେଦାର ମିଶ୍ର**
**ପ୍ରକାଶକ : ବ୍ଲାକ ଇଗଲ ବୁକ୍‌ସ, ଡବ୍‌ଲିନ**
**ମୂଲ୍ୟ : ୧୫୦ ଟଙ୍କା , ପୃଷ୍ଠା : ୧୦୦**




ସମକାଳୀନ ଓଡ଼ିଆ କବିତାରେ କବି କେଦାର ମିଶ୍ର ବେଶ୍ ପ୍ରତିଷ୍ଠିତ ଓ ତାଙ୍କ ସ୍ୱର ପ୍ରଭାବଶାଳୀ। କବିତା ସହିତ ଗଦ୍ୟ ରଚନା, ଗବେଷଣା, କଳା ସମୀକ୍ଷା ଓ ସାମ୍ବାଦିକତା, ମାନବିକ ଅଧିକାର ଇତ୍ୟାଦି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ତାଙ୍କର ପ୍ରଥମ କବିତା ସଙ୍କଳନ ୧୯୮୭ ମସିହାରେ ପ୍ରକାଶ ପାଇଥିଲା। 'ଏ ନୁହେଁ ମୋର ଦେଶ' କବିତା ପୁସ୍ତକ ତାଙ୍କର ସପ୍ତମ ସଂକଳନ। ଆମେରିକାର ଏକ ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥା 'ଏ ନୁହେଁ ମୋର ଦେଶ'କୁ ପ୍ରକାଶ କରିଛନ୍ତି। ଏଥିସହିତ ଶ୍ରୀ ମିଶ୍ରଙ୍କର ଦୁଇଟି ଗଦ୍ୟ ସଂକଳନ ମଧ ରହିଛି। ଓଡ଼ିଆ ଭାଷା ସହ ସେ ଇଂରାଜୀ ଭାଷାରେ ମଧ ରଚନା କରିଛନ୍ତି। ଅନେକ ପୁରସ୍କାର ଓ ସମ୍ମାନ ପାଇଥିବା କବିତ କେଦାର ମିଶ୍ରଙ୍କ ସଦ୍ୟ ପ୍ରକାଶିତ କବିତା ପୁସ୍ତକ 'ଏ ନୁହେଁ ମୋର ଦେଶ'ରେ ସ୍ଥାନ ପାଇଥିବା ପ୍ରଥମ କବିତା ' ମସ୍ତ କଲନ୍ଦର' ଅନେକ ବର୍ଷ ପୂର୍ବେ ପ୍ରକାଶ ପାଇଥିଲା। ଏହି କବିତାର ପ୍ରଥମ ଧାଡିଟି ଥିଲା 'ମୋ ଭିତରେ ମୁଁ ନାହିଁରେ ବାଇଆ!! / ମୁଁ ମୋର ନୁହଁ କି ତୋର ବି ନୁହଁ / ମୁଁ ଓ ତୁ ମିଶି ଗଲେ ଆକାଶରେ ଚମକେ ଯେଉଁ ବିଜୁଳି ସେଇ / ବିଜୁଳିର ଚକ୍‌ଚକ୍ ଚୁମ୍ବନ ମୁଁ।' ବିଜୁଳିର ଚକ୍‌ଚକ୍ ଚୁମ୍ବନ ଭିତରେ କବି ଅତ୍ୟନ୍ତ କ୍ଷୋଭର ସହିତ କହିଛନ୍ତି 'ବାଇମନ ରେ!! ଫେରିଚାଲ, ଏ ନୁହଁ ଆମର ଦେଶ!!'

ଦେଶ ପ୍ରତି ଅଭିମାନ ରଖି କବିତାର ପଂକ୍ତିରେ ଏହାକୁ ଶାଣିତ ଭାବେ ଲେଖିବାର ଅଦ୍ୟମ ସାହସ ରଖିଥିବା କବି ଶ୍ରୀ ମିଶ୍ରଙ୍କ 'ଅଗ୍ନି ମଲ୍ଲାର' କବିତାରେ 'ରାତି ସାରା ଝୋ ଝୋ ବର୍ଷା।' ବେଳେବେଳେ ପ୍ରିୟତମାର ଠିକଣା ଖୋଜୁ ଖୋଜୁ କବି ବାରମ୍ବାର ହାରିଯାଆନ୍ତି। ତା'ରି ଭିତରେ ବର୍ଷା ସ୍ୱପ୍ନ, ମେଘଦୂତ, ପ୍ରେମ ମାଳିକା ଭଳି ଅସଂଖ୍ୟ ଭଲ ପାଇବାର ଛନ୍‌ଛନ୍ ସବୁଜ ଘାସ ନୂତନ ପୃଥିବୀଟିଏ ଗଢ଼ିବା ଆଶା ଦିଅନ୍ତି। ଅନ୍ଧାରର କମ୍ପନ ଭିତରେ ଜୀବନର ଶେଷ ଗୀତ ଲେଖିବାକୁ ଚାହୁଁଥିବା କବି ଜୀବନ ଝଡର ଯନ୍ତ୍ରଣା ସହି ଲେଖିପାରନ୍ତି ଆମର ପୃଥିବୀରେ ତମର ରକ୍ତ ଫୁଲ ହୋଇ ଫୁଟିଛି। କଥାବାର୍ତ୍ତା ଭିତରେ ଶୁଖି ଆସୁଥିବା କାକରର ଅନ୍ତିମ ନିଃଶ୍ୱାସରୁ ପୃଥିବୀକୁ ହାତ ଠାରି ଡାକ ଦିଅନ୍ତି। ତାହାରି ଭିତରେ କେତେବେଳେ ଚରିତ୍ରହୀନ ବ୍ୟକ୍ତିଟିଏ ଅନ୍ଧାରରେ ମେଘ ମାନଙ୍କର ଗତି ମାପୁଥାଏ ତ ଆଉ କେବେ ଦେଶଦ୍ରୋହୀର ଜାତୀୟ ସଙ୍ଗୀତ ଗାନ କରୁଥାଏ। ଭଙ୍ଗା ଦର୍ପଣରେ ଏକ କାହାଣୀ ଲେଖି କାହାର ନଥିବାକୁ ଅନୁଭବ କରିବା ଓ ଶୈଶବକୁ ଖୋଜିବା ଅଜବ ନିଶାରେ କବି କେଦାର ହରିଣ ପରି ଦୌଡୁଥିବା କେବେ ସୁଖଦିନ ପଛରେ ଧାଆନ୍ତି ତ ଆଉ କେବେ କଇଁଛ ପରି ଅଳସୁଆ ଦୁଃଖର ସମୟକୁ ନେଇ ଜୀବନର ଗୀତ ଗାଇଯାଆନ୍ତି। ପରିଚୟ ସଜାଡୁ ସଜାଡୁ ଆଧାରକାର୍ଡର ନମ୍ବର ଖୋଜି ଖୋଜି ଅସ୍ତିତ୍ୱ ଜାହିର କଲା ଭଳି ଲେଖିପାରନ୍ତି - ମୋର ସ୍ୱାଧୀନତା, ମୋର ଅଧିକାର ଓ ମୋର ମଣିଷ ହେବାର ପ୍ରମାଣ। ଦେଶ-ପ୍ରେମ ଭିତରେ ଅନ୍ଧାରର ଅନୁରାଧାଙ୍କୁ ଆବାହନ କଲା ବେଳେ ପାପ ଓ କଳଙ୍କର ଜାତକ ବି ଦେଖିପାରନ୍ତି। ଶାହିନବାଗ କବିତାରେ ଅସଂଖ୍ୟ ପ୍ରଶ୍ନର ଚଉହଦି ମାପ କଲା ବେଳେ କବି ଲେଖିପାରନ୍ତି - ତୁ ପଚାରୁଛୁ, ଏ ନିଆଁ କଣ ସତରେ ଲିଭିବ ନାଇଁ? / ଆମେ କଣ ସତରେ ପହଞ୍ଚି ପାରିବା ନାଇଁ ଆମର ବଗିଚାରେ? / ମୁଁ ତୋର ହାତଧରି ସେଇ ସମାନ ପ୍ରଶ୍ନ ପଚାରୁଛି / ଆମ ଆଗରେ ଲମ୍ବି ଯାଇଥିବା ରକ୍ତ ଓ ନିଆଁର ରାସ୍ତାକୁ।' ନିଜର ଦୃଢ଼ପଣ ଭିତରେ ପ୍ରେମ ନଥିବା ସହରକୁ ନିଜର ବୋଲି ସ୍ୱୀକାର କରୁନଥିବା କବି କେଦାର ମିଶ୍ରଙ୍କ 'ଏ ନୁହେଁ ମୋର ଦେଶ' କବିତା ପୁସ୍ତକ ପାଠକ ମହଲରେ ନିଶ୍ଚୟ ଆଦୃତ ହୋଇପାରିବ ବୋଲି ଆମର ବିଶ୍ୱାସ।



# ତୁମ କାନ୍ଧର ଠିକଣା

ଅନୀତା ପାଣି

ଏମିତି ଅନେକ ଥର
ଆକାଶ ନଇଁ ଆସିଲା ପରି
ତୁମର କାନ୍ଧ ନଇଁ ଆସିଛି ମୋ ପାଇଁ,
ଏଇ କାନ୍ଧ କେବେ ଝୁଲଣା,
କେବେ ଖେଳଣା,
କେବେ ଘୋଡାର ସବାର,
କେବେ ବରଓହଳ।
ମାଆ ନାଲିଆଖିରୁ ବଞ୍ଚିବାର
ଏକ ମାତ୍ର ଉହାଡ
ସୁନେଲି ସୁରୁଜ ଆଖି ମଳିମଳି
ଉଠୁଥିବା ତୁମ କାନ୍ଧ, ସେ ପାହାଡ଼।
କେତେ ଅଝଟ ଭାର କରି
ବୋହିଚି ତୁମ କାନ୍ଧ,
କେତେ ଲୁହ ପିଇଛି ସେ,
ନିରୋଳା ନିଦରେ ଶୋଇଛି ସେ କାନ୍ଧ,
କେତେ ସପନ ଗୁଡି କରି
ଥୁଡି ଟାଙ୍ଗି ଉଡେଇଛି ସେ କାନ୍ଧରେ।
କେତେ ଥର ମାପିଛି ନିଜକୁ
ତୁମ କାନ୍ଧ ସହିତ,
ସମାନ ହେବାକୁ ମାଗିଛି ସମୟ,
ଅନ୍ୟ ମନସ୍କତାରେ ଝୁଲି ପଡିଛି,
ପଡିବା ଡରରେ ସାହାରା ଦେଇଛି
ଏଇ କାନ୍ଧରେ ଚଢ଼ି ଦେଖିଛି ଦୂରେ
ଭାସୁଥିବା ଅଦୃଶ୍ୟ ଘଟଣା।
ଦେଖିଛି ଅପହଞ୍ଚ ଅପରୂପ ଛବି
ଯାହା ତୁମେ ସଜେଇଥିଲ ମୋ ପାଇଁ,
ହସୁଥିଲି, ଖେଳୁଥିଲି, ରୁଷୁଥିଲି
ତୁମର ସେ ବାଞ୍ଛାକଳ୍ପ ସମ
କୋମଳ କାନ୍ଧରେ।
ଯଦି କେବେ ହୁଏ ବାଟବଣା
ତୁମେ କାନ୍ଧେଇ ନେଇଛ ମୋର
ସମସ୍ତ ଯନ୍ତ୍ରଣା, ସୁଖର ଅମରାବତୀ
ତୁମେ ମୋ ମଲ୍ଲୀଫୁଲ ଅଗଣା।
ଦେଖିନି କେବେ ତୁମ କାନ୍ଧରୁ
ଚାନ୍ଦ କି ତାରା,
ଚାନ୍ଦ ତାରା ତୋଳି ଆଣିବାର
ନିଶୁଣୀ ତୁମ କାନ୍ଧ
ମୋ ପାଇଁ ଇଶ୍ୱର ତୁମେ,
ତୁମ କାନ୍ଧ ମୋ ପୂଜାର ପାଉଣା।
ଆଜି କିନ୍ତୁ ସବୁ ଅଲଗା
ଅଲଗା... ବାପା
ଆଜି ତୁମ କାନ୍ଧରେ ମଥା ରଖିଦେଲେ
ଆଖି କାହିଁକି ହୁଏ ପାହାଡି ଝରଣା?
ହୃଦୟ ମାଗେ କାହିଁକି ଆଜି
ସ୍ପନ୍ଦନକୁ କ୍ଷମାର ଖଜଣା?
ଏବେ ବଦଳି ଯିବ କି?
ମୋ ଲୁହର ହିସାବ ଖାତା
ମୋ ମହଣ ମହଣ ଖୁସି ସଳିତ
ତୁମ କାନ୍ଧର ଠିକଣା....

ସାଉଥ୍ ବଲଣ୍ଡା, ତାଳଚେର, ଅନୁଗୁଳ
ଦୂରଭାଷ : ୮୩୨୭୭୦୫୯୭୦

# ସ୍ୱପ୍ନ

ମନୋଜ କୁମାର ବେହେରା





ସମସ୍ତଙ୍କର କିଛି ନା' କିଛି ସ୍ୱପ୍ନ ଥାଏ ନିଜ ଜୀବନରେ । କାହାର ପୂର୍ଣ୍ଣ ହୁଏ ତ କାହାର ନୁହେଁ । ମା'ର କିଛି ନା' କିଛି ସ୍ୱପ୍ନ ଏଭଳି ନିଶ୍ଚୟ ଥିବ । ତେଣୁ ଦିପୁ ଆଉ କବିତା ଦୁହେଁ ମିଶି ତା' ମା'ଙ୍କୁ ପଚାରିଲେ ଏହି ବିଷୟରେ । ସବିତାର ସ୍ୱାମୀ ଅମର ମଧ୍ୟ ପଚାରିଲେ ତୁମର କିଛି ସ୍ୱପ୍ନ ଅଛି । ସବିତା ସମସ୍ତଙ୍କ କଥା ଶୁଣିସାରି କହିଲା,ମୋର ଗୋଟିଏ ସ୍ୱପ୍ନ ଅଛି କି ମୁଁ ଗୋଟିଏ ଦିନ ପୁରା ଶୋଇବି,କିଛି କାମ କରିବିନି,ମୁଁ ସକାଳୁ ଉଠିଲା ବେଳକୁ ଚାହା ମୋ ଖଟ ଉପରେ ଥିବ,ଦିନ ଯାକ ଭଲ ସୁସ୍ୱାଦୁ ଖାଦ୍ୟ ଖାଉଥିବି ଆଉ ସିନେମା ଦେଖୁଥିବି । ହଁ ମୋ ମୁଣ୍ଡରେ ଟିକେ କିଏ ତେଲ ମାଲିସ୍ କରୁଥିବ ।

ସବିତା ମୁହଁରୁ ଏମିତି କଥା ଶୁଣି ସମସ୍ତେ ଟିକେ ଆଶ୍ଚର୍ଯ୍ୟ ହୋଇଗଲେ । ଦିପୁ ଆଉ କବିତା ଆଉ ଅମର ଟିକିଏ ବସିକରି ଭାବିଲେ । ସେମାନଙ୍କୁ ସବିତା ଏମିତି ବସିଥିବାର ଦେଖି ଟିକେ ହସି କରି କହିଲା ସବୁ ସ୍ୱପ୍ନ ସତ ହୁଏ ନାହିଁ ଜୀବନରେ । ରାତିରେ ସମସ୍ତେ ଖାଇକରି ଶୋଇ ପଡିଲେ ।

ସବିତା ତା'ପରଦିନ ସକାଳୁ ଟିକେ ଡେରିରେ ଉଠିଲା । କିନ୍ତୁ ଉଠି ଦେଖେତ ଅମର ଖଟରେ ନାହାନ୍ତି ସେ କ'ଣ ଭାବି ବାହାରକୁ ଆସିଲା ଦେଖିବାକୁ । କବିତା ତା' ମା' ପାଇଁ ଚାହା ବନେଇକରି ନେଇକରି ଆସୁଥିଲା । ମା' ଆପଣଙ୍କର ଆଜି ଛୁଟି । ଆପଣ ଏଠି ବସିକରି ଚାହା ପିଅନ୍ତୁ ।

ସବିତାର ମୁଣ୍ଡ କିଛି କାମ କରୁ ନଥାଏ । କିନ୍ତୁ ଅମର ଟାଣି କରି ସବିତାକୁ ନେଇଗଲେ ଶୋଇବା ଘରକୁ ଆଉ କହିଲେ ତୁମେ ଆଜି ପୁରା ଆରାମ କର । ଚାହା,ବିସ୍କୁଟ୍ ଖିଆ ସରିଲା ପରେ,ପୁଅ ଦିପୁ ବ୍ରେଡ ଆଉ ଅଣ୍ଡା ଆମଲେଟ୍ ନେଇ କରି ଆସିଲା ତା' ମା' ପାଖକୁ । ଅମର ଆସି ସବିତାର ମୁଣ୍ଡରେ ତେଲ ମାଲିସ୍ କରିଦେଲେ । ସବିତାକୁ ଟିକେ ଆରାମ ଲାଗୁଥିଲା । ପୁଅ ଝିଅ କିନ୍ତୁ ମା'କୁ ବିଲକୁଲ୍ କାମ କରିବାକୁ ଦେଲେନି । ଦିନଯାକ ବସି ସବିତା ନିଜ ମନ ପସନ୍ଦର ଫିଲ୍ମ ଦେଖୁଥିଲା ଟି.ଭିରେ । ଆଉ ବସିକରି ଆନନ୍ଦ ନେଉଥିଲେ ସୁସ୍ୱାଦ ଖାଦ୍ୟର ।

ରାତିରେ ସମସ୍ତେ ଆସି ଶୋଇବାକୁ ଆସିଲେ । ଦିପୁ ମା'ଙ୍କୁ ପଚାରିଲା ମା' ଆଜି ଦିନ ଆପଣଙ୍କର କେମିତି କଟିଲା । ସବିତା କାହିଲେ,ବହୁତ ବଢିଆ । ଆଉ ଖୁସିରେ ଦୁଇ ଛୁଆଙ୍କୁ କୋଳକୁ ଟାଣି ନେଇ ଗେଲ କଲେ । କବିତା, କହିଲା ମା' ଆପଣ ଆମର ସ୍ୱପ୍ନକୁ ପୁରଣ କରିବାକୁ ଯାଇ ନିଜ ବିଷୟରେ ଭାବିବାକୁ ଭୁଲି ଯାଉଛନ୍ତି । କିନ୍ତୁ ଆଜି ଆମେ ବହୁତ ଖୁସି ଯେ ଆପଣଙ୍କର ଗୋଟିଏ ସ୍ୱପ୍ନକୁ ତ ପୁରଣ କରି ପାରିଲୁ ।

୨୧୭,ୟୁନିଟ-୯(ଫ୍ଲାଟ)
ବାୟାବାବା ମଠ ଲେନ
ଭୁବନେଶ୍ୱର-୨୨
ଫୋନ-୭୯୭୮୮୩୦୬୧୧

# ମୋ ପରମେଶ୍ୱର

ରାଜଶ୍ରୀ ମହାମାୟା ମହାପାତ୍ର



ଆରକ୍ତ ମୋ ପାଦ ଓ କପାଳ
ତୁମ ଅମାପ ତ୍ୟାଗ ଓ ସମର୍ପଣରେ,
ତୁମ ଆରାଧନାରେ ମୁଁ ଈଶ୍ୱରୀ,
ତୁମ ଧାନରେ ମୁଁ ଯୋଗମାୟା,
ତୁମ ଆଶକ୍ତିରେ ମୁଁ କାମିନୀ,
ତୁମ ଚୁମ୍ବନରେ ମୁଁ ପ୍ରେମିକା,
ତୁମ ରମଣରେ ମୁଁ ରତି,
ତୁମ ଅନିଚ୍ଛାରେ ମୁଁ ଉଗ୍ରତାରା।
ମୋ ଭାଗ୍ୟ ମୋ ଭବିଷ୍ୟ ମୋ ଜୀବନ ଓ
ସମ୍ମାନ ପାଇଁ ତୁମେ କରିଥିବା
ତ୍ୟାଗ ମାନଙ୍କ
କଟା ମୁଣ୍ଡ ମାନଙ୍କୁ ମାଳ କରି
ପିନ୍ଧିଦେଲା ପରେ ମୁଁ ଦେବୀ।
ତୁମ ଛାତିରେ ପଦାଘାତ କରି
ମୁଁ ମହାମାୟା
ମୋ ସାଧନା ପାଇଁ ତୁମେ
ସମର୍ପିତ କଲ ଶରୀର



ଶୋଷ ପାଇଁ ପୋଷ ପୋଷ
ରକ୍ତର ବୀଜ।
ମୋ ଅହଂକାର କ'ଣ ଜାଣ?
ତୁମ ଭୁଜବଳ ଓ ଜ୍ଞାନର ସମୃଦ୍ଧି
ତୁମେ ମନ୍ଥୀ ପାର କ୍ଷୀରସିନ୍ଧୁ
ପି' ପାର ବିଷ କେବଳ ମୋ ପାଇଁ।
ଏଥର ଶୁଣି ରଖ ତୁମେ ହିଁ
ମୋ ଜୀବନର
ଏକମାତ୍ର ଈଶ୍ୱର, ମୋ ପରମେଶ୍ୱର।

ହୋସୁର, ତାମିଲନାଡୁ

# ନାମକୁମାତ୍ର ବାହ୍ୟ ମଳ ମୁକ୍ତ ଗାଁ, ରାସ୍ତାଘାଟ ପାଲଟିଛି ଶୌଚାଳୟ

**ଜଗତସିଂହପୁର :** ସ୍ୱଚ୍ଛ ଭାରତ ଯୋଜନା କୁ ଲକ୍ଷ୍ୟରଖି ଗ୍ରାମାଞ୍ଚଳ ମାନଙ୍କରେ ରାସ୍ତାଘାଟ ଓ ନଦୀ ବନ୍ଧ ମାନଙ୍କରେ ଜନସାଧାରଣ ମଳତ୍ୟାଗ ନକରିବା ପାଇଁ ଗ୍ରାମର ସବୁସ୍ଥାନ ମାନଙ୍କରେ ଫଳକ ଲଗାଇ ଦିଆ ହୋଇଥିଲେବି ଏ କଥାକୁ ମାନୁଛି ବା କିଏ ଘଟଣା ଜଣା ପଡିଛି ଜଗତସିଂହପୁର ଜିଲ୍ଲାର ସବୁ ନଦୀ ବନ୍ଧ ଓ ରାସ୍ତା ଘାଟ ମାନଙ୍କରେ। ଘରେ ଘରେ ସମସ୍ତେ ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଇଥିଲେବି ପାଇଖନା ନିର୍ମାଣ କାର୍ଯ୍ୟ ନହୋଇଥିବାର ଦେଖିବାକୁ ମିଳୁଛି। ସକାଳହେଉ ବା ସନ୍ଧ୍ୟା ବେଳକୁ ପ୍ଲାଷ୍ଟିକ ବାଲଟି ଖଣ୍ଡେ ଖଣ୍ଡେ ଧରି ଓ ଏକ ଟର୍ଚ୍ଚ ଧରି ବାହ୍ୟ ମଳମୁକ୍ତ ଗାଁର ନାଳ ରାସ୍ତା ହେଉ ବା ନଦୀ ବନ୍ଧ ସବୁଠାରେ ଦେଖିବାକୁ ମିଳୁଛି କିଛି ମହିଳା ଓ ପୁରୁଷ ମାନଙ୍କୁ ନେଇ। ଗାଁ ଗହଳିର କୁକୁର ହେଉ ବା ବିଲେଇ ମାନଙ୍କ ମଳତ୍ୟାଗ କରିବା ଘଟଣାରୁ ଏପରି ସ୍ୱଚ୍ଛ ଭାରତ ଯୋଜନାର ଏହା ଏକ ନଗ୍ନ ନମୁନା ପରି ମନେ ହେଉଛି। କେତେକ ସ୍ଥାନ ମାନଙ୍କରେ ଦେଖିବାକୁ ମିଳୁଛିଯେ ପାଇଖାନା ନକରି ଏବଂ



ଏଥିରେ ସରପଞ୍ଚ ଓ କନିଷ୍ଠ ଯନ୍ତ୍ରୀ ମାନେ ବିଭିନ୍ନ ପ୍ରକାର ଆଳ ଦେଖାଇ ଓ ଚଞ୍ଚକତା କରି ଅର୍ଥ ଗୁଡିକ ଆତ୍ମସାତ କରିଦେଉଥିବା ବେଳେ ସରକାରୀ ବାବୁ ମାନେ କାଗଜ କଲମରେ ଶୌଚାଳୟ ହୋଇଥିବା କଥା ଲେଖିଦେଉଥିବା ବେଳେ ଗ୍ରାମାଞ୍ଚଳ ରାସ୍ତା ମାନଙ୍କରେ ଅପରିଷ୍କାର ପରିସ୍ଥିତି ସୃଷ୍ଟି ହେବାକୁ ବସିଲାଣି। ଜିଲ୍ଲାପାଳ ଓ ବିଭାଗିୟ ଅଧିକାରୀ ମାନେ ସରପଞ୍ଚମାନଙ୍କୁ ଡାକି ଗ୍ରାମ ଗୁଡିକ କିପରି ମଳମୁକ୍ତ ଗାଁ ହୋଇପାରିବ ଓ ବାହାରେ କେହି ମଳତ୍ୟାଗ ନକରିବେ ସେ ଦିଗରେ ପଦକ୍ଷେପ ନେବାକୁ ଯଦି ନିର୍ଦ୍ଦେଶ ଦିଆଯାଇପାରନ୍ତା ତେବେ ସ୍ୱଚ୍ଛ ଭାରତ ଯୋଜନା ଫଳପ୍ରଦ ହୋଇ ପାରନ୍ତା । ଏପରିକି ଯେଉଁ ଗ୍ରାମମାନଙ୍କରେ ରାସ୍ତା ଘାଟ ଉପରେ ମଳତ୍ୟାଗ କରାଯାଉଛି ସେଥିପାଇଁ ସେହି ଗ୍ରାମର କାହାକୁ ସ୍ୱଚ୍ଛ ଭାରତ ଯୋଜନା ବଳରେ ଶୌଚାଳୟ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇ ପାରିବନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରାଯାଆନ୍ତା ତେବେ ଗ୍ରାମାଞ୍ଚଳ ଗୁଡିକରେ ଖୋଲା ମଳତ୍ୟାଗ କରିବା ଘଟଣାରେ ପରିସମାପ୍ତି ଘଟନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି। ଏପରିକି ସ୍ଥାନୀୟ ସରପଞ୍ଚମାନେ ପ୍ରତି ଗ୍ରାମ ମାନଙ୍କରେ ବାହାରେ ମଳତ୍ୟାଗ କରୁଥିବା ବ୍ୟକ୍ତି ବିଶେଷ ମାନଙ୍କୁ ଧରାଇଦେଲେ ପୁରସ୍କାର ଘୋଷଣା କାର୍ଯ୍ୟକ୍ରମ ଆରମ୍ଭ କରିପାରନ୍ତେ କିମ୍ୱା ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ବ୍ଲକ ଉନ୍ନୟନ ଅଧିକାରୀ ମାନେ ଜାଗ୍ରତ ରୁହନ୍ତେ ତେବେ ଗ୍ରାମାଞ୍ଚଳ ମାନଙ୍କରେ ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳନ୍ତା ନାହିଁ। ଏଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ସାଧାରଣରେ ଦୃଢ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦ୍ରୀୟ ସଂସ୍ଥାକୁ ...

ସରୋଜଙ୍କ ମା' ଏବଂ ବଡ଼ ଭଉଣୀଙ୍କୁ ମଧ୍ୟ ଏସ୍ଆଇଟି ସାଙ୍ଗରେ ନେଇଛି। ତେବେ ସେମାନଙ୍କୁ କେଉଁ ଉଦ୍ଦେଶ୍ୟରେ ଏବଂ କେଉଁସ୍ଥାନକୁ ଏସ୍ଆଇଟି ନେଇଛି ତାହା ସ୍ପଷ୍ଟହୋଇନାହିଁ। ସକାଳୁ ସକାଳୁ ଏସ୍ଆଇଟିର ପ୍ରାୟ ୧୦ ଜଣ ସଦସ୍ୟ ପରୀର ଗ୍ରାମ ଯଦୁପୁରରେ ଅଚାନକ ପହଞ୍ଚିଥିଲେ। ପରେ ସରୋଜ ଓ ତାଙ୍କ ପରିବାରବର୍ଗଙ୍କୁ ଉଠାଇ ନେଇଥିଲେ। ସରୋଜଙ୍କ ଘର ପରୀର ଘରକୁ ଲାଗିକରି ଥିବାବେଳେ, ତାଙ୍କ ବାଡ଼ି ପଛପଟୁ ହିଁ ପରୀର ଶବ ଉଦ୍ଧାର ହୋଇଥିଲା। ଏପରିକି ସରୋଜଙ୍କୁ ପୂର୍ବରୁ ମଧ୍ୟ ୨ଥର ଉଠାଇ ନେଇ ପଚରାଉଚରା କରିଥିଲା ଏସ୍ଆଇଟି। ତାଙ୍କଠାରୁ ରକ୍ତନମୁନା ଏବଂ ଲାଳ ମଧ୍ୟ ଏସ୍ଆଇଟି ସଂଗ୍ରହ କରିଛି। ଏହାବାଦ୍ ସରୋଜଙ୍କର ପିନ୍ଧା ଡ୍ରେସ୍, ସେ ଶୋଉଥିବା ଖଟ, ତାଙ୍କ ବଡ଼ଭଉଣୀଙ୍କ ମୋବାଇଲ ଫୋନକୁ ମଧ୍ୟ ଜବତ କରିଥିଲା ତଦନ୍ତକାରୀ ଟିମ୍। ୩ଜଣଙ୍କୁ ଘରୁ ଉଠାଇ ନେବାପରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ସେମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା। ଏହାପରେ ଏସ୍ଆଇଟି ତାଙ୍କୁ କୌଣସି ଏକ ନିର୍ଦ୍ଦିଷ୍ଟ ସାମ୍ନାରେ ସାମ୍ନାସାମ୍ନି ଜେରା କରିପାରେ ବୋଲି ଶୁଣିବାକୁ ମିଳୁଛି। ସୂଚନାଯୋଗ୍ୟ, ଏସ୍ଆଇଟି ମୁଖ୍ୟ ଅରୁଣ ବୋଥ୍ରାଙ୍କ ନାମରେ ସାଂଘାତିକ ଅଭିଯୋଗ ଆଣିଥିଲେ। ବୋଥ୍ରା ତାଙ୍କୁ ଡରାଇ ଧମକାଇ ପରୀର ହତ୍ୟାକାରୀ ବୋଲି ସ୍ୱୀକାର କରିବାକୁ ବାଧ୍ୟ କରିଥିଲେ। ଏପରିକି ଏମିତି କଲେ ତାଙ୍କୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କହିଥିଲେ। ନିର୍ଭୟା ଗଣଦୁଷ୍କର୍ମରେ ଫାଶୀ ପାଇଥିବା ୪ ଦୋଷୀଙ୍କ ଭିଡିଓ ଦେଖାଇ କିପରି ନାବାଳକ ଅଭିଯୋଗରେ ହୋଇଥିବାରୁ ତାଙ୍କୁ ଫାଶୀ ବଦଳରେ ସୁଧାର ଗୃହକୁ ପଠାଯାଇଥିଲା ତାହା ବୁଝାଇଥିଲେ। ସରୋଜଙ୍କ ବୟସ ୧୮ ବର୍ଷ ହୋଇଥିବା ବେଳେ ସେ ଦୋଷ ମାନିଲେ ତାଙ୍କୁ ୧୭ବର୍ଷ ବୋଲି ଦର୍ଶାଯିବ ଏବଂ ପରେ ସେ ୪ ବର୍ଷ ସୁଧାର ଗୃହରେ ରହି ବାହାରି ଆସିବେ ବୋଲି କହିଥିଲେ ବୋଥ୍ରା। ଏପରିକି ସରୋଜ ହିଁ ଦୋଷୀ ଏବଂ ସେ ନିଜେ ନମାନିଲେ ତାଙ୍କୁ ଯେଉଁକୌଣସି ପ୍ରକାରେ ଦୋଷୀ ସାବ୍ୟସ୍ତ କରାଇଦିଆଯିବ ବୋଲି ଡରାଉଥିଲେ ଆଇଜିଏସ୍ ଅରୁଣ ବୋଥ୍ରା। ନିଜେ ସରୋଜ ଗଣମାଧ୍ୟମ ଆଗରେ ଏସବୁ କଥା କହିଛନ୍ତି। ତେବେ ସରୋଜଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭିତ୍ତିହୀନ ବୋଲି ସ୍ପଷ୍ଟୀକରଣ ରଖିସାରିଛି ଓଡ଼ିଶା ପୁଲିସ। ଘଟଣାର ତଦନ୍ତ କରୁଥିବା ଏସ୍ଆଇଟି ନିକଟରେ ହାଇକୋର୍ଟ ପାଖରେ ମାମଲାର ଅଗ୍ରଗତି ସଂପର୍କରେ ସତ୍ୟପାଠ ଦାଖଲ କରିଛି। ଏଥିରେ ପରୀକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବାର ଦର୍ଶାଇଛି ଏସ୍ଆଇଟି। ଏପରିକି ଅପରାଧୀ ସେହି ଯଦୁପୁର ଗାଁର ଏବଂ ତାଙ୍କୁ ଚିହ୍ନଟ କରାଯାଇଥିବା ମଧ୍ୟ ଆଫିଡେଭିଟ୍‌ରେ ଉଲ୍ଲେଖ ଥିଲା। କୋର୍ଟ କିମ୍ବା ଏସ୍ଆଇଟି ନିଜେ ଏ କଥା ଜଣାଇନଥିଲେ ହେଁ ନିର୍ଦ୍ଦିଷ୍ଟ ସୂତ୍ରରୁ ଆସି ଏହା ପ୍ରଘଟ ହୋଇଛି। ଏପରିକି ଏହାକୁ ନେଇ ଏସ୍ଆଇଟି କୌଣସି ଆପତ୍ତି ଉଠାଇନାହିଁ।

### 'ଦକ୍ଷତାକୁ ଅସ୍ୱୀକାର ...

କ୍ଷେତ୍ରରେ ସେହି ଜାତି ଲାଗୁ ହେବନାହିଁ। ପୁଣି ବିଭିନ୍ନ ହାଇକୋର୍ଟଙ୍କ ରୁଲିଂ ଅନୁଯାୟୀ ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି), ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ର ମେଧାବୀ ପ୍ରାର୍ଥୀ ସେହି ବର୍ଗର ଅନ୍ୟ ପ୍ରାର୍ଥୀଙ୍କ ପାଇଁ ସ୍ଥାନ ଛାଡି ଦେଇ ସାଧାରଣବର୍ଗର ସ୍ଥାନ ପୂରଣ କରିପାରିବେ। କିନ୍ତୁ ନିଯୁକ୍ତି ସ୍ଥାନ ଖାଲି ପଡ଼ିଲେ ସ୍ୱତନ୍ତ୍ର ବର୍ଗ ଯଥା ସ୍ୱାଧୀନତା ସଂଗ୍ରାମୀ ପରିବାର କିମ୍ବା ପୂର୍ବତନ ସାମରିକ କର୍ମଚାରୀଙ୍କ ସନ୍ତାନ, ଏସ୍‌ସି/ଏସ୍‌ଟି/ଓବିସି ପ୍ରାର୍ଥୀ ସେହି ସ୍ଥାନ ପୂରଣ କରିପାରିବେ ବୋଲି ବିଭିନ୍ନ ହାଇକୋର୍ଟ ପୂର୍ବରୁ ରୁଲିଂ ଦେଇଥିଲେ। ମାତ୍ର ସୁପ୍ରିମକୋର୍ଟ ଏହାକୁ ଗ୍ରହଣ କରିନାହାନ୍ତି। ଜଷ୍ଟିସ ଲଳିତ ନିଜ ପକ୍ଷରୁ ଏବଂ ଜଷ୍ଟିସ ହୃଷିକେଶ ରଏଙ୍କ ପକ୍ଷରୁ ଦେଇଥିବା ରାୟରେ ଦର୍ଶାଇଛନ୍ତି ଯେ ସ୍ୱତନ୍ତ୍ର ବର୍ଗର ହୋଇଥିଲେ ମଧ୍ୟ କମ୍ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀଙ୍କୁ ଖାଲି ସ୍ଥାନରେ ନିଯୁକ୍ତି ଦିଆଯାଇପାରିବ ନାହିଁ।

### 'ଓଡ଼ିଶାବାସୀ ...

ଭିଡିଓ କନଫରେନ୍ସ ଜରିଆରେ ଉପସ୍ଥିତ ଯୁବ ଓ ଛାତ୍ରଙ୍କୁ ଉଦବୋଧନ ଦେଇ ରାଜ୍ୟ ସ୍ୱାର୍ଥ ପାଇଁ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ, ଓଡ଼ିଆ ଭାଷା, କଳା ସଂସ୍କୃତି ଅନନ୍ୟ। ଆମ ଭାଷା 'ଓଡ଼ିଆ' ହିନ୍ଦୀ ଠାରୁ ଗୁରୁତ୍ୱପୂର୍ଣ୍ଣ। ଆମ ମହାନଦୀ ଅନ୍ୟ ନଦୀ ଠାରୁ ପବିତ୍ର। ଆମ ପାଇଁ ଆମ ଆଦିବାସୀଙ୍କର ସମୃଦ୍ଧି ଓ ବିବିଧତା ଆମ ଶକ୍ତି। ମହାନଦୀ, ଆଦିବାସୀ ସଂସ୍କୃତି ଆମ ପାଇଁ ବିଶ୍ୱସ୍ତରୀୟ। କିନ୍ତୁ ଜାତୀୟ ଦଳଗୁଡ଼ିକ ପାଇଁ ଏହାର ମୂଲ୍ୟ କିଛି ନାହିଁ। ଆମ କଥା ଉଠାଇବାକୁ ଜାତୀୟ ଦଳର ରାଜ୍ୟ ନେତାଙ୍କର ଭଏସ୍ ନାହିଁ। ଜାତୀୟ ଦଳଗୁଡ଼ିକର ଲକ୍ଷ୍ୟ କେବଳ ସରକାରରେ ରହିବା ଏବଂ ଜାତୀୟ ନେତାଙ୍କ ଲକ୍ଷ୍ୟ କେବଳ ମନ୍ତ୍ରୀ ହେବା। ସେମାନେ ରାଜ୍ୟର ବିକାଶ କଥା କହି ଅନ୍ୟ ରାଜ୍ୟକୁ ଅଣଦେଖା କରନ୍ତି। ରିମୋଟ୍ କଣ୍ଟ୍ରୋଲ ଦ୍ୱାରା କଂଗ୍ରେସ ଚାଲୁଛି। ହେଲେ ବିଜୁ ଜନତା ଦଳ ଗୋଟିଏ ଦଳ ଭାବେ ଭାରତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆମର ଦିଲ୍ଲୀରେ କେହି ବସ୍ ନାହାନ୍ତି। ଓଡ଼ିଶାବାସୀ ହିଁ 'ଆମର ବସ୍' ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ହକ୍ ପାଇଁ ବିଜେଡି ଲଢ଼େଇ ଜାରି ରଖିଛି। ମହାନଦୀ ପାଣି ପାଇଁ ଆମେ ଲଢୁଛୁ। 'କୋଶଲୀ' ଓ 'ହୋ' ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ ପାଇଁ ଲଢୁଛୁ। ଖଣିଜ ସମ୍ପଦର ଲାଭ ଓଡ଼ିଶା କିପରି ଅଧିକ ପାଇବ ସେଥିପାଇଁ ଲଢୁଛୁ। ଭୌଗୋଳିକ ସ୍ଥିତି ପାଇଁ ଓଡ଼ିଶା ସର୍ବଦା ପ୍ରାକୃତିକ ବିପର୍ଯ୍ୟୟ ଭୋଗୁଛି। ଅଥଚ କେନ୍ଦ୍ର ସରକାର ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରି ଚାଲିଛନ୍ତି। ତାହା ଓଡ଼ିଶା ପ୍ରତି ଘୋର ଅନ୍ୟାୟ ହେଉଛି, ତୁରନ୍ତ ମିଳିବା ଦରକାର। ଉଭୟ ବିଜେପି ଓ କଂଗ୍ରେସ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବିକୁ ନିର୍ବାଚନୀ ଇସ୍ତାହାରରେ ରଖିଥିଲେ ହେଁ ପରେ ଭୁଲିଗଲେ, ତାହା ହିଁ ବିଡମ୍ବନା। ତେଣୁ ଆଗାମୀ ଦିନରେ ବିଜେଡି ଲଢ଼େଇ ଜାରି ରଖିବ। ଓଡିଶାର କଥା ସବୁବେଳେ କେନ୍ଦ୍ର ଆଗରେ ଉଠାଇବ। ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼ିବ। ଶ୍ରୀ ପଟ୍ଟନାୟକ କହିଥିଲେ, ମୋର ଏହି ବାର୍ତ୍ତା କେବଳ ଆପଣଙ୍କ ପାଇଁ ନୁହେଁ, ସାରା ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଉଦ୍ଦିଷ୍ଟ। କାରଣ ବିଜେଡି ଭଳି ଗୋଟିଏ ଆଞ୍ଚଳିକ ଦଳ ହିଁ ରାଜ୍ୟକୁ ସୁରକ୍ଷା ଦେଇପାରିବ। ଜାତୀୟ ନୁହେଁ, ଆଞ୍ଚଳିକ ଦଳ ହିଁ ରାଜ୍ୟବାସୀଙ୍କ ପାଇଁ ଲଢ଼େଇ କରେ। ଜାତୀୟ ଦଳମାନେ ଆପଣଙ୍କୁ ମହାସାଗରର 'ଜଳବିନ୍ଦୁ' କରି ରଖିବେ ବୋଲି ସେ କଟାକ୍ଷ କରିଥିଲେ। ବିଜେଡି ହିଁ ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ପୂରଣ କରିବ ବୋଲି ନବୀନ ଦୃଢତାର ସହ କହିଥିଲେ।

### ୫ବର୍ଷରୁ କମ ...

ନବଜାତ ଶିଶୁ ଏବଂ ପାଞ୍ଚବର୍ଷରୁ କମ୍ ଶିଶୁଙ୍କ ମୃତ୍ୟୁହାର ହ୍ରାସପାଇଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ୟୁନିସେଫର ଏକ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଭାରତରେ ପାଞ୍ଚବର୍ଷରୁ କମ୍ ବୟସର ଶିଶୁଙ୍କ ପୁଷ୍ଟିହୀନତା ୬୯%। ୨୦୧୯ର ଗ୍ଲୋବାଲ୍ ହଙ୍ଗର୍ ଇଣ୍ଡେକ୍ସରେ ୧୧୭ଟି ଦେଶ ମଧ୍ୟରେ ଭାରତ ୧୦୨ତମ ସ୍ଥାନରେ ରହିଛି। ୨୦୧୦ ମସିହାରେ ଭାରତ ଥିଲା ୯୫ରେ। ୨୦୧୮ ଗ୍ଲୋବାଲ୍ ପୁଷ୍ଟିକର ରିପୋର୍ଟ ଅନୁଯାୟୀ ଆମ ଦେଶରେ ପୁଷ୍ଟିହୀନ ଶିଶୁଙ୍କ ସଂଖ୍ୟା ୪.୬୬ କୋଟି। ଏହା ଦୁନିଆର ସର୍ବୋଚ୍ଚ। ଜାତୀୟ ସର୍ଭେରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ବିଭିନ୍ନ ସୂଚକାଙ୍କରେ ଉନ୍ନତି ନିଶ୍ଚିତ ଭାବେ ସନ୍ତୋଷଜନକ ଏବଂ ଏହା ସୂଚିତ କରେ ଯେ ଏହି କ୍ଷେତ୍ରରେ ସରକାରଙ୍କ ଉଦ୍ୟମ ସଠିକ୍ ଦିଗରେ ରହିଛି। ଟିକାକରଣରେ ଉଲ୍ଲେଖନୀୟ ବୃଦ୍ଧିଘଟିଛି ଏବଂ ବ୍ୟାଙ୍କ୍ ଆକାଉଣ୍ଟଧାରୀ ମହିଳାଙ୍କ ସଂଖ୍ୟା ମଧ୍ୟ ବୃଦ୍ଧିପାଇଛି। ଦେଶରେ ପ୍ରଜନନ ହାର ହ୍ରାସ, ଗର୍ଭନିରୋଧକ ଉପାୟଗୁଡ଼ିକର ବ୍ୟବହାରରେ ବୃଦ୍ଧି ଏବଂ ଆବଶ୍ୟକତା ପୂରଣ କରିବାରେ ଅଗ୍ରଗତି ଉତ୍ସାହଜନକ ରହିଛି। ସଂକ୍ରାମକ ରୋଗକୁ ରୋକିବା ପାଇଁ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଚେଷ୍ଟା ଜାରିରହିଛି। ତେବେ ପୁଷ୍ଟିହୀନତାର ସମସ୍ୟା ଅତ୍ୟନ୍ତ ଗମ୍ଭୀରସ୍ଥିତିରେ ପହଞ୍ଚିଛି। ଏହା ଦେଶପାଇଁ ପ୍ରମୁଖ ଚ୍ୟାଲେଞ୍ଜର ବିଷୟ ହୋଇଛି। ଏହାର ଦୀର୍ଘକାଳୀନ ସମାଧାନ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏକ ଜାତୀୟ ପୁଷ୍ଟିକର ଅଭିଯାନ ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ଏବଂ ପରିମଳ କାର୍ଯ୍ୟକ୍ରମକୁ ସଂଯୋଗ କରି ଭବିଷ୍ୟତରେ ଭଲ ଫଳାଫଳର ଆଶା ମଧ୍ୟ ରହିଛି । ଉଭୟ ମା' ଏବଂ ଶିଶୁର ପୁଷ୍ଟିକର ଖାଦ୍ୟପ୍ରତି ସ୍ୱତନ୍ତ୍ର ଫୋକସ୍ ରହିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତରଖୁଛନ୍ତି। କାରଣ ଏହାକୁ ଏକୀକୃତ ବିକାଶର ଏକ ପ୍ରମୁଖ ମାନକ ବୋଲି ବିବେଚନା କରାଯାଉଛି। ଯେହେତୁ ଆମ ଜନସଂଖ୍ୟାର ଏକ ବୃହତ ଅଂଶ ଗରିବ ଏବଂ ଅଶିକ୍ଷିତ, ତେଣୁ ସମ୍ବଳ ଉପଲବ୍ଧତା ସହିତ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଏହି ଉଚ୍ଚାଭିଳାଷୀ ଯୋଜନା ମଧ୍ୟ ଉପକୃତ ହେବ। ଖାଦ୍ୟ ସାମଗ୍ରୀର ଗୁଣ ଚିହ୍ନଟ ଅନ୍ୟଏକ ପ୍ରସଙ୍ଗ। ଅନ୍ୟପକ୍ଷରେ ଦେଶରେ ପୁଷ୍ଟିହୀନତାର ମୁକାବିଲାପାଇଁ ପୁଣେଭିତ୍ତିକ ଏକ ଲାବରେଟୋରୀ ଦୁଇଟି ଗହମ କିସମ ଏବଂ ଗୋଟିଏ ଡାଳିମ୍ବ ବିକଶିତ କରିଛି; ଯାହା ଦେଶର ପୁଷ୍ଟିହୀନତାକୁ ରୋକିବାରେ ସଫଳ ହୋଇପାରିବ। ନଭେମ୍ବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୭ଟି ବାୟୋ-ଦୁର୍ଗଯୁକ୍ତ ଫସଲ କିସମର ଉନ୍ମୋଚନ କରିଥିଲେ। ଭାରତୀୟ କୃଷି ଅନୁସନ୍ଧାନ(ଆଇସିଏଆର୍)ଦ୍ୱାରା ପ୍ରକାଶିତ 'ବାୟୋ-ଦୁର୍ଗିତ କିସମ: ପୁଷ୍ଟିହୀନତାକୁ ଦୂର କରିବାର ସ୍ଥାୟୀ ଉପାୟ' ଶୀର୍ଷକ ପୁସ୍ତକରେ ଲୌହସାର, ପ୍ରୋଟିନ୍, ଜିଙ୍କ୍ ଏବଂ ଭିଟାମିନ୍ ସି ସମୃଦ୍ଧ ଗହମ ଏବଂ ଡାଳିମ୍ବ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ପ୍ରତିଷ୍ଠାନ ଗହମ କିସମର ବିକାଶ କରିଥିଲାବେଳେ ଭିଟାମିନ୍ ସି ସମୃଦ୍ଧ ଫଳ ଡାଳିମ୍ବ, ଜାତୀୟ ଅନୁସନ୍ଧାନ କେନ୍ଦ୍ରଦ୍ୱାରା ବିକଶିତ ହୋଇଛି। ବୈଜ୍ଞାନିକମାନେ କହିଛନ୍ତି ଯେ ପ୍ରଥମ ଗହମ କିସମ, ଏମ୍ଏସିଏସ୍ ୪୦୨୮ (ଡୁରମ୍), ସ୍ୱଳ୍ପ ଉର୍ବର ମାଟିରେ ଚାଷ ହୋଇପାରିବ। ରବି ଋତୁରେ ଏହା ଉତ୍ପାଦିତ ହୋଇପାରିବ। ଏହି ଗହମ ହେକ୍ଟର ପିଛା ପ୍ରାୟ ୧୯.୩ କ୍ୱିଣ୍ଟାଲ୍ ଅମଳ ପ୍ରଦାନ କରୁଛି। ସାଧାରଣ କିସମ ଗହମରେ ୧୦ପ୍ରତିଶତରୁ କମ୍ ପ୍ରୋଟିନ୍ ଥିବାବେଳେ ଏମ୍ଏସିଏସ୍ ୪୦୨୮ରେ ୧୪.୭ ପ୍ରତିଶତ ପ୍ରୋଟିନ୍ ରହିଛି। ୩୯.୫ ପିପିଏସ୍ ଏବଂ ୩୭.୮ ପିପିଏମ୍ ଲୌହସାର ଏବଂ ଜିଙ୍କ୍ ସହିତ ଯଥାକ୍ରମେ ଦ୍ୱିତୀୟ କିସମ, ଏମ୍ଏସିଏସ୍ ୪୦୫୮ ଗହମ (ଡୁରମ୍) ହେକ୍ଟର ପିଛା ୨୯.୬ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ପ୍ରଦାନ କରେ। ଏହି ଦୁଇଟି ପ୍ରକାର ବିହନର ପରୀକ୍ଷା ସଫଳହୋଇଛି। ଯାହା ୧୦୨ ଦିନରେ ପରିପକ୍ୱ। ଏହି ଚାଷ ଏବେ ଉଭୟ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରେ ଆରମ୍ଭ ହୋଇଯାଇଛି। ପୁଣେ ଲାବରେଟୋରୀ ଦ୍ୱାରା ବିକଶିତ 'ସୋଲାପୁର ଲାଲ' ଡାଳିମ୍ବ ଚାଷପାଇଁ ସେମି-ଶୁଷ୍କ ଅଞ୍ଚଳ ସର୍ବୋତ୍ତମ। ହେକ୍ଟର ପିଛା ୨୩ରୁ ୨୭କ୍ୱିଣ୍ଟାଲ ଅମଳ ସହିତ ଏହି ଫଳ ଲୌହସାର, ଜିଙ୍କ ଓ ଭିଟାମିନ୍ ସି ରେ ଭରପୂର।

### ନିର୍ମାଣ ହେବ ...

ସକାଳ ସାଢ଼େ ୬ଟା ସୁଦ୍ଧା ୫-ଟି ସଚିବ ଭୁବନେଶ୍ୱର ଫେରିଯିବା ପରେ ଉନ୍ନୟନ କମିଶନର ଶ୍ରୀ ମହାପାତ୍ର ଅନ୍ୟ ଅଧିକାରୀଙ୍କ ସହ ଶ୍ରୀମନ୍ଦିର ବୁଲି ଦର୍ଶନ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ ସହ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ପରେ ପରେ ସକାଳ ସାଢ଼େ ୭ଟାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ଓବିସିସି ଅଧ୍ୟକ୍ଷ ଶ୍ରୀ କୁମାର ଓବିସିସିର ବରିଷ୍ଠ ଅଧିକାରୀଙ୍କ ସହ ଅବଢ଼ା ଯୋଜନାରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଓବିସିସିର ଅଧିକାରୀଙ୍କୁ ନେଇ ଶ୍ୱେତଗଙ୍ଗାରୁ ଉନ୍ନୟନ କାର୍ଯ୍ୟ ସମୀକ୍ଷା ପର୍ବ ଆରମ୍ଭ କରିଥିଲେ। ଏହି ଅବସରରେ ଶ୍ୱେତଗଙ୍ଗା ସହ ପଞ୍ଚତୀର୍ଥ ପୁଷ୍କରିଣୀ ବୁଲି ଉନ୍ନୟନ କାର୍ଯ୍ୟର ଖସଡା ପ୍ରସ୍ତୁତ କରିଥିଲେ। ବେଳାମାର୍ଗରେ ଥିବା ଯାତ୍ରିକା, ଲୋକନାଥ ମନ୍ଦିର, ବଡଓଡ଼ିଆ ମଠ, ମାଟିତୋଟା ଗୁରୁକୁଳମ୍ ଆଦି ସ୍ଥାନ ବି ପରିଦର୍ଶନ କରିଥିଲେ। ପରେ ଜିଲ୍ଲାପାଳ ଶ୍ରୀ ସିଂ, ଉପଜିଲ୍ଲାପାଳ ଭବତାରଣ ସାହୁ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସନ ଅଜୟ କୁମାର ଜେନାଙ୍କ ସମେତ ଓବିସିସିର ନିର୍ବାହୀ ଯନ୍ତ୍ରୀ, ଏମ୍‌ଡି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ କୁମାର କହିଥିଲେ ଯେ, ପୁରୀରେ ଅବଢ଼ା ଯୋଜନାରେ ରାଜ୍ୟ ସରକାରଙ୍କ ତରଫରୁ ଅନେକ ପ୍ରକଳ୍ପ ହାତକୁ ନିଆଯାଇଛି। ଏହା ଭିତରେ ଅନେକ ପ୍ରକଳ୍ପର କାର୍ଯ୍ୟ ବି ଆରମ୍ଭ ହୋଇଗଲାଣି। ବାକି କାମ୍ ଖୁବ୍ ଶୀଘ୍ର ଆରମ୍ଭ ହେବ। ରାଜ୍ୟ ସରକାର ଶ୍ରୀକ୍ଷେତ୍ର ବୁଲି ଆସୁଥିବା ଭକ୍ତଙ୍କୁ ଶସ୍ତାରେ ରହିବାର ସୁବିଧା କରିବାକୁ କହିଥିଲେ। ସେହି ଅନୁଯାୟୀ ବାସେଳିସାହି ଥାନା ନିକଟରେ ପ୍ରାୟ ୧୦ ଏକର ଜାଗା ଚିହ୍ନଟ କାମ ସରିଛି। ଏଠାରେ ଶହେରୁ ଦେଢ଼ଶହ ଟଙ୍କାରେ ରହିବା ସୁବିଧା ସହ ଖାଇବା ସୁବିଧା ପାଇଁ ରୋଷଶାଳା ଆଦିର ବ୍ୟବସ୍ଥା କରାଯିବ। ସେ ଉପରେ ବିସ୍ତୃତ ଆଲୋଚନା ଚାଲିଛି। ଇତିମଧ୍ୟରେ ଜେଲ୍ ରୋଡ଼ସ୍ଥିତ ବହୁତଳ କାର ପାର୍କିଂ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ପ୍ରକଳ୍ପ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଗନ୍ନାଥ ବଲ୍ଲଭ ପରିସରରେ ମାର୍କେଟ କମ୍ପ୍ଲେକ୍ସ କାମ ଆରମ୍ଭ ହେବାକୁ ଯାଉଛି। ଜଗନ୍ନାଥ ବଲ୍ଲଭ ପରିସରରେ ୧୨ଶହ କାର ପାର୍କିଂ ବ୍ୟବସ୍ଥା ରହିବ। ଜବରଦଖଲ ସମସ୍ୟା ରହିଥିବାରୁ କାମ ଆରମ୍ଭ ହୋଇପାରିନି। ଖୁବ୍ କମ ଦିନ ଭିତରେ ଏହି କାମ ଆରମ୍ଭ ହୋଇଯିବ ବୋଲି ଶ୍ରୀ କୁମାର କହିଛନ୍ତି। ମହୋଦଧି ମାର୍କେଟ୍‌ରେ ଟେଣ୍ଡର ଫାଇନାଲ ହେବା ସହ କାମ ବି ଆରମ୍ଭ ହୋଇଯାଇଛି। ସ୍ୱର୍ଗଦ୍ୱାର କାମ ବି ଆଗେଇ ଚାଲିଛି। କ୍ରେନ୍ ମାଧ୍ୟମରେ ଭୁବନେଶ୍ୱରରୁ ପ୍ରିକାଷ୍ଟ (ପୂର୍ବରୁ ଢଳେଇ ହୋଇଥିବା) ଟ୍ରେ ଆସିବା ଆରମ୍ଭ ହୋଇଯାଇଛି। ତିନି ସପ୍ତାହ ମଧ୍ୟରେ ଏହି କାମ ସରିବ। ଅବଢ଼ା ଯୋଜନାର ସବୁ ପ୍ରକଳ୍ପ ଠିକ୍ ଭାବେ ଆଗକୁ ଯିବ ବୋଲି ଆଶା ରଖିଛୁ। ପୁରୀ ବେଳାମାର୍ଗ ନିକଟରେ ଥିବା ଯାତ୍ରୀକାର ସାଢ଼େ ୪ ଏକର ଜାଗା ସହ ଅନ୍ୟ ଦୁଇ ଏକର ଜାଗା ଚିହ୍ନଟ ସରିଛି। ଯେଉଁଠାରେ ପାର୍କିଂ ବ୍ୟବସ୍ଥା କରାଯିବ। ଏଠାରେ ଗ୍ରାଉଣ୍ଡ ଲେଭଲ୍‌ରେ ୬ ଶହରୁ ୭ଶହ ଗାଡି ପାର୍କିଂର ବ୍ୟବସ୍ଥା କରିବାକୁ ଲକ୍ଷ୍ୟ ରଖାଯାଇଛି। ଶ୍ରୀମନ୍ଦିରର ଆବଶ୍ୟକ ମରାମତି ପାଇଁ ବି କରାଯିବ। ଶ୍ରୀମନ୍ଦିର ବାହାରପାର୍ଶ୍ୱ ୨୦ ମିଟର ପର୍ଯ୍ୟନ୍ତ ବିକାଶ କାର୍ଯ୍ୟ ଜାନୁଆରୀରୁ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ କୁମାର କହିଛନ୍ତି।

### ଏମ୍ଏସ୍ଏମ୍ଇ ପାଇଁ ...

୧୦୦ କୋଟି ଟଙ୍କା ଦିଆଯିବାର ବ୍ୟବସ୍ଥା ହୋଇଛି। ରାଜ୍ୟର ୧୭୫ଟି ଉଦ୍ୟୋଗ ରାଜ୍ୟ ଜିଏସ୍‌ଟି ଫେରି ପାଇବା ଲାଗି କ୍ୟାବିନେଟ୍ ଅନୁମୋଦନ ଦେଇଛି। ୨୦୧୭ ଜୁଲାଇ ୧ରୁ ୨୦୨୦ ମାର୍ଚ୍ଚ ୩୧ ମଧ୍ୟରେ ୧୭୫ଟି ଉଦ୍ୟୋଗକୁ ରାଜ୍ୟ ଜିଏସଟି ସୁବିଧା ମିଳିବ। ଏଥିପାଇଁ ୩୮.୩୦ କୋଟି ଟଙ୍କା ଖର୍ଚ୍ଚ ହେବ। ପିଏମ୍ଇଜିପି ଅଧୀନରେ ୨୦୨୦-୨୧ ବର୍ଷ ପାଇଁ ଆର୍ଥିକ ଦୁର୍ବଳ ବର୍ଗକୁ ସବ୍‌ସିଡ ମିଳିବ। ସବ୍‌ସିଡ ଉପରେ ସବସିଡ ୫ ପ୍ରତିଶତ ପ୍ରମୋଟର କଣ୍ଟ୍ରିବ୍ୟୁସନ ଆକାରରେ ମଳିବ। ମହାମାରୀ ସଙ୍କଟ ସମୟରେ ଏହା ଆର୍ଥିକ ଦୁର୍ବଳ ଶ୍ରେଣୀକୁ ସହାୟତା ମିଳିବ। ରାଜ୍ୟ ସରକାର ୨୭ କୋଟି ଟଙ୍କା ଦେବେ। ସେହିପରି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସହାୟତା ଯୋଜନା ଅଧିନରେ କେନ୍ଦ୍ରର ୬୦ ପ୍ରତିଶତ ଓ ରାଜ୍ୟର ୪୦ ପ୍ରତିଶତ ଅନୁଦାନ ଉପରେ ଅତିରିକ୍ତ ୧୫ ପ୍ରତିଶତ ଟପ୍-ଅପ୍ ସବସିଡି ମଳିବ। ଚଳିତ ଆର୍ଥିକ ବର୍ଷରେ ଏକ ହଜାର ୟୁନିଟ୍ ପାଇଁ ସବସିଡି ଦିଆଯିବ। ଏଥିପାଇଁ ଯୋଜନାରେ ୧୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି।

# ବାହ୍ୟ ମଳମୁକ୍ତ ଗାଁ ନାଁରେ ଚାଲିଛି ପ୍ରହସନ




**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକରେ ନାହିଁ ନାହିଁରେ ଚାଲିଛି ସରକାରୀ ଯୋଜନା। ସ୍ୱଚ୍ଛ ଭାରତ ନାରା ନେଇ ପ୍ରତ୍ୟେକ ପରିବାର ପାଇଁ ପାଇଖାନା ନିର୍ମାଣ କରାଯାଉଥିଲେ ସୁଦ୍ଧା ଏହା ଲୋକଙ୍କ ବ୍ୟବହାରରେ ଆସିପାରୁନି। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ସାନ ଡାଇଭଟା, ନୂଆଗୁଡା ଗାଁରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ନିମ୍ନ ମାନର ପାଇଖାନା ନିର୍ମାଣ ସହ ପାଣିର ଘୋର ଅଭାବ ଯୋଗୁଁ ନିର୍ମାଣ ହୋଇଥିବା ପାଇଖାନା ଲୋକଙ୍କ ବ୍ୟବହାରରେ ଆସିପାରୁନାହିଁ। ଫଳରେ ବାଧ ହୋଇ ଲୋକେ ବାହାରେ ମଳମୂତ୍ର ତ୍ୟାଗ କରୁଛନ୍ତି। ସେପଟେ ଅନେକ ପାଇଖାନା ଗୁଡିକ ବ୍ୟବହାର ନହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ନୂଆଗୁଡା ଗାଁରେ ୫୦ ପରିବାର ବାସ କରୁଥିବା ବେଳେ ସାନ ଡାଇଭଟା ଗ୍ରାମରେ ୧୦୦ ପରିବାର ରହୁଛନ୍ତି। ଗ୍ରାମର ଅଧା ପରିବାର ପାଇଁ ପାଇଖାନା ନିର୍ମାଣ ହୋଇଥିବା ବେଳେ କେତେକଙ୍କ ଘର ପାଇଖାନା ଅଧା ନିର୍ମିତ ହୋଇ ପଡିରହିଛି। ବର୍ତ୍ତମାନ ପାଇଖାନା ଅଚଳ ଓ ଭଗ୍ନ ଅବସ୍ଥାରେ ପଡିରହିଛି। କେତେକେ ପାଇଖାନା ନଷ୍ଟ ହୋଇଗଲାଣି। ଗ୍ରାମର ଅନେକେ ପାଇଖାନାରେ ଲୋକେ କାଠ ଜିନିଷ ପତ୍ର ରଖିଥିବା ଦେଖିବାକୁ ମିଳିଛି। ଗୋଟେପଟେ ଗ୍ରାମର ଲୋକେ ଖୋଲା ଜମିରେ ମଳତ୍ୟାଗ କରୁଥିବା ବେଳେ ଅନ୍ୟପଟେ ପ୍ରଶାସନ ସାନ ଡାଇଭଟା ଓ ନୂଆଗଡ ଗ୍ରାମରେ ସୂଚନା ଫଳକ ଲଗାଇ ବାହ୍ୟ ମଳମୁକ୍ତ ଗାଁ ଘୋଷଣା କରି ପ୍ରହସନ କରୁଥିବା ସାଧାରଣରେ ଆଲୋଚନା ହେଉଛି। ହେଲେ ଏହି ଗ୍ରାମ ଗୁଡିକର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଏହି ଗ୍ରାମର ପାଇଖାନା ନିର୍ମାଣ ଦାୟିତ୍ୱ ଦିଆଯାଇଥିବା ବେଳେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବ ଯୋଗୁ ଠିକାଦାର ନିମ୍ନମାନର କାମ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲୋକଙ୍କ ସଚେତନତା ଅଭାବରୁ ମଧ୍ୟ ଲୋକେ ପାଇଖାନା ବ୍ୟବହାର କରୁନଥିବା ଅଭିଯୋଗ ହୋଇଛି। ସେପଟେ ଗାଁରେ କେବଳ ଦୁଇଟି ନଳକୂପ ରହିଛି। ଏହାଦ୍ୱାରା ଗାଁ ଲୋକଙ୍କୁ ପର୍ଯ୍ୟାପ୍ତ ପରିମାଣରେ ପାଣି ମିଳି ପାରୁନି। ଦୁଇଟି ନଳକୂପ ମଧ୍ୟରୁ ଗୋଟିଏ ଖରାପ ହେବାକୁ ବସିଛି। ପାଇଖାନା ନିର୍ମାଣ ବେଳେ ପାଣି ସମସ୍ୟା ନେଇ ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ଅବଗତ କରାଯାଇଥିଲେ ସୁଦ୍ଧା ଏହାକୁ କର୍ଣ୍ଣପାତ କରୁନଥିବା ଯୋଗୁ ଏହାର ପରିଣାମ ଏବେ ଗାଁ ଲୋକଙ୍କୁ ଭୋଗିବାକୁ ପଡୁଛି। ନୂଆଗୁଡା ଗାଁର ଅମାନ୍ୟତ୍ୟା ସାହି ଓ ହରିଜନ ସାହିର ପାଇଖାନା ଗୁଡିକ ନିମ୍ନମାନର ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ପ୍ରାୟ ସବୁ ପାଇଖାନାରେ ପାଣି ବ୍ୟବସ୍ଥା ନଥିବାରୁ ମହିଳା ଓ ପୁରୁଷ ମାନେ ଖୋଲା ଜମିରେ ମଳତ୍ୟାଗ କରୁଛନ୍ତି। ପାଇଖାନା ଗୁଡିକ ବ୍ୟବହାର ହେଉନଥିବାରୁ ଅନେକଙ୍କ ପାଇଖାନାରେ ଆଜବେଷ୍ଟ ଓ ସ୍ୱରେଜ ଟାଙ୍କି ନଷ୍ଟ ହୋଇଯାଇଛି। ସେହିପରି ସାନ ଡାଇଭାଟା ଗ୍ରାମ ଅନେକ ପାଇଖାନା ନିମ୍ନମାନର ହୋଇଥିବାରୁ ଏହି ପାଇଖାନା ଗୁଡିକ ଲୋକଙ୍କ ବ୍ୟବହାରରେ ଲାଗୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଗ୍ରାମର ମୋତିରାମ ରନ୍ଧାରୀ, ନିର୍ମଳା ସୁନା, ଲାଲୁ ନାୟକ, ସାନ ରନ୍ଧାରୀ, ଭଗବାନ ଶିରା, ଶିବ ରନ୍ଧାରୀ ଅଭିଯୋଗ କରିଛନ୍ତି।

# ଉଦଳାର ଗର୍ବ ଓ ଗୌରବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

**ଉଦଳା :** ରାଜ୍ୟ ସରକାର ଗତ ଶିକ୍ଷା ବର୍ଷ ୨୦୧୯-୨୦ର ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାର ଫଳାଫଳ ଦୃଷ୍ଟିରୁ ସର୍ବୋତ୍ତମ ବିଦ୍ୟାଳୟର ନାମ ତାଲିକା ଘୋଷଣା କରିଛନ୍ତି। ଉକ୍ତ ତାଲିକାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଉଦଳା, ମୟୂରଭଞ୍ଜର ନାମ ସ୍ଥାନିତ ଅଛି। ଏହି ଖବର ପ୍ରଚାରିତ ହେବା ପରେ ଶିଶୁମନ୍ଦିର ପରିବାର ବର୍ଗ ଯଥା ଗୁରୁଜୀ, ଗୁରୁମା, ଶିଶୁ ଭାଇଭଉଣୀ, ଅଭିଭାବକ, ସେବକ ସେବିକା ତଥା ଉଦଳା ଅଞ୍ଚଳର ଶୁଭେଚ୍ଛୁ ମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବିଗତ ତିନିବର୍ଷ ଧରି ଉଦଳା ଶିଶୁ ବିଦ୍ୟା ମନ୍ଦିର ଲଗାତାର ଭାବେ ଉକ୍ତ ସମ୍ମାନର ଅଧିକାରୀ ହୋଇଆସୁଥିବାରୁ ଏହା




ଉକ୍ତ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ। ବିଦ୍ୟାଳୟର ସମ୍ମାନକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇ ପାରିଥିବାରୁ ଶିଶୁ ଭାଇଭଉଣୀ, ଗୁରୁଜୀ ଗୁରୁମା ତଥା ଅଭିଭାବକ ବନ୍ଧୁମାନଙ୍କୁ ପ୍ରଧାନ ଆଚାର୍ଯ୍ୟ ଅଜିତ କୁମାର ମହାନ୍ତି କୃତଜ୍ଞତା ଜଣାଇବା ସହ ଶିଶୁ ଭାଇଭଉଣୀମାନଙ୍କର ଉତ୍ତରୋତ୍ତର କାମନା କରିଛନ୍ତି।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ ତମ ଜୟନ୍ତୀ



**ବାରିପଦା :** ମୟୂରଭଞ୍ଜର ତତ୍କାଳିନ ପ୍ରଜାନୁରଞ୍ଜକ ମହାରାଜା ତଥା ଉତ୍କଳର ଅନ୍ୟତମ ବରପୁତ୍ର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ୧୫୦ ତମ ଜୟନ୍ତୀ ସମାରୋହ ତା.୧୭.୧୨.୨୦୨୦ ରିଖରେ ଜିଲ୍ଲା ସଦର ମହକୁମା ବାରିପଦାରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଜିଲ୍ଲା ପ୍ରସାଶନ ତତ୍ତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଏବଂ ବାରିପଦା ପୌର ପାଳିକା ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଅଛି। ଏହି ଉପଲକ୍ଷେ ସକାଳ ୯ ଘଟିକା ସମୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥାପିତ ମୟୂରଭଞ୍ଜର ତତ୍କାଳିନ ମହାରାଜା ତଥା ଉତ୍କଳର ବରପୁତ୍ର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତୀ ସ୍ଥଳରେ ଆୟୋଜିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ରୁଦ୍ରନାରାୟଣ ମହାନ୍ତି, ଉପଜିଲ୍ଲାପାଳ ବାରିପଦା ତଥା ନିର୍ବାହୀ ଅଧିକାରୀ ବାରିପଦା ପୌରପାଳିକା ପି.ଅନେଷ୍ଵା ରେଡ୍ଡି, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ସାରସକଣା ବିଧାୟକ ବୁଢାନ୍ ମୁର୍ମୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ଓଡିଶା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୂବତନ ଏସ୍‌ଡିସି ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି, ପୂବତନ ବିଧାୟକ ଭାଦବ ହାଁସଦା, ପୂବତନ ପୌର ପରିଷଦ ଅଧ୍ୟକ୍ଷ କୃର୍ଣ୍ଣାନନ୍ଦ ମହାନ୍ତି, ପୂର୍ବତନ ପୌର ପରିଷଦ ଉପାଧ୍ୟକ୍ଷ ଜିତେନ୍ଦ୍ର ମହାନ୍ତି। ବରିଷ୍ଠ ଆଇନଜୀବୀ ଜ୍ୟୋତିପ୍ରକାଶ ରଥ, ପ୍ରତିଶ୍ରୁତି ପ୍ରତିଷ୍ଠାନର ସଂପାଦକ ଭାଗବତ ପଣ୍ଡା, ବରିଷ୍ଠ ନାଗରିକ ତଥା ସମାଜସେବୀ ଶରତ ଚନ୍ଦ୍ର ନାୟକ, ପ୍ରମୁଖ ସମେତ ସହରର ବହୁ ମାନ୍ୟଗଣ୍ୟ ବୃଦ୍ଧିଜିବୀ ନାଗରିକ, ବିଭିନ୍ନ ସ୍ୱେଚ୍ଛାସେବୀ / ସଂଗଠନ / ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଭକ୍ତିପୁତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥି ସହିତ ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପାଠାଗାର (ଜୁବୁଲୀ ଲାଇବ୍ରେରୀ) ବାରିପଦା ଆନୁକୂଲ୍ୟରେ ପାଠାଗାରର ସଭାପତି ସାରଦା ପ୍ରଶନ୍ନ ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ମୃତି ସଭାରେ ବହୁ ବରିଷ୍ଠ ନାଗରିକ ଯୋଗଦେଇ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଙ୍କ କର୍ମମୟ ଜୀବନ ଦର୍ଶନ ସଂପର୍କରେ ଆଲୋଚନା କରିଥିଲେ। ପ୍ରତୁଷ୍ୟରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଡାକବାଜୀ ଯନ୍ତ୍ର ଜରିଆରେ ସହରରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ପରିବେଷଣ କରାଯାଇଥିଲା।



ଡକ୍ଟର ମନୋରଞ୍ଜନ ବିଷୋୟୀ

# ସ୍ମୃତି ଓ ବିସ୍ମୃତିର ଅନ୍ତରାଳେ ନୌବାଣିଜ୍ୟ




ମହାଭାରତୀୟ ପରମ୍ପରାରେ ଓଡ଼ିଆମାନେ ଥିଲେ ଏକ ପ୍ରାଚୀନ ସଭ୍ୟଜାତି। ଏହି ଜାତିର ବୌଦ୍ଧିକ ଓ ବୈଷୟିକ ଐଶ୍ୱର୍ଯ୍ୟ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଏକଦା ଏହି ଓଡ଼ିଆଭାଷୀ ରାଜ୍ୟର ଭୌଗୋଳିକ ସୀମା ସାଧାରଣ ଭାବରେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା। ଦିଗ୍‌ବିଜୟୀ ସମ୍ରାଟମାନଙ୍କ ଶାସନ କାଳରେ ପ୍ରାଚୀନ କଳିଙ୍ଗ, ଉତ୍କଳ କିମ୍ବା କୋଶଳର ସୀମା ସାମୟିକ ପରିବର୍ତ୍ତିତ ହୋଇଥିଲା। ତଥାପି ଏହି ତିନିଗୋଟି ରାଜନୈତିକ ବିଭାଗ ବା ତ୍ରିକଳିଙ୍ଗର ଜନସାଧାରଣ ଯେ ଯଶସ୍ୱୀ ଓଡ଼ିଆ ଜାତିଥିଲେ, ଏହା ନିଃସନ୍ଦେହରେ କୁହାଯାଇପାରେ। ଏହି ଜାତି ପାଇଁ ସମୁଦ୍ର ଥିଲା ଏକ ଆହ୍ୱାନ। ସମୁଦ୍ରଯାତ୍ରା ଓ ନୌ-ବାଣିଜ୍ୟ କ୍ଷେତ୍ରରେ ପ୍ରାଚୀନ ଓଡ଼ିଶା ବା କଳିଙ୍ଗର ଭୂମିକା ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ । ଅତୀତରେ ଏହି କଳିଙ୍ଗ ରାଜ୍ୟର ସୁଦୀର୍ଘ ସମୁଦ୍ର ଉପକୂଳରେ ବହୁ ବନ୍ଦର ଥିଲା। ଏସବୁ ବନ୍ଦରମାନଙ୍କରୁ ସାଧବ ପୁଅମାନେ ସୁଦୂରରୁ ଅନେକ ଦୂର ଦରିଆପାରି ଦେଶମାନଙ୍କରେ ନୌ-ବାଣିଜ୍ୟ କରି ଏ ଦେଶକୁ ଧନଶାଳୀ କରିବା ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ଶିଳ୍ପ ଭାସ୍କର୍ଯ୍ୟର ପ୍ରଚାର କରିଥିଲେ।

ତେଣୁ ଆଜି ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ ନୌକା ଭସାଇ "ଆ କା ମା ବୈ, ପାନ ଗୁଆ ଥୋଇ / ପାନ ଗୁଆ ତୋର, ମାସକ ଧର୍ମ ମୋର" ଉଚ୍ଚାରଣ ପୂର୍ବକ ନିଜର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ସ୍ମରଣ କରିଥାଏ। ଏହା କେଉଁ କାଳରୁ ଆମ ସାମାଜିକ ଜୀବନର ଚଳଣି ହୋଇ ରହିଆସିଛି, ତାହା ଅବଧାରଣା କରିବା ଅତ୍ୟନ୍ତ କଷ୍ଟକର। ତଥାପି ଏହାକୁ ଅତୀତ ଓଡ଼ିଆ ସାଧବପୁଅର ନୌ-ଯାତ୍ରାର ବାର୍ତ୍ତାବହ କହିଲେ ଅତ୍ୟୁକ୍ତି ହେବ ନାହିଁ। କୁହାଯାଏ କଳିଙ୍ଗ ବଣିକ କାର୍ତ୍ତିକପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ସ୍ନାନ କରି କଳିଙ୍ଗଜାତ ପାନର ବିନିମୟରେ ଜାଭା ପ୍ରଭୃତି ଅଞ୍ଚଳରୁ ଯେଉଁ ଗୁଆ ଆମଦାନି କରେ, ସେହି ପାନ ଓ ଗୁଆ ଶୁଦ୍ଧ ମନରେ ଗଙ୍ଗାମାତାଙ୍କୁ ସମର୍ପଣ କରି ଧର୍ମର ଦ୍ୱାହି ଦେଇ ବାଣିଜ୍ୟ ନୌକା ମେଲି ଦେଉଥିଲା ଏବଂ ନୌକାପୃଷ୍ଠରେ ଭାସି ଭାସି ତୀର ଦେଶରୁ କ୍ରମେ ଅନ୍ତର ହେବାବେଳେ ସମବେତ ଆତ୍ମୀୟସ୍ୱଜନଙ୍କୁ ବିଦାୟକାଳୀନ ଇଙ୍ଗିତବାଣୀ ଶୁଣାଉଥିଲା -ଆ କା ମା ବୈ ଅର୍ଥାତ୍ ଆଷାଢ଼ ଠାରୁ କାର୍ତ୍ତିକ ମଧ୍ୟରୁ ଫେରିବି, ଭୟ କରନା । ଏହାର ସ୍ମାରକୀ ସଦୃଶ୍ୟ କାର୍ତ୍ତିକପୂର୍ଣ୍ଣିମା ଦିନ ଓଡ଼ିଶାର ଲୋକାୟତରେ ବୋଇତ ବା ନୌକା ଭସା ଅନୁଷ୍ଠିତ ହୋଇଆସୁଛି । ସମ୍ଭବତଃ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି ଆବାଳବୃଦ୍ଧବନିତା ଧର୍ମ ପାଳନ କଲାଭଳି ନଦୀ ଓ ସମୁଦ୍ରଗୁଡ଼ିକୁ ବର୍ତ୍ତିକା ସମନ୍ୱିତ ବୋଇତ ଭସେଇ ଆଲୋକିତ କରିଥାନ୍ତି । କଦଳୀ ପାଟୁଆରେ ବୋଇତ, ପାନ ଗୁଆ, ବତୀ ଓ ଦୁର୍ବାକ୍ଷତ ଏହାର ଉପକରଣ । ବସ୍ତୁତଃ ଏହି ବୋଇତ ଭସା ନିଶ୍ଚିତଭାବେ ବନ୍ଦାପନାର ଏକ ପ୍ରତୀକ । ଘରକୁ ଧନରତ୍ନ ଧରି ଫେରୁଥିବା ସାଧବମାନଙ୍କ ସମ୍ମାନରେ ଏହା ଅନୁଷ୍ଠିତ ହୋଇଆସୁଛି । ଯାହାଫଳରେ ଆଜିବି ସାଗରପାରି ବାଣିଜ୍ୟର ମହତ୍ତ୍ୱକୁ ଓଡ଼ିଶାବାସୀ ଉପଲବ୍ଧି କରି ଆସୁଛନ୍ତି ଏବଂ ବୋଇତ ଭସାଇ ସେ ସ୍ମୃତିକୁ ଆଲୋକିତ କରି ରଖିଛନ୍ତି । ପ୍ରକୃତ ପକ୍ଷେ କହିବାକୁ ଗଲେ କଳିଙ୍ଗ ଅଧିବାସୀ ମାନଙ୍କର ନୌ-ଚାଳନା ଓ ନୌ-ବାଣିଜ୍ୟ ପରମ୍ପରା ଭାରତର ଗୌରବାବହ ଇତିହାସର ଏକ ସମୃଦ୍ଧ ଅଧ୍ୟାୟ। ଭାରତୀୟ ସଂସ୍କୃତିର ପରିପ୍ରସାର ସଙ୍ଗେ ସଙ୍ଗେ ଭାରତ ଓ ଦକ୍ଷିଣ ପୂର୍ବ ଏସିଆ ମଧ୍ୟରେ ବାଣିଜ୍ୟିକ ସୁସମ୍ପର୍କ ବୃଦ୍ଧି କରିବା ଥିଲା କଳିଙ୍ଗ ନାବିକ ଓ ସାଧବମାନଙ୍କର ବିଶିଷ୍ଟ ଅବଦାନ।

ବସ୍ତୁତଃ କହିବାକୁ ଗଲେ ଓଡ଼ିଶାରେ ନୌ-ବାଣିଜ୍ୟର ପ୍ରସାର ପ୍ରାଗୈତିହାସିକ ଯୁଗରୁ ଆରମ୍ଭ କରି ଶୈଳୋଭବ ରାଜତ୍ୱ ପର୍ଯ୍ୟନ୍ତ ବିଶେଷ ଭାବରେ ରହିଆସିଥିଲା। ଏପରିକି ଭୌମକର ବଂଶର ରାଜାମାନେ ମଧ୍ୟ ଏଥିରେ ପୃଷ୍ଠପୋଷକତା କରିଥିଲେ। ଏହା ସହ ସୋମବଂଶୀ ରାଜାମାନେ ଏ ଦିଗରେ ବିଶେଷ ଯତ୍ନବାନ ହୋଇନଥିଲେ ହେଁ ଏହି ପରମ୍ପରା ଅକ୍ଷୁର୍ଣ୍ଣ ରହିଥିଲା। ପରନ୍ତୁ ଗଙ୍ଗରାଜାମାନେ ଭୂଭାଗରେ ନିଜ ସାମ୍ରାଜ୍ୟର ସୀମାବିସ୍ତାର କରିବାକୁ ଯତ୍ନବାନ ହୋଇଥିବାରୁ ଓଡ଼ିଶାର ନୌ-ବାଣିଜ୍ୟ ପ୍ରତି ଆଦୌ ଦୃଷ୍ଟି ଦେଇନଥିଲେ। ତେଣୁ ଆମର ନୌ-ବାଣିଜ୍ୟ ଚୋଳ ରାଜାମାନଙ୍କର ଅଧିକାରକୁ ଆସି ଯାଇଥିଲା। କିନ୍ତୁ ଏ ପରିପ୍ରେକ୍ଷୀରେ କହିରଖେ, ଖ୍ରୀଷ୍ଟପୂର୍ବ ୨୬୧ରେ ଇତିହାସ ପ୍ରସିଦ୍ଧ ମଗଧ ସମ୍ରାଟ ଅଶୋକଙ୍କର କଳିଙ୍ଗଯୁଦ୍ଧ ହୋଇଥିଲା। ତଥାପି ଏହି ଘଟଣାର ବହୁପୂର୍ବରୁ ବହିର୍ବାଣିଜ୍ୟ ତଥା ଅନ୍ତର୍ବାଣିଜ୍ୟରେ କଳିଙ୍ଗବାସୀ ଭାରତବର୍ଷରେ ବେଶ୍ ପ୍ରତିଷ୍ଠିତ ହୋଇ ସାରିଥିଲେ। କଳିଙ୍ଗର ସୁଦୀର୍ଘ ସମୁଦ୍ର ଉପକୂଳ ଓ ସୁଗଭୀର ନଦୀଗୁଡ଼ିକ ଏ କ୍ଷେତ୍ରରେ ବିଶେଷ ସହାୟକ ହୋଇଥିବା ବୋଲି ସ୍ୱୀକାର୍ଯ୍ୟ। ତେଣୁ ବୋଧହୁଏ ନୌ-ବାଣିଜ୍ୟର ସୁବିଧା ହାସଲ ପାଇଁ ମଗଧସମ୍ରାଟ କଳିଙ୍ଗ ଆକ୍ରମଣ କରିଥାଇପାରନ୍ତି। ଏପରିକି ଅଶୋକଙ୍କ ବହୁପୂର୍ବରୁ କଳିଙ୍ଗର ଅଧିବାସୀ ବ୍ରହ୍ମଦେଶର ପେରୁ ଅଞ୍ଚଳରେ ଉପନିବେଶ ସ୍ଥାପନ କରିସାରିଥିଲେ। ଏହା ସହ ଚୀନ ପରିବ୍ରାଜକ ମେଘାସ୍ଥିନିସ୍ କହନ୍ତି- ଚୀନ ଦେଶ ସହିତ ବହୁ ପ୍ରାଚୀନ କାଳରୁ କଳିଙ୍ଗର ବାଣିଜ୍ୟ ବ୍ୟବସାୟ ଚାଲି ଆସିଥିଲା। ଚୀନ ଲୋକମାନେ ବାଣିଜ୍ୟ କରୁଥିବା ଭାରତୀୟମାନଙ୍କୁ କୁନ୍-ଲୋକ ବୋଲି କହୁଥିଲେ। ଯାହା କଳିଙ୍ଗ ଶବ୍ଦର ନାମାନ୍ତର ମାତ୍ର। ସେ କହିବା ପ୍ରକାରେ ସିଂହଳ ଓ କଳିଙ୍ଗ ମଧ୍ୟରେ ହାତୀର ବାଣିଜ୍ୟ ପ୍ରଚଳନ ଥିଲା। ଗ୍ରୀକ୍ ଐତିହାସିକମାନଙ୍କ ମତରେ - ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଭାରତର ପୂର୍ବଉପକୂଳରେ ବହୁ ଉନ୍ନତ ଧରଣର ବନ୍ଦର ବିକାଶ ଲାଭ କରିଥିଲା। ସେଗୁଡ଼ିକ ହେଲା- କାଲିଚି (କୋରକେଇ), କାମରା (କାବେରୀ ପର୍ତ୍ତନମ୍), ପୋଡୁଚୁ (ପଣ୍ଡିଚେରୀ), ସପତମା (ମସୁଲିପଟ୍ଟମ୍), କଣ୍ଟକ ଶିଲାଇ (ଘଣ୍ଟଶିଳା), ପିଟୁଣ୍ଡ(ପିଥୁଣ୍ଡ), ପଲୌର (ପାଲୁର-ଦନ୍ତପୁର), ଗଙ୍ଗେ (ଗୋପାଳପୁର) ଓ ତାମଲିପି (ତାମ୍ରଲିପି)। ପ୍ରଥମ ତିନୋଟିକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବନ୍ଦର କଳିଙ୍ଗ ଉପକୂଳରେ ଅବସ୍ଥିତ ଥିଲା ଓ ସେଗୁଡ଼ିକ ମଧ୍ୟରେ ପାଲୁର ଥିଲା ସର୍ବବୃହତ୍। ଏପରିକି ଭୌଗୋଳିକ ଟୋଲେମୀ ପାଲୁର ବନ୍ଦରକୁ ସେକାଳର ସମୁଦ୍ରଗାମୀ ନୌକାଗୁଡ଼ିକର ଏକ ବିଶିଷ୍ଟ କେନ୍ଦ୍ର ରୂପେ ବର୍ଣ୍ଣନା କରିଛନ୍ତି। ଏହି ବିବରଣୀରୁ ସ୍ପଷ୍ଟ ଅନୁମେୟ ଯେ, ସେ କାଳରେ ପାଲୁର ଠାରୁ ସମୁଦ୍ର ଭିତରକୁ ପ୍ରବେଶ କରିବା ସମ୍ଭବପର ହେଉଥିଲା ଓ ସମୁଦ୍ର ମଧ୍ୟ ଦେଇ ବ୍ରହ୍ମଦେଶ, ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣୀ (ସିଂହଳ), ସୁବର୍ଣ୍ଣଦ୍ୱୀପ (ଜାଭା), କମ୍ବୋଜ, ଚମ୍ପା (ଆଧୁନିକ ଭିଏତ୍‌ନାମର ଅଞ୍ଚଳ) ଦେଶମାନଙ୍କ ସହ ସମ୍ପର୍କ ପ୍ରତିଷ୍ଠା କରିବାରେ କଳିଙ୍ଗର ନାବିକ ଓ ବଣିକମାନେ କୃତିତ୍ୱ ଅର୍ଜନ କରିଥିଲେ। ଯାହା ଫଳରେ କଳିଙ୍ଗର ଅର୍ଥନୈତିକ ବିକାଶ ସଙ୍ଗେ ସଙ୍ଗେ ଧର୍ମ ଓ ସଂସ୍କୃତିର ପ୍ରସାର ମଧ୍ୟ ହୋଇପାରିଥିଲା।



ଏପରିକି ବୌଦ୍ଧଧର୍ମର ଅଭ୍ୟୁଦୟ କାଳରେ ତାମ୍ରଲିପ୍ତି, ଚେଲିତାଲୋ ପ୍ରଭୃତି ପ୍ରସିଦ୍ଧ ବନ୍ଦର ଥିବାର ଜଣାଯାଏ। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ କଳିଙ୍ଗ ରାଜ ଗୁହଶିବଙ୍କ ଦୁହିତା ହେମମାଳା ଓ ଜାମାତା ଦନ୍ତକୁମାର କଳିଙ୍ଗରେ ପୂଜିତ ବୁଦ୍ଧଦେବଙ୍କ ଦନ୍ତକୁ ନେଇ ସିଂହଳରେ ପହଞ୍ଚିଥିଲେ। ଚୀନ ଦେଶ ସହ କଳିଙ୍ଗର ନୌ-ସମ୍ପର୍କ ଅତିଶୟ ପ୍ରାଚୀନ। ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଚୀନ ପରିବ୍ରାଜକ ଫାହିୟାନ କଳିଙ୍ଗର ତାମ୍ରଲିପ୍ତି ବନ୍ଦରରୁ ସିଂହଳ ଯାଇ ସେଠାରୁ କଳିଙ୍ଗ ଜାହାଜରେ ଜାଭା ବାଟ ଦେଇ ସ୍ୱଦେଶକୁ ଫେରିଥିଲେ। ସେହିପରି ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ ଓଡ଼ିଶା ଭ୍ରମଣରେ ଆସିଥିବା ସମୟରେ ପ୍ରତ୍ୟକ୍ଷଦର୍ଶୀ ଭାବରେ ଚେଲିତାଲୋ ବିଷୟ ବର୍ଣ୍ଣନା କରିଅଛନ୍ତି। ଏହା ସହ ନବମ ଓ ଦଶମ ଶତାବ୍ଦୀ ବେଳକୁ ବଙ୍ଗୋପସାଗରରେ ଆରବ ନାବିକ ଓ ବଣିକମାନଙ୍କର ଆବିର୍ଭାବ ହେଲା। ସେମାନେ ଓଡ଼ିଶାକୁ ଉରସିନ ବା ରସଫିନ୍ ନାମରେ ଉଲ୍ଲେଖ କରିବା ସହିତ ସମୁଦ୍ର ସଙ୍ଗେ ସମ୍ପୃକ୍ତ କରିଅଛନ୍ତି।

ପ୍ରକୃତପକ୍ଷେ କହିବାକୁ ଗଲେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ। ଏହା ସହ ଏଠାରେ ଅବସ୍ଥିତ ବହୁତ ଗୁଡ଼ିଏ ବନ୍ଦର ଆନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ସମୁଦ୍ର ପଥରେ ଦୂରଦେଶକୁ ଯାଇ ବଣିକମାନେ ବହୁତ ଧନ ସମ୍ପତ୍ତିରେ ଏ ଦେଶକୁ ଧନୀ ଓ ସମୃଦ୍ଧିଶାଳୀ କରିଥିଲେ। ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ବନ୍ଦର ମାନଙ୍କରୁ ମାଲକ୍‌କାକୁ ବସ୍ତ୍ରାଦି ଦ୍ରବ୍ୟମାନ ରପ୍ତାନୀ ହେଉଥିଲା। ଷୋଡ଼ଶ ଶତାବ୍ଦୀ ବେଳକୁ ବାଣିଜ୍ୟ କାରବାର ମଧ୍ୟ ପ୍ରାଚ୍ୟ ଦେଶର ଲୋହିତସାଗର ଉପକୂଳସ୍ଥ ଆଚେନ ଓ ଜେଡ଼ାବନ୍ଦର ବ୍ୟତୀତ ବନ୍ତାମ୍, ପେଗୁ, ଟେନାସରିମ ଓ ଆଚିନ ଆଦି ବନ୍ଦର ସହିତ ସମ୍ପର୍କ ସ୍ଥାପନ କରିପାରିଥିଲା। ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଇଉରୋପୀୟ ବଣିକମାନେ ଓଡ଼ିଶା ଉପକୂଳ ସହିତ ପରିଚିତ ହେଲେ ଏବଂ ପରେ ପରେ ବାଣିଜ୍ୟ କାରବାରରେ ଲିପ୍ତ ରହିଲେ। ପର୍ତ୍ତୁଗୀଜ, ଓଲନ୍ଦାଜ, ଦୀନାମାର ଓ ଫରାସୀ ବଣିକ କମ୍ପାନୀଙ୍କର ବାଣିଜ୍ୟିକ ସଂସ୍ଥାମାନ ଓଡ଼ିଶା ଉପକୂଳରେ ଗଢ଼ି ଉଠିଥିଲା। କିନ୍ତୁ ସପ୍ତଦଶ ଶତାବ୍ଦୀରେ ଭାରତୀୟ ବଣିକମାନେ ଇଂରେଜ କମ୍ପାନୀର ସୁରକ୍ଷା ବଳୟ ମଧ୍ୟରେ ରହିଥିଲେ।

ମୋଟ ଉପରେ କହିବାକୁ ଗଲେ ବାଣିଜ୍ୟ ସୂତ୍ରରେ କଳିଙ୍ଗ ଭୂମି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡ ସହିତ ବହୁକାଳ ପର୍ଯ୍ୟନ୍ତ ନିବିଡ଼ ଭାବରେ ସମ୍ପୃକ୍ତ ରହିଥିଲା। କିନ୍ତୁ ଏହି ନୌବାଣିଜ୍ୟର ଐତିହ୍ୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ପ୍ରକାରେ ତିଷ୍ଠି ରହିଥିଲା। ଇଂରେଜମାନେ ଓଡ଼ିଶା ଅଧିକାର କଲା ପରେ ବହୁବନ୍ଦର ଲୁପ୍ତପ୍ରାୟ ହୋଇଯାଇଥିଲା। ଯେଉଁ କେତେକ ନାମକୁ ମାତ୍ର ଥିଲା, ସେଗୁଡ଼ିକ ଇଂରେଜ ସରକାରଙ୍କର ସମ୍ପୂର୍ଣ୍ଣ ଅକ୍ତିଆରରେ ରହି କେବଳ ସରକାରୀ କାର୍ଯ୍ୟରେ ନିୟୋଜିତ ହେଉଥିଲା। ଫଳତଃ ପ୍ରାଚୀନ ପ୍ରଧାନ ବନ୍ଦର ଗୁଡ଼ିକ ବିସ୍ମୃତି ଗର୍ଭରେ ଲୀନ ହୋଇଗଲା।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ କାରବାର ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ ଏବଂ ଏଠାରେ ଅବସ୍ଥିତ ବହୁତ ବନ୍ଦର ଆନ୍ତର୍ବାଣିଜ୍ୟ ତଥା ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ଏସବୁ ସତ୍ତ୍ୱେ ନୌ-ବାଣିଜ୍ୟର ସେ ପୁରାତନ ପରମ୍ପରା ଆଉ ନାହିଁ। ତଥାପି ଓଡ଼ିଶାର ଜନସାଧାରଣ 'ଆ-କା-ମା-ବୈ' ଉଚ୍ଚାରଣ ସହ କାର୍ତ୍ତିକପୂର୍ଣ୍ଣିମା ଉତ୍ସବଟିକୁ ସେହି ପରମ୍ପରାର ଏକ ଚିରନ୍ତନ ସ୍ମୃତି ରୂପେ ଅଦ୍ୟାପି ବହନ କରି ଆସୁଛନ୍ତି।

ସହାୟକ ଗ୍ରନ୍ଥସୂଚୀ: ୧. ମିଶ୍ର, ପ୍ରବୋଧ କୁମାର, ଓଡ଼ିଆ ଜାତିର ଇତିହାସ ଓ ସଂସ୍କୃତି, ୨ୟ ଭାଗ, ବିଦ୍ୟାପୁରୀ, କଟକ, ୨୦୧୨। ୨. ବେହେରା, କରୁଣା ସାଗର (ସଂ), ସାଗର ଓ ସାହିତ୍ୟ, ଦାଶରଥି ପୁସ୍ତକାଳୟ, କଟକ, ୧୯୯୩। ୩. ରଥ, ଅଶୋକ କୁମାର, ଦକ୍ଷିଣ-ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ବିଭବ, ପ୍ରଥମ ଭାଗ, ତାରାତାରିଣୀ ପୁସ୍ତକାଳୟ, ବ୍ରହ୍ମପୁର, ୧୯୯୩।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ଦୂରଭାଷ : ୮୮୯୫୧୪୧୭୨୭*

# ନୂଆ ବିଧାୟକଙ୍କ ଉପସ୍ଥିତିରେ ପଞ୍ଚାୟତ ସମିତି ବୈଠକ, ବିବାଦ ନାହିଁ




**ଜଗତସିଂହପୁର :** ଦୀର୍ଘ ବର୍ଷ ଧରି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ତିନି ଗୋଟି ବ୍ଲକ ମଧ୍ୟରୁ ରଘୁନାଥପୁର ବ୍ଲକର ପଞ୍ଚାୟତ ସମିତି ଅଧିବେଶନ ମାନଙ୍କରେ ହଟ୍ଟଗୋଳ ହେଉଥିବାର ଦେଖିବାକୁ ମିଳୁଥିବା ବେଳେ ଚଳିତ ପଞ୍ଚାୟତ ସମିତିର ଷଷ୍ଠ ଅଧିବେଶନ ଖୁବ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିବାର ଦେଖିବାକୁ ମିଳିଥିଲା। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ନୂତନ ବିଧାୟକ ବିଜୟ ଶଙ୍କର ଦାସଙ୍କ ପାଇଁ ଏହା ଏକ ଅଭୂତପୂର୍ବ ସଫଳତାର ମାପକାଠି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ସମୟରେ ବି ପଞ୍ଚାୟତ ସମିତି ଅଧିବେଶନ ସମୟରେ ହଟ୍ଟଗୋଳହୋଇ ଚେୟାର ଫିଙ୍ଗା ଫିଙ୍ଗି ହୋଇଥିବା ବେଳେ ଉପସ୍ଥିତ ଥିବା ପୋଲିସ କର୍ତ୍ତୃପକ୍ଷଙ୍କୁ ହସ୍ତକ୍ଷେପ କରିବାକୁ ପଡିଥିଲା। ନୂତନ ବିଧାୟକ ଶ୍ରୀ ଦାସଙ୍କ ତିନି ଗୋଟି ବ୍ଲକ ମଧ୍ୟରୁ ରଘୁନାଥପୁର ବ୍ଲକରେ ପ୍ରଥମ ଥର ପାଇଁ ସମିତି ଅଧିବେଶନରେ ଯୋଗ ଦେଇ ଖୁବ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିଥିବା ବେଳେ ବିଜେଡି ନେତା ମାନଙ୍କ ଗୋଷ୍ଠି କନ୍ଦଳ ବି ଦେଖିବାକୁ ମିଳି ନଥିଲା। ବିଧାୟକ ଶ୍ରୀ ଦାସ ଖୁବ ଚତୁରତାର ସହିତ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯିବା ପୂର୍ବରୁ କଟକ- ପାରାଦ୍ୱୀପ ରାସ୍ତାରେ ଆସି ପ୍ରଥମେ ପହଞ୍ଚିଥିଲେ ରଘୁନାଥପୁର ପଞ୍ଚାୟତ ସମିତି ଉପାଧକ୍ଷ ଦେବାଶୀଷ ତ୍ରିପାଠୀଙ୍କ ବାସ ଭବନରେ। ସେଠାରେ ଉପସ୍ଥିତ ଥିବା ବିଜେଡିର ବହୁ ଛାମୁଆଁ ନେତା ମାନେ ବିଧାୟକଙ୍କ ସହିତ ଆଲୋଚନା କରି ଭାବ ବିହ୍ୱଳ ହୋଇ ଏକ ପଦଯାତ୍ରା କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନେଇଥିବା ବେଳେ ବାଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏପରିକି ଆତସବାଜୀ ଫୁଟାଇ ଏକ ପ୍ରକାର ସମ୍ବର୍ଦ୍ଧନା ସଭା ହେଉଥିବାର ଅନୁମାନ କାରାଯାଇଥିଲା। ଆଜିର ଏହି ପଦଯାତ୍ରାର ପ୍ରମୁଖ ଭୂମିକାରେ ଥିବା ଉପାଧକ୍ଷ ଶ୍ରୀ ତ୍ରିପାଠୀ ଖୁବ ହସଖୁସି ମିଂଜାସରେ ଥିବାର ଦେଖିବାକୁ ମିଳୁଥିବାବେଳେ ତାଙ୍କର କିଛି ହାତଗଣତି ବିରୋଧି କୁଜି ନେତା ମାନେ ଭାଙ୍ଗି ପଡିଥିବାର ଦେଖିବାକୁ ମିଳିଥିଲା। ଏହି ପଞ୍ଚାୟତ ସମିତି ଅଧିବେଶନରେ ରଘୁନାଥପୁର ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ ନୂତନ ଭାବେ ଯୋଗ ଦେଇଥିବାରୁ ପଞ୍ଚାୟତ ସମିତି ପରିଚାଳନା କରିବାରେ ତାଙ୍କର ଦକ୍ଷତା ନଥିବାର ଉପସ୍ଥିତ ଥିବା ସରପଞ୍ଚ, ସମିତି ସଭ୍ୟ ମାନଙ୍କ ପ୍ରଶ୍ନବାଣରେ ଘାଇଲା ହୋଇପଡିଥିଲେ। ଆଜିର ଏହି ଅଧିବେଶନରେ ବିଧାୟକ ଶ୍ରୀ ଦାସ ଆଲୋଚନା ସମୟରେ ଉପସ୍ଥିତ ଥିବା ୧୯ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କୁ ପରାମର୍ଶ ଦେଉଥିଲେ ଯେ, ଆଗାମି ଦିନ ମାନଙ୍କରେ ପଞ୍ଚାୟତ ସମିତି ଅଧିବେଶନ ମାନଙ୍କରେ ହୋ ହାଲ୍ଲା ନକରି ପଞ୍ଚାୟତର ସମସ୍ତ କାର୍ଯ୍ୟକ୍ରମ ଦଳର ଭାବ ମୂର୍ତ୍ତୀ କୁ ନେଇ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟା କରନ୍ତୁ। ଯଦି କେଉଁଠାରେ ବ୍ୟତିକ୍ରମ ହେଉଛି ତେବେ ମୋତେ ଭେଟି କୁହନ୍ତୁ ନଚେତ ଫୋନ କରି ମୋତେ ଜଣାନ୍ତୁ ବୋଲି କହିଥିଲେ। ଏହି ହାସ୍ୟରୋଳ ପଞ୍ଚାୟତ ସମିତି ଅଧିବେଶନରେ ଏକ ପ୍ରକାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ସମସ୍ତ ଅଧିବେଶନ ମାନଙ୍କରେ ପ୍ରାୟତଃ ବ୍ଲକ ଅଧକ୍ଷ ମାନେ ପରିଚାଳନା କରୁଥିବେଳେ ଆଜିର ଏଥିରେ ଅଧକ୍ଷା ସ୍ୱପ୍ନା ସରିତା ବଳ ଉପସ୍ଥିତ ଥିଲେ ବି ପରିଚାଳନା କରିବାରେ ସକ୍ଷମ ହୋଇପାରିନଥିଲେ। ସେଥିପାଇଁ ବ୍ଲକ ବାହାରେ ବିଜେଡି ଦଳର ଗୋଷ୍ଠୀ କନ୍ଦଳ ପଦାରେ ପଡିବାର ଆଶଙ୍କା ସୃଷ୍ଟି ହୋଇଥିଲା। ଏହି ବୈଠକରେ ସମସ୍ତ ସରକାରୀ ଅଧିକାରୀ ମାନେ ଉପସ୍ଥିତ ଥିବାବେଳେ ବିଜେଡିର ଜିଲ୍ଲା ପରିଷଦ ସଭ୍ୟା ଡେଜାଲିନ ମହାପାତ୍ର ଓ ବିଜେପି ଜିଲ୍ଲା ପରିଷଦ ସଭ୍ୟ ଅଶୋକ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। କୌଣସି କାରଣ ବଶତ ନିମନ୍ତ୍ରଣ ଥିବା ସାଂସଦ ଡାଃ. ରାଜଶ୍ରୀ ମଲ୍ଲିକ ଆଜିର ଏହି ଅଧିବେଶନରେ ଅନୁପସ୍ଥିତ ଥିଲେ।

# ଆନ୍ତର୍ଜାତିକ ପାନୋରମାରେ ଓଡ଼ିଆ ଫିଲ୍ମ 'କାଲିର ଅତୀତ'



**ଭୁବନେଶ୍ୱର :** ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଗୋଆ ଅନ୍ତର୍ଜାତିକ ସିନେମା ଉତ୍ସବର ପାନୋରମାରେ ଖ୍ୟାତିସମ୍ପନ୍ନ ନିର୍ମାତା-ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କ ପ୍ରଥମ ଓଡ଼ିଆ ସିନେମା 'କାଲିର ଅତୀତ' ମନୋନୀତ ହୋଇଥିବା କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭଡେକର୍ ସୂଚନା ଦେଇଛନ୍ତି। ଓଡ଼ିଶାର ଲୋକମାନେ ପ୍ରକୃତି ସହିତ ସଂଘର୍ଷ କରିବା ଏକ ନିତିଦିନିଆ କଥା। ଶହ ଶହ ବର୍ଷ ଧରି ବନ୍ୟା, ବାତ୍ୟା ଓ ମହାମାରୀ ସହିତ ସଂଘର୍ଷ କରି ଓଡିଆଜାତି ନିଜର ଅସ୍ତିତ୍ୱ ବଜାୟ ରଖିଛି। ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ 'ମାଳିକା' ଆମକୁ ଏହି ସଙ୍ଘର୍ଷର କାହାଣୀ କହିବା ସହିତ ଆମକୁ ସତର୍କ କରାଇ ଦିଏ ଯେ ଯଦି ପ୍ରକୃତି ସହିତ ଆମର ସମ୍ପର୍କ ବିଗିଡିଯାଏ, ତାହେଲେ ପ୍ରଳୟ ଆସିବା ସ୍ୱାଭାବିକ। 'ବାଇଶି ପାହାଚେ ଖେଳିବ ମୀନ' ମାଳିକାର କଳ୍ପନା ନୁହେଁ, ଏହା ଆମ ପାଇଁ ଏକ ସତର୍କବାଣୀ। ବର୍ତ୍ତମାନ ସମୟରେ ଜଳବାୟୁର ପରିବର୍ତ୍ତନ ସହିତ ପରିବେଶର ବିପର୍ଯ୍ୟୟ ଆମକୁ ଅଧିକ ବିପଦଗ୍ରସ୍ତ କରୁଛି। ଜଳବାୟୁ ପରିବର୍ତ୍ତନ କେବଳ ଏକ ଭବିଷ୍ୟବାଣୀ ନୁହେଁ, ଏହା ଆଜିର ସବୁଠୁ ବଡ଼ ସଙ୍କଟ। ଏହି ପୃଷ୍ଠଭୂମିକୁ ନେଇ ତିଆରି ହୋଇଛି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କ ପ୍ରଥମ ଓଡିଆ ସିନେମା 'କାଲିର ଅତୀତ'। ଏହି ସିନେମାରେ ଓଡ଼ିଆ ମାଳିକା ପରମ୍ପରା ସହିତ ଆଜିର ସାମାଜିକ ଜୀବନକୁ ଯୋଡ଼ି ଏକ ଚମତ୍କାର କାହାଣୀ ହୋଇଛି। ପୂର୍ବରୁ ହିନ୍ଦୀ ଓ ଇଂରାଜୀ ଭାଷାରେ ଅନେକ ସିନେମା କରିଥିବା ନୀଳମାଧବ ପ୍ରଥମଥର ଲାଗି ଓଡ଼ିଆରେ ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ଏହି ସିନେମା ତିଆରି କରିଛନ୍ତି। ସମୁଦ୍ର ଗର୍ଭରେ କ୍ରମେ କ୍ରମେ ହଜିଯାଉଥିବା 'ସାତଭାୟା' ଅଞ୍ଚଳକୁ ନେଇ ଏହି ସିନେମା ନିର୍ମିତ ହୋଇଛି। ଫିଲ୍ମଟି ପ୍ରାୟ ୧୫ବର୍ଷ ଧରି ବିଭିନ୍ନ ପର୍ଯ୍ୟାୟରେ ସୁଟିଂ ହୋଇଥିଲା। ବୁଡି ଯାଇଥିବା ଗୋଟେ ଗାଁ ଓ ୧୯୯୯ ମହାବାତ୍ୟାରେ ଉଜୁଡି ଯାଇଥିବା ପରିବାରକୁ ନେଇ ଫିଲ୍ମଟି ଆଗକୁ ବଢିଛି। ଏହି ସିନେମାର ମୁଖ୍ୟ ନାୟକ 'ଗୁନୁ' ନିଜର ପୁରୁଣା ଜୀବନକୁ ଫେରୁଛି। ତା'ର ଏହି ପୁରୁଣା ଜୀବନରେ ରହିଛି ସମୁଦ୍ର ଭିତରେ ବୁଡ଼ି ଯାଇଥିବା ଗୋଟେ ଗାଁ ଓ ୧୯୯୯ ମହାବାତ୍ୟାରେ ଉଜୁଡି ଯାଇଥିବା ଏକ ପରିବାର। ଏହି ସିନେମା ବିଷୟରେ ଶ୍ରୀ ପଣ୍ଡା କହନ୍ତି ଯେ କାଲିର ଅତୀତ ହେଉଛି ଅତୀତର ଦର୍ପଣରେ ମଣିଷ ସମାଜର ଭବିଷ୍ୟତ କାହାଣୀ। ଜାତୀୟ ଚଳଚ୍ଚିତ୍ର ପୁରସ୍କାର ତଥା ପଦ୍ମଶ୍ରୀ ଭଳି ମର୍ଯ୍ୟାଦାଜନକ ପୁରସ୍କାର ପାଇଥିବା ନୀଳମାଧବ ନିଜକୁ ଜଣେ ନିଛକ ଓଡିଆ ଭାବରେ ପରିଚିତ କରାଇଥାନ୍ତି।



# ଅନ୍‌ଲାଇନ୍‌ରେ ୨୨ ପ୍ରକାର ସେବା




**ଭୁବନେଶ୍ୱର :** ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗର ପରିଶ୍ରମ ପୋର୍ଟାଲର ଲୋକାର୍ପଣ କରିବା ସହିତ ୨୨ ପ୍ରକାର ଅନ୍‌ଲାଇନ୍ ସେବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ୫-ଟି କାର୍ଯ୍ୟକ୍ରମର ମୁଖ୍ୟ ଆଧାର ହେଉଛି ବୈଷୟିକ କୌଶଳ। ଏହା ହିଁ ପରିବର୍ତ୍ତନର ମାର୍ଗକୁ ଅଧିକ ସୁଗମ କରିଥାଏ। ରାଜ୍ୟ ଶ୍ରମ ଓ ଇଏସ୍ଆଇ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ପରିଶ୍ରମ ପୋର୍ଟାଲ ଓ ୨୨ ପ୍ରକାର ସେବା ସ୍ୱଚ୍ଛନ୍ଦ ବ୍ୟବସାୟ ପାଇଁ ବିଶେଷ ସହାୟକ ହେବ ଏବଂ ଏହା ସହିତ ରାଜ୍ୟରେ ସାମଗ୍ରିକ ଶିଳ୍ପ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପୋର୍ଟାଲରେ ଜନସାଧାରଣଙ୍କ ନିମନ୍ତେ ବିଭିନ୍ନ ଆଇନ ସମ୍ପର୍କରେ ସୂଚନା ଉପଲବ୍ଧ ହେବ ବୋଲି ପ୍ରକାଶ କରି ମୁଖ୍ରମନ୍ତ୍ରୀ କହିଥିଲେ ଯେ, ଏହାଦ୍ୱାରା ବିଭିନ୍ନ ଶିଳ୍ପସଂସ୍ଥାନ, ବ୍ୟବସାୟିକ ପ୍ରତିଷ୍ଠାନ, କ୍ଷୁଦ୍ର ଉଦ୍ୟୋଗୀ ଓ ଜନସାଧାରଣ ଉପକୃତ ହେବେ। ଆଗାମୀ ଦିନରେ ଏହି ପୋର୍ଟାଲରେ ୫୨ ପ୍ରକାର ସେବା ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶ୍ରମ ଓ କର୍ମଚାରୀ ବୀମା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସେବା ମନୋବୃତ୍ତି ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେବା ଗୁଡ଼ିକୁ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ସୁଶାନ୍ତ ସିଂ କହିଥିଲେ ଯେ, ଆଜିର ଏହି ନୂତନ ପୋର୍ଟାଲର ଉନ୍ମୋଚନ ଓ ଅନ୍‌ଲାଇନ୍ ସେବା ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପିତ ଶିଳ୍ପ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ। ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ଦିଗରେ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ବ୍ୟବସାୟିକ ପଦ୍ଧତିର ସରଳୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ୫-ଟି କାର୍ଯ୍ୟକ୍ରମରେ ଏହି ନୂତନ ପୋର୍ଟାଲକୁ ପ୍ରସ୍ତୁତ କରାଯାଇଛି। ଆଜିର ଏହି ୨୨ଟି ଅନ୍‌ଲାଇନ୍ ସେବା ରାଜ୍ୟର ଉଦ୍ୟୋଗୀ ମାନଙ୍କୁ ଅନ୍‌ଲାଇନ୍ ଜରିଆରେ ପଞ୍ଜୀକରଣ ପ୍ରମାଣପତ୍ର, ଲାଇସେନ୍ସ, କାରଖାନାର ନୂତନ ନକ୍‌ସାର ଅନୁମୋଦନ, ଲାଇସେନ୍‌ସର ବଦଳିକରଣ, ବାର୍ଷିକ ନିରୀକ୍ଷଣ ଓ ସାମୟିକ ନବୀକରଣ ଆଦି ଅନେକ ସୁବିଧା ମିଳିପାରିବ। ଏଥିସହିତ ପୋର୍ଟାଲରୁ ବିଭାଗ ଅଧିନସ୍ଥ ଶ୍ରମ ଆଇନ ସହିତ ଫର୍ମ, ବିଭିନ୍ନ ସେବା ନିମନ୍ତେ ଆବେଦନ ପ୍ରକ୍ରିୟା ଓ ପୈଠର ପରିମାଣ ସମ୍ପର୍କରେ ସୂଚନା ମିଳିପାରିବ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ସଚିବ ଚିତ୍ରା ଅରମୁଗମ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଶ୍ରମ କମିଶନର ତିରୁମଲ୍ଲା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପୋର୍ଟାଲ ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗର ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ, ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ, ଆଇଟି ବିଭାଗର ସଚିବ ମନୋଜ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଲଜ୍ଜାଜନକ ପରାଜୟ




**ଆଡିଲେଡ୍ :** ଭାରତୀୟ କ୍ରିକେଟ୍‌ର ୮୮ ବର୍ଷର ଇତିହାସରେ ଏମିତି କେବେ ଘଟି ନ ଥିଲା। ଅଷ୍ଟ୍ରେଲିଆ ଆଡିଲେଡ୍‌ରେ ମାତ୍ର ୩୬ ରନ୍‌ରେ ତାସ ଘର ଭଳି ଭୁଶୁଡିଗଲା ଭାରତୀୟ ଦଳର ଦ୍ୱିତୀୟ ଇନିଂସ। କୌଣସି ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କ ବି ଛୁଇଁପାରିଲେନି। ଦୃଢ଼ ସ୍ଥିତିରେ ଥାଉ ମଧ୍ୟ ଶନିବାର ଅବିଶ୍ୱସୀନୟ ଆତ୍ମସମର୍ପଣର ଅଲୋଡା ଧାରା ସୃଷ୍ଟି କରି 'ଗୋଲାପି ବଲ୍' ଲଢ଼େଇକୁ ମାତ୍ର ଅଢ଼େଇ ଦିନରେ ହାରିଗଲା ଭାରତୀୟ କ୍ରିକେଟ୍ ଦଳ। ଶନିବାର ଭାରତୀୟ ବ୍ୟାଟ୍ସମ୍ୟାନ୍‌ମାନେ ମାତ୍ର ୧୫.୨ ଓଭର୍ ତିଷ୍ଠିଥିଲେ। ଦ୍ୱିତୀୟ ଇନିଂସରେ ୨୧.୨ ଓଭର୍‌ରେ ଭୁଶୁଡ଼ି ପଡ଼ିବା ଫଳରେ ଭାରତର ଏହି ଦୁର୍ବଳ ବ୍ୟାଟିଂରେ ଯବନିକା ପଡ଼ିଥିଲା। ଦଳର ଜଣେ ବି ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କରେ ପହଞ୍ଚିପାରି ନ ଥିଲେ। ଏହା କ୍ରିକେଟ୍‌ର ଲମ୍ବା ଇତିହାସରେ ମାତ୍ର ଦ୍ୱିତୀୟ ଘଟଣା। ପୂର୍ବରୁ ୧୯୨୪ରେ ସାଉଥ୍ ଆଫ୍ରିକା ଇଂଲଣ୍ଡ ବିପକ୍ଷରେ ୩୦ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା ଓ ଦଳର ସର୍ବାଧିକ ବ୍ୟକ୍ତିଗତ ସ୍କୋର୍ ଥିଲା ୭। ଏଥିସହ ୯୬ ବର୍ଷ ପରେ ଭାରତ ଏପରି ଲଜ୍ଜାଜନକ ପ୍ରଦର୍ଶନକୁ ଦୋହରାଇଛି ଓ ଦଳର ସର୍ବାଧିକ ବ୍ୟକ୍ତିଗତ ସ୍କୋର୍ ୯ ରହିଛି, ଯାହାକି ଓପନର ମୟଙ୍କ ଅଗରୱାଲ୍ କହିଛନ୍ତି। ସେହିପରି ଭାରତ ୪୬ ବର୍ଷ ତଳର ନିଜର ସର୍ବନିମ୍ନ ଟେଷ୍ଟ୍ ସ୍କୋର୍ ୪୨ (୧୯୭୪, ଲର୍ଡ୍ସ, ପ୍ରତିପକ୍ଷ ଇଂଲଣ୍ଡ)କୁ ପଛରେ ପକାଇ ବିଦେଶରେ ନିଜର ପ୍ରଥମ ପିଙ୍କ୍ ବଲ୍ ଟେଷ୍ଟ୍‌ରେ ସମ୍ପୂର୍ଣ୍ଣ ଭାବେ ଫିକା ପଡ଼ିଯାଇଛି।

# ଭିଜିଲାନ୍ସ ଜାଲରେ ଡିଡିସିଇର ବରିଷ୍ଠ ସହାୟକ



**ଭୁବନେଶ୍ୱର :** ଦୁର୍ନୀତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଅଧିକ ସୃଦୃଢ଼ ହୋଇଛି ଭିଜିଲାନ୍ସ ବିଭାଗ। ଯେଉଁଥିପାଇଁ ଦିନକୁ ଦିନ ଦୁର୍ନୀତି କରୁଥିବା ଲୋକ ଧରା ପଡୁଛନ୍ତି। ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଏନେଇ ଏତେ ତତ୍ପର ହୋଇଉଠିଛି ଯେ, ଦୁର୍ନୀତିଖୋର ପ୍ରମାଦ ଗଣିଲେଣି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ବରିଷ୍ଠ ସହାୟକ ଅଶୋକ କୁମାର ମିଶ୍ରଙ୍କ ସରକାରୀ ବାସଭବନ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଥିଲା। ଯାଞ୍ଚ କରିବା ପରେ ତାଙ୍କର ସମୁଦାୟ ୧କୋଟି ୩୮ଲକ୍ଷ ୨୭ହଜାର ୭୫୫ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଭିଜିଲାନ୍ସ ସୂଚନା ଅନୁସାରେ ଶ୍ରୀ ମିଶ୍ରଙ୍କ ନାଁରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ଭିଜିଲାନ୍ସ ସ୍ପେଶାଲ ଜଜ୍ ଭୁବନେଶ୍ୱରଙ୍କ ପକ୍ଷରୁ ଏକ ସର୍ଚ୍ଚ ୱାରେଣ୍ଟ୍ ଜାରି କରାଯାଇଥିଲା। ଏହାପରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଶନିବାର ଅଶୋକଙ୍କ ମଞ୍ଚେଶ୍ୱରସ୍ଥିତ ଦୁଇମହଲା କୋଠା, ପଟିଆସ୍ଥିତ ଦୁଇମହଲା କୋଠା, ସରକାରୀ ବାସଭବନ, ସାଲେପୁର ସ୍ଥିତ ଗାଁ ଘରେ ଓ ଡିଡିସିଇ ଅଫିସରେ ଚଢ଼ାଉ କରାଯାଇଥିଲା। ଏହି ୫ଟି ସ୍ଥାନରେ ଚଢ଼ାଉ କରାଯିବା ପରେ ଅଶୋକ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଭୁବନେଶ୍ୱରରେ ୧୩ଲକ୍ଷ ୯୨ହଜାର ୩୭୩ ଟଙ୍କାର ଗୋଟିଏ ତିନିମହଲା କୋଠା, ୫୩ଲକ୍ଷ ୫୯ହଜାର ୭୯୭ଟଙ୍କାର ଦୁଇଟି ୨ମହଲା କୋଠା, କଟକ ସାଲେପୁରରେ ୬ଲକ୍ଷ ୯୨ହଜାର ୩୪୭ ଟଙ୍କାର ଗୋଟିଏ ଘର, ୨୮ଲକ୍ଷ ୧୨ହଜାର ୬୦୮ଟଙ୍କାର ୧୪ଟି ଦୋକାନଘର, ଭୁବନେଶ୍ୱରରେ ୧ଲକ୍ଷ ୧୨ହଜାର ୫୦୦ଟଙ୍କାର ୪ଟି ପ୍ଲଟ୍, ୫୩ହଜାର ୭୯୦ଟଙ୍କାର ଗୋଟିଏ ହିରୋହୁଣ୍ଡା ବାଇକ୍, ୧୪ଲକ୍ଷ ୧୦ହଜାର ୫୪୩ଟଙ୍କାର ବ୍ୟାଙ୍କ ଡିପୋଜିଟ୍, ୬ଲକ୍ଷ ୧୨ହଜାର ୨୫୦ଟଙ୍କାର ସୁନା ଓ ରୁପା ଅଳଙ୍କାର, ନଗଦ ୩ଲକ୍ଷ ୫୫ହଜାର ଟଙ୍କା ଓ ୯ଲକ୍ଷ ଟଙ୍କାର ଘରୋଇ ଆସବାବପତ୍ର ଠାବ କରାଯାଇଛି। ଏହାସହ ଘଟଣାର ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

# ବିଜ୍ଞାନ ଓ ଆତ୍ମନିର୍ଭର ଭାରତ ଶୀର୍ଷକ ୱେବିନାର



**ଭୁବନେଶ୍ୱର, (ପିଆଇବି):** ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ବିଜ୍ଞାନ ଓ ଆତ୍ମନିର୍ଭର ଭାରତ ଶୀର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୨ରୁ ୨୫ ତାରିଖ ମଧ୍ୟରେ ନୂଆଦିଲ୍ଲୀଠାରେ ଭର୍ଚୁଆଲ ମୋଡରେ ହେବାକୁ ଥିବା ଭାରତ ଆନ୍ତର୍ଜାତିକ ବିଜ୍ଞାନ ମହୋତ୍ସବ (ଆଇଆଇଏସଏଫ)୨୦୨୦ର ଅବ୍ୟବହିତ ପୂର୍ବରୁ ଏହି ୱେବିନାର ଆୟୋଜିତ ହୋଇଛି । ଆତ୍ମନିର୍ଭର ଭାରତ ଗଠନରେ ବିଜ୍ଞାନ ଓ ବୈଜ୍ଞାନିକଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ଯୋଗଦେଇ ଭୁବନେଶ୍ୱରସ୍ଥିତ ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦ (ସିଏସଆଇଆର) - ଆଇଏମଏମଟିର ନିର୍ଦ୍ଦେଶକ ସୁଧାସତ୍ୱ ବସୁ ଆତ୍ମନିର୍ଭର ଭାରତ ଗଠନ ପାଇଁ ଖଣିଜ ପଦାର୍ଥ ଉପଯୋଗର ବୈଷୟିକ ଉନ୍ନତି ହେବା ଆବଶ୍ୟକ ବୋଲି କହିଛନ୍ତି। ଖଣିଜ ପଦାର୍ଥରୁ ଉତ୍ପାଦିତ ସାମଗ୍ରୀ ଦେଶର ଭିତିଭୂମି ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ମାତ୍ର ଏଥିପାଇଁ ଆମଦାନୀ ଉପରେ ନିର୍ଭରଶୀଳ ନହୋଇ ଆତ୍ମନିର୍ଭରଶୀଳ ହୋଇ ଧାର୍ଯ୍ୟ ଲକ୍ଷ ପୂରଣ କରିବା ଆବଶ୍ୟକ। ଏହାଛଡା ଖଣିଜ ପଦାର୍ଥରୁ ସଂଗୃହୀତ କଂଚାମାଲ ପର୍ଯ୍ୟାପ୍ତ ଉପଲବ୍ଧ ହେଲେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଅଭିବୃଦ୍ଧି ସହ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ ବୋଲି ସେ କହିଥିଲେ। ଏଥିରେ ଯୋଗଦେଇ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ, ଧାନ ଓ ଗହମ କ୍ଷେତ୍ରରେ ଆମ ଦେଶ ଆତ୍ମନିର୍ଭରଶୀଳ ହୋଇଥିଲେ ମଧ୍ୟ ଏହାର ଗୁଣାତ୍ମକ ବିକାଶ ହେଲେ ଆମେ ନିଜର ଗୁଜୁରାଣ ମେଣ୍ଟାଇବା ସହ ବଳକା ଶସ୍ୟ ବାହାରକୁ ରପ୍ତାନୀ କରିପାରିବା । ଡାଲି ଓ ତୈଳବୀଜ ଜାତୀୟ ଶସ୍ୟ ଉତ୍ପାଦନ ଆମକୁ ବୃଦ୍ଧି କରିବାକୁ ହେବ। ଚାଷୀଙ୍କ ସଚେତନତା ସହ ବୈଜ୍ଞାନିକ ପରାମର୍ଶ ଓ ଉଦ୍ଭାବନ ନୂତନ କୃଷି ଯନ୍ତ୍ରପାତି ଉତ୍ପାଦନ ବୃଦ୍ଧିରେ ବିଶେଷ ସହାୟକ ହେବ। ନିକଟରେ ଘୋଷିତ କେନ୍ଦ୍ର ସରକାରଙ୍କ କୃଷି ନୀତି ଦେଶର କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ସହ କୃଷି କ୍ଷେତ୍ରକୁ ଆତ୍ମନିର୍ଭର କରିବାରେ ଯଥେଷ୍ଟ ସହାୟକ ହେବ ବୋଲି ସେ କହିଛନ୍ତି। ଏଥିରେ ଅଂଶଗ୍ରହଣ କରି ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁ ପାଣିପାଗ ବିଜ୍ଞାନର ଅଗ୍ରଗତି ଯୋଗୁଁ ଆଜି ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଅନେକ ସୁଧାର ଆସିଛି ବୋଲି କହିଛନ୍ତି। ସଠିକ ଆକଳନ ଯୋଗୁଁ ବିପର୍ଯ୍ୟୟ କବଳରୁ ଅନେକ ଧନ ଜୀବନ ହାନୀ ରୋକାଯାଇପାରିଛି। ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଓ ଅତିରିକ୍ତ ପ୍ରେସ ରେଜିଷ୍ଟ୍ରାର ଶୈଳେଶ କୁମାର ମାଳବ୍ୟ ଏହି ୱେବିନାରରେ ଅଧ୍ୟକ୍ଷତା କରିଥିବାବେଳେ ଗଣମାଧ୍ୟମ ଯୋଗାଯୋଗ ଅଧିକାରୀ ଡକ୍ଟର ପ୍ରଦୀପ କୁମାର ଚୌଧୁରୀ ୱେବିନାର ପରିଚାଳନା କରିଥିଲେ।

# ଉଦଳାରେ ନାହିଁ ଶବ ଦାହ କେନ୍ଦ୍ର; ସମସ୍ୟାର ସମାଧାନ କେବେ




**ଉଦଳା :** ନାହିଁ ଶ୍ମଶାନ। ଉଦଳା ବିଜ୍ଞପିତ ଅଞ୍ଚଳ ପରିଷଦରେ ସ୍ଥାୟୀ ଶ୍ମଶାନକୁ ନେଇ ଲୋକଙ୍କ ଅସନ୍ତୋଷ। ଦୀର୍ଘଦିନରୁ ଶ୍ମଶାନ ପାଇଁ ଦାବି ହୋଇ ଆସୁଥିବା ବେଳେ ଏହାର ସମାଧାନ ହୋଇପାରିନାହିଁ। ମୟୂରଭଞ୍ଜ ଜିଲ୍ଲାର ଏ ହେଉଛି ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ। ୧୨ ଗୋଟି ୱାର୍ଡକୁ ନେଇ ଏହି ବିଜ୍ଞାପିତ ଅଞ୍ଚଳ ଗଠିତ। ଲୋକ ସଂଖ୍ୟା ୧୪ ହଜାରରୁ ଊର୍ଦ୍ଧ୍ୱ। ଏହି ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ୧୯୭୩ ମସିହାରେ ଗଠିତ ହୋଇଥିବା ବେଳେ ଆଜିପର୍ଯ୍ୟନ୍ତ ସ୍ଥାୟୀ ଶ୍ମଶାନ ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେବେ ସ୍ଥାୟୀ ଶ୍ମଶାନ ପାଇଁ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଜଣେ ସମାଜସେବୀ ମହିଳା ୨୦୧୨ ମସିହାରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଅନେକ ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଉଦଳାରେ ସ୍ଥାୟୀ ଶ୍ମଶାନ ନଥିବାରୁ ସଂରକ୍ଷିତ ଜାଙ୍ଗଲରେ କେତେବେଳେ ଶବ ଦାହ କରାଯାଉଛି ତ ଆଉ କେତେବେଳେ ରାସ୍ତା କଡ ଓ ନଦୀ ପଠାରେ ଶବ ଦାହ କରାଯାଉଛି। ତେବେ ଏହା ଉଦଳା ବଜାର ତଥା ପାଖରେ ଗାଁ ଥିବାରୁ ପରିବେଶ ଉପରେ ପ୍ରଭାବ ପକାଉଥିବା ସ୍ଥାନୀୟ ଲୋକ କହିଛନ୍ତି। ଉଦଳାରେ ସ୍ଥାୟୀ ଶ୍ମଶାନ ନଥିବାରୁ ଶବ ଠାରୁ ଆରମ୍ଭ କରି ଶବ ଦାହ ପାଇଁ ଆସିଥିବା ଲୋକମାନେ ବର୍ଷା ଦିନ ହେଉ କି ଖରାଦିନ ହେଉ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବାର ପରିଲକ୍ଷିତ ହେଉଛି। ଏପରିକି ପ୍ରଶାସନକୁ ଜଣାଇ ଆସୁଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ତେବେ ଏ ସମ୍ପର୍କରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଶ୍ମଶାନ ପାଇଁ ସ୍ଥାନ ନିରୁପଣ ସାରିଥିବା ବେଳେ ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି।

# ଆହୁରି ବଢ଼ିବ ଶୀତ

**ଭୁବନେଶ୍ୱର :** ରାଜ୍ୟରେ ଶୀତର ପରିମାଣ ବୃଦ୍ଧିପାଇଥିବାବେଳେ କୁହୁଡ଼ିର ଆସ୍ତରଣ ହ୍ରାସପାଇଛି। କୌଣସି ଜିଲ୍ଲାରେ ରବିବାର ସକାଳୁ କୁହୁଡ଼ିର ଆସ୍ତରଣ ନଜରକୁ ଆସିବା ନେଇ ପୂର୍ବାନୁମାନ କରାଯାଇ ନ ଥିବାବେଳେ ଏନେଇ କୌଣସି ୱାର୍ଣ୍ଣିଂ ମଧ୍ୟ ଜାରି କରାଯାଇ ନାହିଁ। ବିଶେଷ କରି କହିବାକୁ ଗଲେ ଆସନ୍ତା ୭୨ ଘଣ୍ଟା ମଧ୍ୟରେ ସାରା ରାଜ୍ୟରେ ଦିନ ସମୟରେ ପାଗ ଶୁଖିଲା ରହିବ ଓ ରାତିରେ ୨ ଡିଗ୍ରୀ ଯାଏ ପାରଦ ଖସିବ ବୋଲି ଶନିବାର ଭୁବନେଶ୍ୱର ପାଣିପାଗ କେନ୍ଦ୍ରପକ୍ଷରୁ ପୂର୍ବାନୁମାନ କରାଯାଇଛି।













Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି